

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୮ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 APRIL 2023
Vol.No. 34 ■ No. 111 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗାଡ଼ିଚାଳକ ସାବଧାନ !

# ମାସକୁ ଆଦାୟ ହେବ ୧୪କୋଟି ଟଙ୍କାର ଜରିମାନା

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ଏଣିକି ଗାଡି ଚଳାଇବାବେଳେ ଜୋରଦାର ହେବ ଧରପଗଡ । ଏଥିପାଇଁ ଅଧିକାରୀଙ୍କୁ ଦିଆଯାଇଛି ମାସିକିଆ ଟାର୍ଗେଟ । କିଏ ଚାଲାଣ କାଟିବ, କେତେ ଟଙ୍କାର ଜରିମାନା ଆଦାୟ କରିବ ସେ ନେଇ ପୂରା ତାଲିକା ପ୍ରକାଶ ପାଇଛି । ଏ ନେଇ ସମସ୍ତ ଆରଟିଓ ଓ ଟ୍ରାଫିକ ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଛନ୍ତି ପରିବହନ କମିଶନର । ଅର୍ଥାତ ଫାଇନ ଆଦାୟ ଆଗ ଭାବେ ଗ୍ରହଣ କରାଯାଇଛି । ଲୋକଙ୍କ ସୁରକ୍ଷାକୁ ଆଦୌ ଗୁରୁତ୍ୱ ଦିଆଯାଇନାହିଁ । ଏଣିକି ଗାଡ଼ି ଚଳାଇବା ବେଳେ ନିୟମ ଭାଙ୍ଗିଲେ ନିସ୍ତାର ମିଳିବ ନାହିଁ । କାରଣ ଜୋରଦାର ହେବ ଧରପଗଡ଼ । ସମସ୍ତ ଆରଟିଓ, ବଡ଼ବିଲ,ଖୋର୍ଦ୍ଧା ରାଇରଙ୍ଗପୁରର

**ବିଭାଗର ଅଧିକାରୀଙ୍କୁ ଟାର୍ଗେଟ ଦେଲେ ପରିବହନ କମିସନର**



ଅତିରିକ୍ତ ଆରଟିଓ ଏବଂ ଛତ୍ରପୁର, ସମ୍ବଲପୁରର ଟ୍ରାଫିକ୍ ଡେପୁଟି ସୁପରିଟେଣ୍ଡଣ୍ଟଙ୍କୁ ଟ୍ରାନ୍ସପୋର୍ଟ କମିସନର ଚିଠି ଲେଖି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ବଡ଼ ଠାରୁ ଛୋଟ ପର୍ଯ୍ୟନ୍ତ ସବୁ ଅଧିକାରୀଙ୍କୁ ଦିଆଯାଇଛି ମାସିକିଆ ଟାର୍ଗେଟ । କିଏ କେତେ ଚାଲଣ କାଟିବ, କେତେ ଟଙ୍କାର ଜରିମାନା ଆଦାୟ କରିବ, ଏ ନେଇ ପୂରା ତାଲିକା ପ୍ରକାଶ ପାଇଛି । ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି ସୁପ୍ରିମକୋର୍ଟ, ଆଉ ତଥ୍ୟ କହୁଛି ଡ୍ରାଇଭରର ଭୁଲ ଯୋଗୁଁ ହେଉଛି ଦୁର୍ଘଟଣା । ତେଣୁ ନିୟମକୁ କଡ଼ାକଡ଼ି ଲାଗୁ କରିବା ଉପରେ ଜୋର ଦିଆଯାଇଛି । ତେବେ ପରିବହନ ବିଭାଗର ଜନସାଧାରଣ ଓ ଗାଡ଼ି ଚାଳକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ବେଶ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ରାଜସ୍ୱ ପାଇଁ ଜିଲ୍ଲା ଭିତ୍ତିରେ ବିଭାଗର ମାସିକିଆ ଟାର୍ଗେଟକୁ ସହଜରେ ଗ୍ରହଣ କରିହେଉନି । ପରିବହନ ବିଭାଗ ଯେଉଁ ଚିଠି ଦେଇଛି, ତାହା ଜଳଜଳ କରି ଦର୍ଶାଉଛି ଯେ ଫାଇନ ଆଦାୟ କରି ରାଜସ୍ୱ ବଢ଼ାଇବା ହେଉଛି ବିଭାଗର ମୁଖ୍ୟ ଲକ୍ଷ୍ୟ । କିପରି ସଡ଼କ ଦୁର୍ଘଟଣା କମିବ, କିପରି ଲୋକ ଅଧିକ ସଚେତନ ହେବେ, କିପରି ଯାଞ୍ଚ ବଢ଼ିବ, ଏ ନେଇ କୌଣସି ଟାର୍ଗେଟ ଦିଆଯାଇନାହିଁ । ବିଭାଗର ସଂପୂର୍ଣ୍ଣ ଫୋକସ ରହିଛି କେତେ ଟଙ୍କାର ଫାଇନ୍ କାଟିବେ ଅଧିକାରୀ । ଭୁବନେଶ୍ୱର-୧ ପାଇଁ ୫୦ ଲକ୍ଷର ଟାର୍ଗେଟ ରହିଥିବା ▶▶ପୃଷ୍ଠା ୭

## ରତ୍ନଭଣ୍ଡାର ପ୍ରସଙ୍ଗ :

# ମିଳିଥିବା ଡୁପ୍ଲିକେଟ୍ ଚାବି ରତ୍ନଭଣ୍ଡାରର କି ନୁହେଁ ରଖନ୍ତୁ ସ୍ୱଷ୍ଟୀକରଣ : ପିତାମ୍ବର ଆଚାର୍ଯ୍ୟ

ଭୁବନେଶ୍ୱର, ୨୭/୦୪ (ନି.ପ୍ର): : ରତ୍ନଭଣ୍ଡାର ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଲେ ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପିତାମ୍ବର ଆଚାର୍ଯ୍ୟ । କହିଛନ୍ତି ରତ୍ନଭଣ୍ଡାର ଲୁଟ ହେବା କଥା ସତ । ପ୍ରଶାସନକୁ ପ୍ରଶ୍ନ ପଚାରି ସିଧା ପଚାରି କହିଛନ୍ତି କୁଆଡ଼େ ଗଲା ରତ୍ନଭଣ୍ଡାରର ଚାବି । ମିଳିଥିବା ଡୁପ୍ଲିକେଟ୍ ଚାବି ରତ୍ନଭଣ୍ଡାରର କି ନୁହେଁ ସ୍ୱଷ୍ଟୀକରଣ ରଖନ୍ତୁ ସରକାର । ବିଧାନସଭାରେ ଉପସ୍ଥାପନ ସହ ତାଙ୍କ ସୁପାରିସ ଉପରେ କଣ ଆକ୍ସନ ନିଆଯାଇଛି ତାକୁ ସାର୍ବଜନୀନ କରିବାକୁ ଦାବି କରିଛି ବିଜେପି । ଏଏସଆଇ ହାଇକୋର୍ଟରେ କହିଛନ୍ତି ରତ୍ନଭଣ୍ଡାର ଅସୁରକ୍ଷିତ ଅଛି । ତେଣୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଏଏସଆଇକୁ ସରକାର ଦିଅନ୍ତୁ ବୋଲି ବିଜେପି ଦାବି କରିଛି । ଜଗନ୍ନାଥଙ୍କ



ପ୍ରକୃତ ଭକ୍ତ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ସରକାର ।

# ନିଜକୁ ଭୂତ ସଭାପତି ଦାବି କରୁଥିବା ତନ୍ତ୍ରସାଧକ ବିପିନ୍ ରାଉତରାୟ ଗିରଫ



ଭୁବନେଶ୍ୱର, ୨୭/୦୪ (ନି.ପ୍ର): ଗିରଫ ହୋଇ ଜେଲ ଯାଇଛନ୍ତି ଆତ୍ମଘୋଷିତ ଭୂତଙ୍କ ସଭାପତି ବିପିନ ରାଉତରାୟ । ନିଜକୁ ଭୂତଙ୍କ ସଭାପତି ବୋଲି ଦାବି କରି ସାମାଜିକ ଗଣମାଧ୍ୟମରେ ବେଶ ଚର୍ଚ୍ଚାରେ ଥିଲେ ବିପିନ ରାଉତରାୟ । ୪୦ଲକ୍ଷ ଭୂତ ତାଙ୍କ କଥାରେ ଉଠ୍ ବସ ହେଉଥିବା ବାହାସ୍ଫୋଟ ମାରୁଥିଲେ । ତନ୍ତ୍ରପାଠ କରି ରାଜଧାନୀକୁ ୪୫ମିନିଟ୍ ଅନ୍ଧାର କରି ଦେଇଥିବା ଦାବି କରିଥିଲେ । ତେବେ ବିପିନଙ୍କ ନାଁରେ ୩ଟି ୱାରେଣ୍ଟ୍ ରହିଥିଲା । ଦୁଇ ଦୁଇଟି ଗୁଳିମାଡ ଘଟଣାରେ ସେ ସଂପୃକ୍ତ ଥିବା ଅଭିଯୋଗ ରହିଛି । ତେବେ ନିଜକୁ ଭୂତଙ୍କ ସଭାପତି କହୁଥିବା ବିପିନ ରାଉତରାୟ କହିଥିଲେ, ମଶାଣି ଭିତରେ ୧୫ ମିନିଟ ମନ୍ତ୍ର ପଢିବା ପରେ ୪୦ ଲକ୍ଷ ଭୂତ ଆସିଥିଲେ । ଜଣେ ପ୍ରତିଷ୍ଠିତ ରାଜନେତାଙ୍କ ପ୍ରେତାତ୍ମା ସହ ବାର୍ତ୍ତାଳାପ କରିଥିବା ଦାବି କରିଥିଲେ । ତନ୍ତ୍ରପାଠ କରି ରାଜଧାନୀକୁ ୪୫ମିନିଟ୍ ଅନ୍ଧାର କରିଦେଇଥିବା ଦାବି କରିଥିଲେ । ଏଭଳି ଭୂତ ନାଁରେ ଆଇ ମା କାହାଣୀ କରି ଭତ ପ୍ରେତଙ୍କ ସଭାପତି କହୁଥିବା ବିପିନ ଏବେ ହତ୍ୟା ମାମଲାରେ ଗିରଫ ହୋଇଛନ୍ତି । ଏବେ ଏକ ପୁରୁଣା ମାମଲାରେ ଗିରଫ ହୋଇଛନ୍ତି ଖୋର୍ଦ୍ଧା ନନ୍ଦପୁର ଗାଁର ବିପିନ ରାଉତରାୟ । ବିପିନଙ୍କ ନାଁରେ ୩ଟି ଆରେଷ୍ଟ ୱାରେଣ୍ଟ ରହିଥିଲା । ଦୀର୍ଘଦିନ ଧରି ପୁଲିସକୁ ଚକମା ଦେଇ ଫେରାର ଥିଲେ ବିପିନ ରାଉତରାୟ । ବିପିନ ବୁଧବାର ଦିନ ନନ୍ଦପୁର ଆସିଥିବାବେଳେ ପୁଲିସ ତାଙ୍କୁ ଉଠାଇନେଇଛି । ବିପିନଙ୍କ ନାଁରେ ୨୦୧୩ ଓ ୨୦୧୬ ମସିହାରୁ ୩ଟି ମାମଲାର ୱାରେଣ୍ଟ ରହିଥିଲା । ୨୦୧୩ରେ ଏକ ଜମିଜମା ମାମଲାରେ ସମ୍ପର୍କୀୟ ଭାଇ କେଦାର ରାଉତରାୟଙ୍କୁ କାଇପଦର ନିକଟରେ ଗୁଳିମାଡ କରିଥିବାବେଳେ ୨୦୧୬ରେ ମଳିପଡାରେ କୃପାସିନ୍ଧୁ ବଳିଆରସିଂଙ୍କୁ ଗୁଳିମାଡ କରିଥିବା ଅଭିଯୋଗ ରହିଛି । ଜାମିନ ନାମଞ୍ଜୁର ହେବା ପରେ ବିପିନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । କିନ୍ତୁ ସେ ଭୁବନେଶ୍ୱରରେ ଥିଲେ ବି ପୁଲିସ ଏତେ ଦିନ ଯାଏଁ କିଭଳି ସୁରାକ ପାଇନଥିଲା ତାକୁ ନେଇ ପ୍ରଶ୍ନ ଉଠିଛି । ପୁଲିସକୁ ଚକମା ଦେଖାଇ ବିପିନ କିଭଳି ଖସିଯାଉଥିଲେ ତାହା ବି ଚର୍ଚ୍ଚାର ବିଷୟ ପାଲଟିଛି ।

## ଲାଂଚ ମାମଲାରେ ପୂର୍ବତନ ସରପଂଚଙ୍କୁ ୨ ବର୍ଷ ଜେଲ୍

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ମା' ନାମରେ ଅନ୍ତୋଦୟ କାର୍ଡ କରାଇଦେବାକୁ ପୁଅ ଠାରୁ ୨ ହଜାର ଟଙ୍କା ଲାଂଚ ନେବା ମାମଲାରେ ସୁନ୍ଦରଗଡ଼ ଜିଲ୍ଲା ସବଡେଗା ବ୍ଲକ୍ କୁଲବା ପଂଚାୟତ ପୂର୍ବତନ ସରପଂଚ ଜୟନ୍ତୀ ପ୍ରଧାନ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗୁରୁବାର ତାଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ୨ ବର୍ଷ ଜେଲ୍ ଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦାୟରେ ଜେଲ ଦଣ୍ଡ ୧ ମାସ ବୃଦ୍ଧି ହେବ ବୋଲି ବିଚାରପତି ଆଦେଶରେ ଉଲ୍ଲେଖ କରିଛନ୍ତି।

## ଜଟଣୀ ପୌରପାଳିକାର ପୂର୍ବତନ ହିସାବରକ୍ଷକଙ୍କୁ ୪ ବର୍ଷ ଜେଲ

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ୨୦୧୫ ମସିହାରେ ଏକ ନିର୍ମାଣ କାମର ଶେଷ ବିଲ୍ କରିବାକୁ ଜଣେ ଠିକାଦାରଙ୍କ ଠାରୁ ୩୫ ହଜାର ଟଙ୍କା ଲାଂଚ ନେବା ମାମଲାରେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ଜଟଣୀ ପୌରପାଳିକାର ପୂର୍ବତନ ହିସାବରକ୍ଷକ ଶରତ କୁମାର ଦାଶଙ୍କୁ ୪ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ଏଥି ସହିତ କୋର୍ଟ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ ମାସ ଜେଲ ଦଣ୍ଡ ହେବ ବୋଲି କହିଛନ୍ତି।

# ୧୫ ବର୍ଷ ପରେ ଜେଲରୁ ବାହାରିଲେ ଆନନ୍ଦ ମୋହନ

ନୂଆଦିଲ୍ଲୀ,୨୭/୦୪ : ଜଣେ ଆଇଏଏସ୍ ଅଫିସରଙ୍କୁ ହତ୍ୟା କରିଥିବା ପୂର୍ବତନ ଆରଜେଡି ସାଂସଦ ଆନନ୍ଦ ମୋହନ ସିଂ ୧୫ ବର୍ଷ ପରେ ଜେଲରୁ ବାହାରିଛନ୍ତି । ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ଆନନ୍ଦ ସିଂ ୧୯୯୪ରେ ବିହାରର ଗୋପାଳଗଞ୍ଜ ଜିଲ୍ଲା ମାଜିଷ୍ଟ୍ରେଟ୍ ଜି କ୍ରିଷ୍ଣୟାଙ୍କୁ ହତ୍ୟା କରିଥିଲେ । ୨୦୦୭ରେ ତାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ ଟ୍ରାଏଲ କୋର୍ଟ । ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରିଥିଲେ ଆନନ୍ଦ । ପରେ ପାଟଣା ହାଇକୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଥିଲେ । ନିକଟରେ ତାଙ୍କ ପୁଅର ବିବାହ ପାଇଁ ଆନନ୍ଦ ପାରୋଲରେ ଆସିଥିଲେ । ପାରୋଲ ଶେଷ ହେବା ପରେ ଏପ୍ରିଲ ୨୬ରେ ସେ ପୁଣି ଜେଲକୁ ଫେରିଥିଲେ । ଆଉ ଏହାର ଦିନକ ପରେ ଅର୍ଥାତ୍ ଗୁରୁବାର ଜେଲରୁ ମୁକୁଳିଛନ୍ତି । ଯାହାକୁ ବିରୋଧ କରିଛନ୍ତି ପୂର୍ବତନ ଆଇଏଏସଙ୍କ ପରିବାର । ସ୍ୱର୍ଗତ ଜି କ୍ରିଷ୍ଣୟାଙ୍କ ସ୍ତ୍ରୀ ଏବଂ ଝିଅ ଏହି ମାମଲରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ଏଥିରେ ହସ୍ତକ୍ଷେପ ଲୋଡିଛନ୍ତି । ନିୟମ ଅନୁସାରେ, ସରକାରୀ ଅଫିସର ଅବା କର୍ମଚାରୀ ଡ୍ୟୁଟିରେ ଥିବା ବେଳେ ତାଙ୍କୁ ହତ୍ୟା କଲେ ହତ୍ୟାକାରୀଙ୍କ ଦଣ୍ଡାଦେଶ କୌଣସି କୋହଳ କରିହେବ ନାହିଁ । କିନ୍ତୁ ବିହାର ସରକାର ୨୦୧୨ରେ ଏହି ନିୟମରେ ପରିବର୍ତ୍ତନ କରିଥିଲେ । ୧୪ ବର୍ଷରୁ ଅଧିକ ସମୟ ଧରି ଜେଲରେ ଥିବା କଏଦୀଙ୍କୁ ମୁକ୍ତ କରିବାକୁ ନିୟମ କରିଥିଲେ । ଏହି ନିୟମ ଆଧାରରେ ଆନନ୍ଦ ମୋହନଙ୍କ ସହ ୨୭ ଜଣ କଏଦୀଙ୍କୁ ବିହାର ସରକାର ମୁକ୍ତ କରିଛନ୍ତି । ଯାହାକୁ ବିରୋଧ କରିଛନ୍ତି ବିରୋଧୀ ବିଜେପି ସହ

**ଆଇଏଏସ ଅଫିସରଙ୍କୁ ହତ୍ୟା ମାମଲା**



ଆଇଏସ୍ ସଂଘ । ଆନନ୍ଦ ମୋହନଙ୍କ ପୁଅ ଏବେ ଆରଜେଡିର ବିଧାୟକ ଥିବା ବେଳେ ସେ ବି ଆରଜେଡିରେ ଯୋଗଦେବେ ବୋଲି କୁହାଯାଉଛି । ଯଦି ସେ ବିହାରର କଂଗ୍ରେସ, ଆରଜେଡି, ଜେଡିୟୁ ମହା ଗଠବନ୍ଧନରେ ସାମିଲ ହୁଅନ୍ତି, ତେବେ ଲୋକେ ଏହାକୁ କିପରି ଗ୍ରହଣ କରୁଛନ୍ତି ଏବଂ ଏହା ମେଂଟ ସରକାର ପାଇଁ ଭଲ ହେବ ନା ଖରାପ ତାକୁ ନେଇ ପ୍ରଶ୍ନ ଉଠିଛି ।

# ଗୋଟିଏ ବର୍ଷରେ ଦେଶରୁ ଜବତ ହେଲାଣି ୪୦ କୁଇଂଟାଲ ଚୋରା ସୁନା !

ନୂଆଦିଲ୍ଲୀ,୨୭/୦୪ : ସାରା ବିଶ୍ୱରେ ସୁନା ଦର ବଢିବା ଏବଂ ଭାରତର ଆମଦାନୀ କର ବୃଦ୍ଧି ଯୋଗୁ ଦେଶରେ ବେଆଇନ ସୁନା କାରବାର ବୃଦ୍ଧି ପାଇବାରେ ଲାଗିଛି । ବର୍ଷଟରେ ମଧ୍ୟରେ ଦେଶରୁ ୪୦ କୁଇଂଟାଲ ସୁନା ଜବତ କରାଯାଇଛି । ଏଥିରୁ ୬୩ ପ୍ରତିଶତ ସୁନା ବିମାନବନ୍ଦରୁ ଜବତ ହୋଇଛି । ଏପ୍ରିଲ ୨୦୨୨ରୁ ଫେବୃଆରୀ ୨୦୨୩ ମଧ୍ୟରେ ରାଜସ୍ୱ ଗୁଇନ୍ଦା ବିଭାଗ ଏବଂ କଷ୍ଟମ ବିଭାଗ ଏହି ସୁନା ଜବତ କରିଛନ୍ତି । ସବୁଠୁ ବଡ କଥା ହେଉଛି ଏହି କାରବାର ପଛରେ ବିମାନ କର୍ମଚାରୀ ଏବଂ ଅଫିସରଙ୍କର ମଧ ହାତ ରହୁଛି । ଏହି କାରବାରରେ ସମ୍ପୃକ୍ତ ୨୯ ବିମାନ କର୍ମଚାରୀ ମଧ ଗିରଫ ହୋଇଛନ୍ତି । ୮୧ କିଲୋ ସୁନା ଏୟାରଲାଇନ୍ କ୍ରିୟୁ କେବିନ୍ରୁ ଜବତ ହୋଇଛି । ଏପ୍ରିଲ ୨୦୨୨ରୁ ଫେବୃଆରୀ ୨୦୨୩ ମଧ୍ୟରେ ୪୦ କ୍ୱିଣ୍ଟାଲ ସୁନା ଜବତ ହୋଇଛି ଓ ରାଜସ୍ୱ ଗୁଇନ୍ଦା ବିଭାଗ ଏବଂ କଷ୍ଟମ ବିଭାଗ ହାତରେ ତାହା ଧରାପଡିଛି । ଚୋରି ପଛରେ ବିମାନ କର୍ମଚାରୀଙ୍କ ରହିଛି ହାତ ରହିଥିବା ବେଳେ ୨୯ଜଣ ବିମାନ କର୍ମଚାରୀ ଗିରଫ ହୋଇଛନ୍ତି । ଚେନ୍ନାଇରେ ସର୍ବାଧିକ ବିମାନବନ୍ଦର କର୍ମଚାରୀ ଏଥିରେ ସମ୍ପୃକ୍ତ । ୨୦୨୨-୨୩ରେ ପ୍ରଥମ ୧୧ ମାସରେ ୪୦୦୦ କିଲୋ ସୁନା ଜବତ ହୋଇଥିବା ବେଳେ ସେଥିରୁ

**କେବଳ ବିମାନବନ୍ଦରରରୁ ଜବତ ହୋଇଛି ୬୩ ପ୍ରତିଶତ ସୁନା, ରହୁଛି ବିମାନ କର୍ମଚାରୀଙ୍କ ସମ୍ପୃକ୍ତି !**



୬୩% ପ୍ରତିଶତ ସୁନା ବିମାନବନ୍ଦରରୁ ଜବତ କରାଯାଇଛି । ଗତ ୪ ବର୍ଷ ମଧ୍ୟରେ ଚଳିତ ବର୍ଷ ସର୍ବାଧିକ ସୁନା ଜବତ ହୋଇଛି । ମୁମ୍ବାଇ ବିମାନବନ୍ଦରରୁ ସର୍ବାଧିକ ୬୦୪.୫ କିଲୋ ସୁନାଜବତ ହୋଇଥିବା ବେଳେ ଦିଲ୍ଲୀ ବିମାନବନ୍ଦରରୁ ୩୭୪.୫ କିଲୋ, କାଲିକଟ ବିମାନବନ୍ଦରରୁ ୨୯୧.୩ କିଲୋ, କୋଚିନ୍ ବିମାନବନ୍ଦରରୁ ୧୫୪.୫ କିଲୋ, ହାଇଦ୍ରାବାଦ ବିମାନବନ୍ଦରରୁ ୧୨୪.୩ କିଲୋ ଜବତ ହୋଇଛି । ଆମଦାନୀ କର ବଢିବା ପରିବର୍ତ୍ତେ ଚୋରା ସୁନା କରବାର ବଢୁଛି ! କର ବୃଦ୍ଧି ଯୋଗୁ ଦେଶରେ ୨୪% କମିଛି ସୁନା ଆମଦାନି ।

# ୧୫ ଜିଲ୍ଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୭/୦୪ : ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିବ। କିଛି ଜିଲ୍ଲାରେ କୁଆ ପଥର ବର୍ଷା ସହ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଏହି ସମୟରେ ୪୦ରୁ ୫୦ କିମି ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ , ବାଲେଶ୍ୱର ଭଦ୍ରକ, ଢେଙ୍କାନାଳ, ଯାଜପୁର, କଟକ, ନୟାଗଡ, ଖୋର୍ଦ୍ଧା, କନ୍ଧମାଳ, ଗଜପତି, ଗଂଜାମ, ରାୟଗଡା ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ସହ ୩୦ରୁ ୪୦ କିମି ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଛି। ଏହି ସମୟରେ କୋରାପୁଟ, ରାୟଗଡା, ଗଜପତି ଓ ମୟୁରଭଂଜ ଜିଲ୍ଲାରେ କୁଆପଥର ବର୍ଷା ହୋଇପାରେ। ଏଥିପାଇଁ ଏସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୮ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡା, ଗଜପତି, ଗଂଜାମ ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିପାରେବ। ଏହି ସମୟରେ ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ




ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ମାଲକାନଗିରି, କୋରାପୁଟ, ନୂଆପଡା, ବଲାଙ୍ଗିର, ସୋନପୁର, ସମ୍ବଲପୁର, ବୌଦ୍ଧ, ଅନୁଗୁଳ, ନୟାଗଡ, କଟକ, ଢେଙ୍କାନାଳ କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସହ ୩୦ରୁ ୪୦ କିମି ବେଗରେ ପବନ ବହିବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର।

# ନଣନ୍ଦେଇର ଠେଙ୍ଗା ମାଡରେ ଶଳା ଭାଉଜ ଗୁରୁତର

ବୌଦ୍ଧ, ୨୭/୦୪ (ନି.ପ୍ର): ହରଭଙ୍ଗା ଗ୍ରାମରେ ନଣନ୍ଦେଇର ଠେଙ୍ଗା ମାଡରେ ଶଳା ଭାଉଜ ଗୁରୁତର ହୋଇଛନ୍ତି । ତାଙ୍କୁ ବୁଧବାର ଦିନ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନାର ହରଭଙ୍ଗା ଗ୍ରାମରେ ୨୪ ତାରିଖ ଦିନ ସ୍ୱାମୀ ସ୍ତ୍ରୀ କଳହରେ ଜ୍ୱାଇଁ ଶୁଶାନ୍ତ ଭୋକ୍ତା ଉତକ୍ଷିପ୍ତ ହୋଇ ଏକ ଠେଙ୍ଗାରେ ଶଳା ଭାଉଜ ବନୀତାଙ୍କ ମୁଣ୍ଡରେ ଶକ୍ତ ଅଘାତ ଦେଇଥିଲା। ସ୍ଥାନୀୟ ଲୋକେ ବନୀତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବୌଦ୍ଧ ମେଡିକାଲକୁ ପଠାଇଥିଲେ। ତେବେ ସେଠାରେ ବନୀତାଙ୍କ ଅବସ୍ଥା ସଂଙ୍କଟାପନ୍ନ ହେବାରୁ ତାଙ୍କୁ ପ୍ରଥମେ ବୁର୍ଲା ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍ୱାମୀ ସ୍ତ୍ରୀ କଳହରେ ଶାଶୁ ଘର ପରିବାର ଲୋକେ ସମାଧାନ କରିବା ପରିବର୍ତ୍ତେ ବୋହୁର ମୁଣ୍ଡଫଟାଇ ଲହୁଲୁହାଣ କରି ମୁମୂର୍ଷ ଅବସ୍ଥାରେ ଘର ଭିତରେ ତାଲା ପକାଇ ଜୀବନ ରେ ମାରିଦେବାକୁ ଉଦ୍ୟମ କରୁଥିବା ନେଇ ହରଭଙ୍ଗା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମତେ ଲୁଣିବାହାଲ ଅଞ୍ଚଳର ବନୀତା ନାମ୍ନୀ ଝିଅ ହରଭଙ୍ଗା ଗ୍ରାମର ଏକାଦଶୀ ଅମାତ ଙ୍କୁ ୨ ବର୍ଷ ତଳେ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀ ଭଲରେ ଚଳୁଥିବା ବେଳେ ୨୩ ତାରିଖରେ ଉଭୟ ଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ଯୁକ୍ତିତର୍କ ହେବା ପରେ ଏକାଦଶୀ ଗାଁଭିତରକୁ ଚାଲିଯାଇଥିଲେ । ହେଲେ ଘରେ ଥିବା ନଣନ୍ଦର ସ୍ୱାମୀ (ନଣନ୍ଦେଇ) ଶୁଶାନ୍ତ ଭୋକ୍ତା ଉତକ୍ଷିପ୍ତ ହୋଇ ଏକ ଠେଙ୍ଗାରେ ବନୀତା ଙ୍କ ମୁଣ୍ଡରେ ଶକ୍ତ ଅଘାତ ଦେଇଥିଲା । ବନୀତା ତଳେପଡି ଛଟପଟ ହେଉଥିବା ବେଳେ ଶାଶୁ କାଞ୍ଚନ ଓ ନଣନ୍ଦ ବାସନ୍ତି ମୁମୂର୍ଷ ଅବସ୍ଥାରେ ବନୀତା କୁ ଏକ ଘରେ ପୁରାଇ ତାଲା ପକାଇ ଦେଇଥିଲେ । ୨୪ ତାରିଖ ସକାଳେ ଏ ଘଟଣା ପ୍ରଘଟ ହେବାପରେ ସ୍ଥାନୀୟ ଲୋକେ ବନୀତା କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେବାସହ ଚିକିତ୍ସା ପାଇଁ ବୌଦ୍ଧ ପଠାଇଥିଲେ । ତେବେ ସେଠାରେ ବନୀତା ଙ୍କ ଅବସ୍ଥା ସଂଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଓ ପରେ କଟକ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିବା କୁହାଯାଇଛି । ବନୀତା ଙ୍କ ପରିବାର ଲୋକେ ୨୫ ତାରିଖ ସଂଧ୍ୟାରେ ହରଭଙ୍ଗା ଥାନାରେ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସଆଇ ଲକ୍ଷ୍ମଣ ମଲ୍ଲିକ କହିଛନ୍ତି ।

# କେନ୍ଦୁଝରରେ ମହାପ୍ରଭୁଙ୍କ ରଥ ନିର୍ମାଣର ନିଆରା ପରମ୍ପରା

କେନ୍ଦୁଝର, ୨୭/୦୪ (ନି.ପ୍ର): ଗିନିଜ୍ ବୁକ ଅଫ ଓ୍ୟାଲର୍ଡ ରେକର୍ଡରେ ସ୍ଥାନ ପାଇଥିବା ବିଶ୍ୱର ସର୍ବ ବୃହତ ତଥା ଉଚ୍ଚତା ବିଶିଷ୍ଟ କେନ୍ଦୁଝର ରଥ ର ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ରହିଛି ଏକ ନିଆରା ପରମ୍ପରା। ପ୍ରାୟତଃ ଜଗନ୍ନାଥଙ୍କ ମନ୍ଦିର ମାନଙ୍କର ପରମ୍ପରାନୁଶାରେ ରଥ ନିର୍ମାଣର କାର୍ଯ୍ୟ ଆରମ୍ଭ ପାଇଁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିଥାଏ । କିନ୍ତୁ କେନ୍ଦୁଝର ରେ ରହିଥିବା ପରମ୍ପରାନୁଶାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ନିଜେ ମହାପ୍ରଭୁ ବଳଦେବଜୀଉ ଠାକୁର , ରଥ ନିକଟକୁ ଆସି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଆଜ୍ଞା ପ୍ରଦାନ କରିଥାଆନ୍ତି । କେନ୍ଦୁଝରର ରଥ ଯାତ୍ରା ପରମ୍ପରା ସହିତ ବଣ ପାହାଡରେ ରହୁଥିବା ଆଦିବାସୀ ଭୂୟାଁ , ଜୁଆଙ୍ଗ ସଂପ୍ରଦାୟ ସଂପର୍କ ଯୋଡା ହୋଇ ରହିଥିବା ଦୃଷ୍ଟିରୁ ସେହି ସଂପ୍ରଦାୟର ଲୋକମାନେ ଯେତେବେଳେ ସହରକୁ ଆସନ୍ତି ସେତେବେଳେ ସେମାନଙ୍କର ଦର୍ଶନ ଉଦ୍ଦେଶ୍ୟରେ ରଥକୁ ଖୋଲା ନ ଯାଇ ବଡଦାଣ୍ଡରେ ଦଣ୍ଡାୟମାନ ଅବସ୍ଥାରେ ରଥ ରହିଥାଆନ୍ତି । ବିଧି ଅନୁଶାରେ ଅକ୍ଷୟ ତୃତୀୟା ଠାରୁ ରଥ ନିର୍ମାଣର କାର୍ଯ୍ୟ ଆରମ୍ଭ ହୋଇଥାଏ । ସେହି ବିଧି ଅନୁସାରେ କେନ୍ଦୁଝରର ଆରାଧ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କର ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ। ସଂଧ୍ୟା ସମୟରେ ବିମାନ ଶୋଭାଯାତ୍ରାରେ ସୁଦର୍ଶନଙ୍କ ସହ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉ ଙ୍କର ଚଳନ୍ତି ପ୍ରତିମା ରଥ ନିକଟରେ ପହଂଚିଥାନ୍ତି । ସେଠାରେ ପୂଜାର୍ଚ୍ଚନା ପରେ ମୁଖ୍ୟ ମହାରାଣା ଆରମ୍ଭ କରିଥାନ୍ତି ରଥ ନିର୍ମାଣ କାର୍ଯ୍ୟ , ଯେହେତୁ କେନ୍ଦୁଝରର ରଥ ପ୍ରତ୍ୟେକ ବର୍ଷ ନୂତନ ଭାବେ ନିର୍ମାଣ ହୋଇ ନଥାଏ ଏବଂ କେବଳ ମରାମତି ହିଁ ହୋଇଥାଏ । ତେଣୁ ଏହି ମରାମତି କାର୍ଯ୍ୟ ନେତ୍ରୋତ୍ସବ ପୂର୍ବରୁ ସମାପନ ହୋଇଥାଏ । କେନ୍ଦୁଝରରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରାୟ ଏକ ହଜାର ବର୍ଷର ପୁରୁଣା । ସେବେଠାରୁ ଚାଲି ଆସଛି ଏଠାରେ ମହାପ୍ରଭୁଙ୍କ ରଥଯାତ୍ରା । ୧୬୭୧ ମସିହାରେ କେନ୍ଦୁଝରର ଆରାଧ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଭବ୍ୟ ମନ୍ଦିର ପ୍ରତିଷ୍ଠା ହେବା ପରେ ୭୨ ଫୁଟ ଉଚ୍ଚତା ଓ ୪୫ ଫୁଟ ଦୈର୍ଘ ବିଶିଷ୍ଟ ରଥ ନିର୍ମାଣ ହୋଇଥିଲା । ଯାହାର ନାମକରଣ ନନ୍ଦିଘୋଷ କରାଯାଇଥିଲା । ୮ ଫୁଟ ଉଚ୍ଚତା ବିଶିଷ୍ଟ ୧୬ ଟି ରଚକ ଏଥିରେ ଲାଗିଥାଏ । ଏହି ରଥକୁ ଟାଣିବା ପାଇଁ ଭୂୟାଁ ଜୁଆଙ୍ଗ ଜନଜାତିଙ୍କ ଦ୍ୱାରା ତିଆରି କରାଯାଇଥିବା ସିଆଳି ଦୌଡି ବ୍ୟବହାର କରାଯାଇଥାଏ । ରାଜଙ୍କ ଶାସନ ସମୟରୁ ଜନଜାତିଙ୍କ ଅନୁରୋଧ କ୍ରମେ ରଥ ଯାତ୍ରା ପରେ ରଥକୁ ଖୋଲାଯାଏନାହିଁ ଓ ବର୍ଷ ତମାମ ବଡଦାଣ୍ଡରେ ରଥ ଦଣ୍ଡାୟମାନ ହୋଇ ରହିଥାଏ । ବିଭିନ୍ନ କାରଣରୁ ଯେଉଁ ଭୂୟାଁ ଜୁଆଙ୍ଗ ମାନେ ରଥ ଯାତ୍ରା ଦେଖିବାକୁ ଆସି ପାରି ନଥାନ୍ତି ଅନ୍ୟ ସମୟରେ ସେମାନେ ଯେତେବେଳେ ସହରକୁ ଆସିଥାନ୍ତି ସେତେବେଳେ ରଥର ଦର୍ଶନ କରିଥାନ୍ତି । ସେମାନଙ୍କ ପାଇଁ ଅକ୍ଷୟତୃତୀୟା ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖରେ ରଥ ଦଣ୍ଡୟମାନ ଅବସ୍ଥାରେ ରହିଥାନ୍ତି ବୋଲି କହିଥାନ୍ତି ପହଣ୍ଡିଆ ସେବକ ସଭାପତି ମଧୁସୂଦନ ମିଶ୍ରଙ୍କ ସହିତ ସେବାୟତ ଆନନ୍ଦ ଖଣ୍ଡେଇ ପ୍ରମୁଖ ।

# ସରସ୍ୱତୀ ଶିଶୁ ମନ୍ଦିରରେ ସାମୁହିକ ଆଚାର୍ଯ୍ୟ କର୍ମଶାଳା

କେନ୍ଦ୍ରାପଡ଼ା, ୨୭/୦୪ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗ ସାନ୍ତସାହି ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସାମୁହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ତଥା ଶଙ୍କୁଳ ସଂଯୋଜକ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଉତର-ପୂର୍ବ ସମ୍ଭାଳ ସଂପାଦକ ମହେନ୍ଦ୍ର ଘଡେଇଙ୍କ ସହ ସଙ୍କୁଳ ପ୍ରମୁଖ ବଳରାମ କର ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗିରିଶ ଚନ୍ଦ୍ର କର, ସଂପାଦକ ହିମାଂଶୁ ଶେଖର ଦାଶ ଯୋଗ ଦେଇ, ସରସ୍ୱତୀ ଶିଶୁ ମନ୍ଦିରର ବ୍ୟବସ୍ଥା ଚାରି ସ୍ତମ୍ଭ ଉପରେ ପର୍ଯ୍ୟବେଶିତ ଯଥା- ସଂସ୍କୃତି, ସଂସ୍କାର, ଶୃଙ୍ଖଳା ଓ ଶିକ୍ଷା ଉପରେ ଆଧାରିତ ଶିଶୁ ମନ୍ଦିରର ଶିକ୍ଷାଦାନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ବୋଲି ମତବ୍ୟକ୍ତ କରିଥିଲେ।

# ମହମ୍ମଦ ଜମାପୁର ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ

ଧର୍ମଶାଳା, ୨୭/୦୪ (ନି.ପ୍ର): ଜ୍ଞାନର ଭଣ୍ଡାର ହେଉଛି ଶିକ୍ଷାନୁଷ୍ଠାନ । ଶିକ୍ଷା ମଣିଷକୁ ଆଗକୁ ନେଇଥାଏ । ଶିକ୍ଷାନୁଷ୍ଠାନରୁ ଭରପୁର କାର୍ଯ୍ୟ ହାସଲ କରିବା ଓ ରାଜ୍ୟ ସରକାର ଶିକ୍ଷାର ଉନ୍ନତି ପାଇଁ ବିଦ୍ୟାଳୟ ରୂପାନ୍ତରିକରଣ କରୁଛନ୍ତି ବୋଲି ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଯାଜପୁର ଜିଲା ମହମ୍ମଦ ଜମାପୁର ଉଚ୍ଚ ବିଦ୍ୟାଳୟର ୨୫ବର୍ଷ ପୂର୍ତି ଅବସରରେ ରୌପ୍ୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଥିଲେ । ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ପାତ୍ରଙ୍କ ତତ୍ୱବଧାନରେ ଏହି ରୌପ୍ୟ ଜୟନ୍ତୀ ଉତ୍ସବରେ ଉଦଘାଟକଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ବରି ବିଧାୟିକା ସୁନନ୍ଦା ଦାସ,ପୂର୍ବତନ ଜିଲା ପରିଷଦ ସଭାନେତ୍ରୀ ରଂଜିତା ରାଉତ,ଜିଲା ପରିଷଦ ସଭ୍ୟ ବିନୋଦ ମାଝି,ଗଣେଶ ମହାକୁଡ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସମୟକୁ ଗୁରୁତ୍ୱ ଦେବ.ସ୍ଥାନୀୟ ପ୍ରତିଭାମାନଙ୍କ କାର୍ଯ୍ୟ ଶୈଳୀକୁ ଅନୁକରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ଖରସ୍ରୋତା'କୁ ଅତିଥିମାନେ ଲୋକାର୍ପିତ କରିବା ସହ ସ୍ଥାନୀୟ ପ୍ରତିଭାମାନଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଗ୍ରାମର ବିଭିନ୍ନ ଦେବାଳୟ ଓ ଗହଳିପୁର୍ଣ୍ଣ ସ୍ଥାନକୁ ସଫେଇ କରାଯାଇଥିଲା । ସହକାରୀ ଶଇକ୍ଷକ ରମ୍ୟ ରଂଜନ ପାଢୀ, ଚନ୍ଦ୍ରମଣୀ ଦାଶ,ପ୍ରଫୁଲ୍ଲ ରାଉତ, ଗିତାଞ୍ଜଳୀ ସାହୁ, ସୀତାରାମ ପତି,ସ୍ମୃତିରଂଜନ ଜେନା,ପ୍ରଶାନ୍ତ ସାହୁ,ଅଙ୍କୁର ରାଉତ ଲୋକନାଥ ମୁଦୁଲୀ,ସୁଶାନ୍ତ ସାହୁ,ଗୋପାଳ ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# କୃଷି ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୭/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ କେନ୍ଦ୍ରାପଡା କୃଷି ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡା ଓ ଡେରାବିଶ ବ୍ଲକର କୃଷି ବିଭାଗର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କୃଷକ ସାଥୀ, ଓଭରସିୟର, କୃଷି କର୍ମୀ ଓ କୃଷି କର୍ମଚାରୀ ପ୍ରମୁଖଙ୍କୁ କର୍ମଶାଳା ମାଧ୍ୟମରେ ତାଲିମ ପ୍ରଦାନ କରାଯାଇ ଥିଲା । ଏଥିରେ ଅତିରିକ୍ତ କୃଷି ଅଧିକାରୀ ତୁଷାରକାନ୍ତି ସାମଲ, ସହକାରୀ କୃଷି ଅଧିକାରୀ ଅନିରୁଦ୍ଧ ତରାଇ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ, ମୃର୍ତିକା ସଂରକ୍ଷଣ ଯନ୍ତ୍ରୀ ନିହାରିକା ସାହୁ, ବୈଜ୍ଞାନିକ ପ୍ରଭଞ୍ଜନ ସାହୁ, ବିଶ୍ୱ ପ୍ରକାଶ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୃଷକ ସାଥୀ, ଉଦ୍ୟାନ କୃଷକ ପ୍ରମୁଖଙ୍କୁ କୃଷି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ସଚେତନ କରାଇଥିଲେ ।

# ଜିଲ୍ଲା ଯୋଗ ପ୍ରଶିକ୍ଷକ ସମ୍ମିଳନୀ ବିଶ୍ୱ ଯୋଗ ଦିବସ ପ୍ରସ୍ତୁତି

ସୁବର୍ଣ୍ଣପୁର, ୨୭/୦୪ (ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ନିଯୁକ୍ତ ଜିଲ୍ଲାର ଯୋଗ ପ୍ରଶିକ୍ଷକଙ୍କ ଏକ ବୈଠକ ସ୍ଥାନୀୟ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଗ ସଂସ୍ଥାନ ସଭାପତି ମନୋଜ ପଣ୍ଡା ଓ ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଜିଲ୍ଲା ର ପ୍ରତି ଡାକ୍ତର ଖାନା ରେ ନିଯୁକ୍ତ ୨୯ଜଣ ଯୋଗ ପ୍ରଶିକ୍ଷକ ଏ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ। ପ୍ରତି ରୋଗୀ କୁ ଔଷଧ ସହିତ ହସ୍ପିଟାଲମାନଙ୍କ ରେ ଯୋଗ ପ୍ରଶିକ୍ଷଣ ଦେଇ ପ୍ରତି ରୋଗୀଙ୍କୁ ସ୍ୱାସ୍ଥ୍ୟବାନ କରିବା ସକାଶେ ଯୋଗକୁ ଏକ ଅଭ୍ୟାସ ଭାବେ ପରିଣତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ରଂଜନ ପତି ସମସ୍ତ ଯୋଗ ପ୍ରଶିକ୍ଷକ ଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ଏଡିଏମ ଓ ଏଫ ଡବ୍ଲୁ ଡାକ୍ତର ଦୈତ୍ୟ ନାରାୟନ ପାଢୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମନୋଜ୍ କୁମାର ଅଦାବର, ଏଡିପିଏଚଓ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଡ. ପଦ୍ମ ହଂଶା ଦୋରା, ଡିପିଏମ ଶ୍ରୀ ବିଶ୍ୱମ୍ବର ବେହେରା, ଡି ଡି ଏମ ପ୍ରଦୀପ କୁମାର ସାହୁ ପ୍ରମୁଖ ଏ ବୈଠକ ରେ ଯୋଗ ପ୍ରଶିକ୍ଷକ ଙ୍କ ଆଗାମୀ ଦିନର କାର୍ଯ୍ୟ ଶୈଳୀ ଉପରେ ସୁଚନା ଦେଇଥିଲେ । ସେହିପରି ଆଗାମୀ ବିଶ୍ୱ ଯୋଗ ଦିବସ ପାଳନ ଉପରେ ଏକ ଆଲୋଚନା କରା ଯାଇଥିଲା,ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ପ୍ରତି ଯୋଗ ପ୍ରଶିକ୍ଷକକୁ ଏକ ପରିଚୟ ପତ୍ର ପ୍ରଦାନ କରା ଯାଇଛି। ସଭା ଶେଷରେ ଜିଲ୍ଲା ର ଯୋଗ ପ୍ରଶିକ୍ଷକ ଦୀପ୍ତି ରଞ୍ଜନ କର୍ଣ୍ଣ ସମସ୍ତ ଅଧିକାରୀ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମାନବୀୟ ଓ ସଂସ୍ଥାଗତ କ୍ଷମତା ସୁଦୃଢ଼ ହେବ: ସୁଭାଷ ସରକାର




ଭୁବନେଶ୍ୱର, ୨୭/୦୪ (ନି.ପ୍ର): ଭୁବନେଶ୍ୱରସ୍ଥିତ ଆଇଏମ୍ଏମ୍‌ଟି ପରିସରରେ ଆଜିଠାରୁ ଜି-୨୦ ଶିକ୍ଷା ଅଧୀନରେ ତୃତୀୟ ଶିକ୍ଷା କାର୍ଯ୍ୟ ଗୋଷ୍ଠୀ ବୈଠକ ଆରମ୍ଭ ହୋଇଛି । ୩ଦିନ ଧରି ହେବାକୁ ଥିବା ଏହି ବୈଠକର ପ୍ରଥମ ଦିନରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ସରକାର ସମ୍ମାନିତ ଅତିଥିଭାବେ ଯୋଗ ଦେଇଛନ୍ତି। ଏହି ଅବସରରେ ଶ୍ରୀ ସରକାର କହିଛନ୍ତି ଯେ ରାଷ୍ଟ୍ରର ଭବିଷ୍ୟତକୁ ରୂପ ଦେବା କ୍ଷେତ୍ରରେ ଶିକ୍ଷାର ଗୁରୁତ୍ୱ ରହିଛି । କାର୍ଯ୍ୟ କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ, ମୌଳିକ ଦକ୍ଷତା ବିକାଶ ଓ ଆଜୀବନ ଅଧ୍ୟୟନ ଉପରେ ବିଚାରବିମର୍ଶ ଲାଗି ଦୁଇଟି ଆଲୋଚନା ହୋଇଥିଲା। ତାହା ଉପରେ ଆଧାର କରି ଏହି ସମ୍ମିଳନୀ ଆୟୋଜିତ ହେଉଛି। ଅପସ୍କିଲିଂ, ରିସ୍କିଲିଂ ଓ ଆଜୀବନ ଅଧ୍ୟୟନ ଜରିଆରେ 'ଭବିଷ୍ୟତ ଲାଗି ପ୍ରସ୍ତୁତ' କାର୍ଯ୍ୟ ଶକ୍ତି ପାଇଁ 'ଭବିଷ୍ୟତର କୌଶଳ' ବିତରଣ ପାଇଁ ମାନବୀୟ ଓ ସଂସ୍ଥାଗତ କ୍ଷମତାକୁ ସୁଦୃଢ଼ କରିବା ହେଉଛି ଜି-୨୦ ସମ୍ମିଳନୀର ଲକ୍ଷ୍ୟ। ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦର ଅଧ୍ୟକ୍ଷ ନିର୍ମଳଜିତ ସିଂ କାଲସୀ ଜି-୨୦ ରାଷ୍ଟ୍ର ଓ ଅନ୍ତର୍ଜାତୀୟ ସଂଗଠନଠାରୁ ମିଳିଥିବା ମତାମତ ଓ ପରାମର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷା ମନ୍ତ୍ରଣାଳୟର ସଚିବ କେ. ସଞ୍ଜୟ ମୂର୍ତି, ଜାତୀୟ ଶିକ୍ଷା ବୈଷୟିକ ମଞ୍ଚ (ଏନଇଟିଏଫ)ର ଅଧ୍ୟକ୍ଷ ଅନୀଲ ସହସ୍ରବୁଦ୍ଧେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ୩ଟି ଅଧିବେଶନରେ ଆଲୋଚନା ହୋଇଥିଲା। ବ୍ରାଜିଲ, ସ୍ପେନ, ୟୁଏଇ, ସିଙ୍ଗାପୁର, ରୁଷ, ଦକ୍ଷିଣ ଆଫ୍ରିକା, ମରିସସ, ଓଇସିଡି, ୟୁନିସେଫ, ଅଷ୍ଟ୍ରେଲିଆ ଓ ବ୍ରିଟେନର ବ୍ୟକ୍ତମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଜି-୨୦, ନିମନ୍ତ୍ରିତ ଦେଶ ଓ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଜି-୨୦ ଭବିଷ୍ୟତର କାର୍ଯ୍ୟ ପ୍ରଦର୍ଶନୀକୁ ମଧ ପରିଦର୍ଶନ କରିଥିଲେ। ସେହିପରି ଏଠାରେ ଭବିଷ୍ୟତର କାର୍ଯ୍ୟ ଉପରେ ଏକ ସ୍ୱତନ୍ତ୍ର ଅନୁଭୂତି ଜୋନ୍ ସହିତ ବ୍ୟାପକ ଜ୍ଞାନକୌଶଳ ପ୍ରଦର୍ଶିତ ହୋଇଛି। ମେଟା, ହେକ୍ସାଗନ, ଇନଫୋସିସ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ, ୟୁନିସେଫ, ଭାରତୀୟ ଜ୍ଞାନ ବ୍ୟବସ୍ଥା ଡିଭିଜନ, ଆଇଆଇଟି ଭୁବନେଶ୍ୱର, ଆଇଆଇଏମ ସମ୍ବଲପୁର, ଟ୍ରାଇଫେଡ୍ ଆଦି ଷ୍ଟଲ୍ ଜରିଆରେ ଭବିଷ୍ୟତର କାର୍ଯ୍ୟ, ସ୍ୱାସ୍ଥ୍ୟ ସେବା, ମୋବିଲିଟି ଭଳି ବିଷୟବସ୍ତୁ ଏଥିରେ ପ୍ରଦର୍ଶିତ ହୋଇଛି। ପୂର୍ବରୁ ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀର ଦୁଇଟି ବୈଠକ ଚେନ୍ନାଇ ଓ ଅମୃତସରରେ ଆୟୋଜିତ ହୋଇଥିଲା।

# ଲୋକନାଥ ପୀଠରେ ରୁଦ୍ର ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା, ୨୭/୦୪ (ନି.ପ୍ର): ଯାଜପୁର ଜିଲା ରୁଦ୍ରପୁର ପଂଚାୟତ ନୁଣ୍ଢପୁରସ୍ଥିତ ପ୍ରସିଦ୍ଧ ଲୋକନାଥଶ୍ୱର ପୀଠରେ ୧୮ତମ ରୁଦ୍ର ମହଯଜ୍ଞ ଅନୁଷ୍ଠିତ ହୋଇଛି । ୩ ଦିନ ଧରି ଏହି ମହାଯଜ୍ଞ ଚାଲୁ ରହିଥିଲା । ପ୍ରଥମ ଦିବସରେ ମାନସିକଧାରୀମାନଙ୍କ ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ବିଭିନ୍ନ ରତିକାନ୍ତି ଅନୁଯାୟୀ ସୂର୍ଯ୍ୟପୂଜା, ଗୋପୂଜା ଓ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେଇ ବିଭୂ କୃପା ଲାଭ କରିଥିଲେ । ପଣ୍ଡିତ ସୀତାରାମ ପତି,ଇନ୍ଦ୍ରମଣୀ ପତି ବିଚିତ୍ର ପାଢୀ ,ଶରତ ଚନ୍ଦ୍ର ପାଢୀ,ପୂର୍ଣ୍ଣଚନ୍ଦ୍ର ପାଢୀ, ଚନ୍ଦ୍ରଶେଖର ପାଢୀ ଓ କର୍ତାଭାବେ ଅନନ୍ତ ଚରଣ ରାଉତ ଯଜ୍ଞ କର୍ମରେ ସହଯୋଗ କରିଥିଲେ । କାର୍ତିକ ରାଉତ,ସୁନାକର ରାଉତ,ବିରଞ୍ଚି ନାରାୟଣ ମହାନ୍ତି,ଆନନ୍ଦ ରାଉତ,ଧନେଶ୍ୱର ଝୁଂଟିଆ,ଅମୀନ ସାହୁ,ପ୍ରଦୀପ ରାଉତଙ୍କ ସମେତ ଗ୍ରାମବାସୀ ସମ୍ପୂର୍ଣ୍ଣ ଯଜ୍ଞକର୍ମରେ ସହଯୋଗ କରିଥିଲେ ।

# ପୋଲିସ ପକ୍ଷରୁ ବଡ଼ ଆମ୍ବଲିବେଡ଼ା ଗ୍ରାମରେ ଜନ ସମ୍ପର୍କ ଶିବିର ଅନୁଷ୍ଠିତ

ମାଲକାନଗିରି, ୨୭/୦୪ (ନି.ପ୍ର): କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ପଂଚାୟତର ବଡ଼ ଅମ୍ବଲିବେଡ଼ା ଗ୍ରାମରେ ପୋଲିସ ପକ୍ଷରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଖ ପାଖ ଅଂଚଳର ୬୦୦ରୁ ଉର୍ଦ୍ଧ ଗ୍ରାମର ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନଙ୍କୁ ଟ୍ରଚ୍ ଲାଇଟ୍, କମଳ, ସାଲ, ଛତା, କ୍ରୀଡା ସାମଗ୍ରୀ , ପାଠ ପଢା ସାମଗ୍ରୀ, ବାଜା, ହାରମନିଅମ୍, ଘର ଉପକରଣ ସାମଗ୍ରୀ, କୃଷି ସାମଗ୍ରୀ ଭଳି ବିଭିନ୍ନ ପ୍ରକାରର ଜିନିଷ ଗ୍ରାମବାସୀ ମାନଙ୍କୁ ଦିଆ ଯାଇଥିଲା। ଏହି ଅବସରରେ ଏକ ଭଲିବଲ୍ ମ୍ୟାଚ୍ ର ମଧ ଅୟଜନ କରାଯାଇଥିଲା । ତା ସହିତ କୁଡୁମୁଲୁଗୁମ୍ମା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ମଧ ଦିଆ ଯାଇଥିଲା। ଏହି ଅବସରରେ ଚିତ୍ରକୋଣ୍ଡା ଏସଡିପିଓ ଆଲେକ୍ସିଅସ କିସ୍ପୋଟ୍ଟା, ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକା, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲିଙ୍କ ସହ ପୋଲିସ କର୍ମଚାରୀ ଏବଂ କୁଡୁମୁଲୁଗୁମ୍ମା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ରାମଚନ୍ଦ୍ର ଟୁଡୁଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପୋଲିସର ଏପରି କାର୍ଯ୍ୟକୁ ଗ୍ରାମବାସୀ ମାନେ ପ୍ରଶଂସା କରିଛନ୍ତି।

# ଜଙ୍ଗଲ ବାହାରେ ବୃକ୍ଷ କାର୍ଯ୍ୟକ୍ରମର ଆରମ୍ଭ: ୟୁଏସ୍‌ଏଡ୍, ରାଜ୍ୟ ସରକାର ଏବଂ ଟୋଫି ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର



ଭୁବନେଶ୍ୱର, ୨୭/୦୪ (ନି.ପ୍ର): ଓଡ଼ିଶା ଜଙ୍ଗଲ ଓ ସବୁଜିମା ବୃଦ୍ଧିକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି । ଜଙ୍ଗଲ ବାହାରେ ବୃକ୍ଷ କାର୍ଯ୍ୟକ୍ରମ (ଟୋଫି) ଦ୍ୱାରା ପ୍ରାକୃତିକ ପରିବେଶର ଯଥେଷ୍ଟ ଉନ୍ନତି ଆସିବ ଏବଂ କୃଷି ଅନୁକୂଳ ଜଳବାୟୁ ସୃଷ୍ଟି ହେବ। ଏହି ମାଧ୍ୟମରେ ଜଙ୍ଗଲ ବାହାରେ ୨୮ ଲକ୍ଷ ହେକ୍ଟର ନୂତନ ଜମିରେ ବୃକ୍ଷରୋପଣ ହେବ। ଯାହାଫଳରେ ୪.୨ କୋଟି ଟନ୍ ଅଙ୍ଗାରକାମ୍ଳ ସମକକ୍ଷ ସେକ୍ୱେଷ୍ଟ୍ରେସନ୍ ସୃଷ୍ଟି ହେବା ସହ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାକୁ ପରିପୁଷ୍ଟ କରିବ। 'ଟୋଫି' କାର୍ଯ୍ୟକ୍ରମ ଓଡ଼ିଶାରେ ଆଶା ଠାରୁ ଅଧିକ ସଫଳତା ହାସଲ କରିବ। ଓଡ଼ିଶାରେ 'ଜଙ୍ଗଲ ବାହାରେ ବୃକ୍ଷ କାର୍ଯ୍ୟକ୍ରମ' (ଟୋଫି)ର ଶୁଭାରମ୍ଭ କରି ଏହା କହିଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ। ହୋଟେଲ୍ ଲେମନ୍ ଟ୍ରି ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଅମାତଙ୍କ ଉପସ୍ଥିତିରେ ୟୁଏସ୍‌ଏଡ୍, ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଟୋଫିର କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏଥିରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇ ଅଣଜଙ୍ଗଲ ଭୂମିରେ କୃଷିର ସ୍ୱାସ୍ଥ୍ୟ, ଉତ୍ପାଦନ ତଥା ସ୍ଥିରତା ବଜାୟ ରଖିବା ପାଇଁ ରାଜ୍ୟରେ ବୃହତ୍ ଏଗ୍ରିଫାର୍ମିର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଏଗ୍ରିଫାର୍ମିକୁ ସୁଦୃଢ଼ କରିବା ପାଇଁ କୃଷକ ଅନୁକୂଳ ନୀତି ଓ ନିୟମାବଳୀ ପ୍ରସ୍ତୁତ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ। ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଜଙ୍ଗଲବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଓଡ଼ିଶାର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ୫୩୭ ବର୍ଗକିଲୋମିଟର ବୃଦ୍ଧି ପାଇଛି ବୋଲି କହିବା ସହ ଭାରତର ବନ ସର୍ବେକ୍ଷଣ ରିପୋର୍ଟ-୨୦୨୧ ଅନୁଯାୟୀ ଓଡ଼ିଶାର ଜଙ୍ଗଲ ଆଚ୍ଛାଦନ ଜାତୀୟ ହାରଠାରୁ ଅଧିକ ରହିଛି। ତେବେ ଉନ୍ନତ ଜ୍ଞାନକୌଶଳ ଏବଂ ପାରଦର୍ଶିତା ପ୍ରଦାୟକ 'ଟୋଫି' କାର୍ଯ୍ୟକ୍ରମ ଓଡ଼ିଶାରେ ନିଶ୍ଚିତ ବଡ଼ ସଫଳତା ହାସଲ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର କନ୍‌ସଲ୍ ଜେନେରାଲ୍, ହାଇଦ୍ରାବାଦ୍ ଜେନିଫର ଲାରସନ୍ ଏବଂ ୟୁଏସ୍‌ଏ/ଭାରତ ଟୋଫି ମିସନର ନିର୍ଦ୍ଦେଶିକା ବୀଣା ରେଡ୍ଡୀ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱର ଏକ ପ୍ରମୁଖ ସମସ୍ୟା ଏବଂ ପର୍ଯ୍ୟାପ୍ତ ଜଙ୍ଗଲ ଓ ସବୁଜିମା ସୃଷ୍ଟି ଏହି ସମସ୍ୟାର ସମାଧାନ କରିପାରିବ। ଟୋଫିର ଲକ୍ଷ୍ୟ ପୂରଣ ପାଇଁ କୃଷକ, ବ୍ୟବସାୟିକ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ମିଳିତ ଭାବରେ କାର୍ଯ୍ୟକରିବା ଆବଶ୍ୟକ ବୋଲି କହିଥିଲେ। ଟୋଫି ଏବଂ ଭାରତ କ୍ଷେତ୍ରର ନିର୍ଦ୍ଦେଶକ ଚନ୍ଦ୍ରଶେଖର ଏମ୍ ବିରାଦର, 'କାମ୍ପା'ର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଦୀପ ରାଜ କରାଟ ଓଡ଼ିଶାରେ ଟୋଫିର କାର୍ଯ୍ୟକାରିତା ଓ ଲକ୍ଷ୍ୟସାଧନ ଉପରେ ଆଲୋକପାତ କରିଥିଲେ। ଟୋଫି କାର୍ଯ୍ୟକ୍ରମର ସଫଳତା ଓଡ଼ିଶାର କୃଷି ଉତ୍ପାଦନ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି। ଜଙ୍ଗଲ ବାହାରେ ବୃକ୍ଷର କ୍ଷେତ୍ର ବୃଦ୍ଧି ପାଇବା ଦ୍ୱାରା ଅନ୍ତର୍ଭୁକ୍ତ ଅର୍ଥନୀତିରେ ଉନ୍ନତି ଆସିବ। ଯାହାଦ୍ୱାରା କାର୍ବନ ବିଚ୍ଛିନ୍ନତା ଓ ମୃତ୍ତିକା ସ୍ୱାସ୍ଥ୍ୟ ସହ ପରିସଂସ୍ଥାନୀୟ ସେବା ବୃଦ୍ଧି ପାଇବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଟୋଫି ସିଆଇଏଫ୍‌ଓଆର-ଆଇସିଆରଏଏଫ୍‌ର ଡେପୁଟି ଚିଫ୍ ମନୋଜ ଡବାସ ସ୍ୱାଗତ ଭାଷଣ ଦେଇଥିବାବେଳେ ୟୁଏସ୍‌ଏଡ୍/ଇଣ୍ଡିଆର ଉପ ନିର୍ଦ୍ଦେଶକ ଭର୍ଗିସ୍ ପଲ୍ ଧନ୍ୟବାଦ ଦେଇଥିଲେ। ଉଦ୍ୟାନକୃଷିର ନିର୍ଦ୍ଦେଶକ ରୋହିତ ଲେଙ୍କା, ମୃତ୍ତିକା ସଂରକ୍ଷଣର ନିର୍ଦ୍ଦେଶକ ହେମନ୍ତ ପଣ୍ଡା ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆଇନ ସହାୟତା ଡିଫେନ୍ସ କାଉନସେଲ କାର୍ଯ୍ୟାଳୟ ଉଦ୍‌ଘାଟନ

ଜୟପୁର, ୨୭/୦୪ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶାନୁସାରେ ଆଜି ଜିଲ୍ଲା ନ୍ୟାୟଳୟ କୋର୍ଟ ପରିସର ସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ମଧ୍ୟରେ ଆଇନ ସହାୟତା ଡିଫେନ୍ସ କାଉନସେଲ କାର୍ଯ୍ୟାଳୟ ଅନଲାଇନ ମାଧ୍ୟମରେ ଓଡିଶା ଉଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ତଥା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଡାଃ ଜଷ୍ଟିସ ଏସ. ମୁରଲୀଧର ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସର ରେ ପ୍ରଧାନ ବିଚାରପତିଙ୍କ ସହ ଅନଲାଇନ ଉଦଘାଟନ ସମୟରେ ଉଚ୍ଚ ନ୍ୟାୟଳୟର ମାନ୍ୟବର ବିଚାରପତି ତଥା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟ ନିର୍ବାହି ଅଧ୍ୟକ୍ଷ ଶ୍ରୀ ଏସ. ତାଳପତ୍ର ଏବଂ ମାନ୍ୟବର ଉଚ୍ଚ ନ୍ୟାୟଳୟର ଅନ୍ୟ ବିଚାରପତି ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁରସ୍ଥିତ ଆଇନ ସହାୟତା ଡିଫେନ୍ସ କାଉନସେଲ କାର୍ଯ୍ୟାଳୟ ଉଦଘାଟନୀ ସମାରୋହ ଅବସର ରେ ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ୍ୟ ସତ୍ୟ ନାରାୟଣ ମିଶ୍ର, ପରିବାର ଅଦାଲତ ବିଚାରପତି ଡାଃ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଭିଜିଲେନ୍ସ ଜଜ ରାଜେଶ ଏକ୍କା, ଅତିରିକ୍ତ ଜିଲ୍ଲା ଜଜ ଇ.ବିଘ୍ନେଶ୍ୱର ରାଓ , ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରି ଦିଲୀପ କୁମାର ସାହୁ, ବରିଷ୍ଠ ଦେବାନି ବିଚାରପତି ଶ୍ରୀମତୀ ମୁସରତ ଜାହିନ, ବରିଷ୍ଠ ଦେବାନି ବିଚାରପତି (ମହିଳା କୋର୍ଟ) ଅଞ୍ଜଳି ମାଛଖଣ୍ଡ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ଉପଖଣ୍ଡ ଦଣ୍ଡାଧିକରି ରେଖାରଣୀ ପଣ୍ଡା, ପ୍ରୋବେଶନ୍ନର ଅଫିସର ଅନିମେଷ ତ୍ରିପାଠୀ, ଜିଲ୍ଲା ଓକିଲ ସଂଘର ସଭାପତି ବିରେଶ ପଟ୍ଟନାୟକ, ଉପସଭାପତି ଶରତ ମାଝି ଓ ଜିଲ୍ଲା ଓକିଲ ସଂଘର ଅନ୍ୟାନ୍ୟ କାର୍ଯ୍ୟକର୍ତା ଓ ଆଇନଜୀବି ପ୍ରମୁଖ ଉପସ୍ଥିତ ଥିଲେ । ଏଥି ସହିତ ଡିଫେନ୍ସ କାଉନସେଲ କାର୍ଯ୍ୟାଳୟରେ ମନୋନିତ ହୋଇଥିବା ମୁଖ୍ୟ ଡିଫେନ୍ସ କାଉନସେଲ ଶ୍ରୀ ଦାଶରଥି ପଟନୟକ,ଡେପୁଟି କାଉନସେଲ ଶ୍ରୀ କେ.ଦିବାକର ରାଓ, ଶ୍ରୀ ହରିଶ ଚନ୍ଦ୍ର ମୁଦୁଲି, ସହାୟକ କାଉନସେଲ କୁମାରୀ ଗୀତାଞ୍ଜଳି ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ଟି ହାଇସ୍କୁଲ ହେଲା ୫-ଟି ରେ ରୂପାନ୍ତର

ଜୟପୁର, ୨୭/୦୪ (ନି.ପ୍ର): ଜୟପୁର ସହର ଦୁଇଟି ଓ ବ୍ଲକର ଗୋଟିଏ ହାଇସ୍କୁଲ ଆଜି ୫-ଟି ରେ ରୂପାନ୍ତରିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନସିଂ ଦ୍ୱାରା ଉଦଘାଟନ କରିଥିଲେ । ଜୟପୁର ସହରର ସି ଟି ହାଇସ୍କୁଲ, ପୌରପାଳିକା ବିଦ୍ୟାଳୟ ହୋଇଥିବା ବେଳେ ବ୍ଲକର ମକାପୁଟ ହାଇସ୍କୁଲ ୫-ଟି ରେ ରୂପାନ୍ତରିତ ହୋଇଛି । ଏଠାରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାଯ୍ୟ ନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ରାଜୀବ ଦାସ ଏବିଡିଓ ମନୋଜ ନାୟକ ଉପସ୍ଥିତ ଥିଲେ ।

# ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା

**ଅକ୍ଷୟ କୁମାର ରାଉତ**

ଷୋଡଶ ଶତାବ୍ଦୀର ମଧ୍ୟ ଭାଗରେ ଓଡିଶାର ରଜନୈତିକ ସାମ୍ରାଜ୍ୟର ଗୌରବ ରବି ଅସ୍ତମିତ ହେବା ପୂର୍ବରୁ ଓଡିଶାର ସୀମା ଉତରରେ ବଙ୍ଗ, ଦକ୍ଷିଣରେ ତେଲେଙ୍ଗାନା ଓ କର୍ଣ୍ଣାଟକ ପ୍ରଦେଶର କେତେକ ଅଂଚଳକୁ ନେଇ ପରିବ୍ୟାପ୍ତ ଥିଲା । ପର୍ଯ୍ୟାୟକ୍ରମେ ଆଫଗାନ, ମୋଗଲ, ମରାଠାଙ୍କ ଆକ୍ରମଣ ସହିତ ଅନ୍ତଃକନ୍ଦଳର ସୂତ୍ରପାତ ଓ ଭାତୃବିବାଦରେ ଓଡିଶାବାସୀ ସହ୍ୟଶକ୍ତି ହରାଇ ଚରମ ସୋପାନରେ ପହଂଚି ଯାଇଥିଲେ । ଏସବୁ ଥିଲା ପଲାସୀ ଯୁଦ୍ଧରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗ ଅଧିକାର କରିବାର ୪୬ ବର୍ଷ ପରର ଘଟଣା । କେବଳ ବଙ୍ଗ କାହିଁକି ସାରା ଭାରତର ଭାଗ୍ୟ ମଧ ସେହିଠାରେ ନିର୍ଦ୍ଧାରିତ ହେଲା । ମରାଠାମାନେ କଟକର ବାରବାଟୀ ଦୁର୍ଗ ଅଧିକାର କରି ସାରା ଓଡିଶାରେ ରାଜୁତି ଚଳାଇବା ପରି ଇଂରେଜମାନେ ମଧ ସେହି ଦୁର୍ଗ ଅଧିକାର କରି ରାଜୁତି କଲେ । ପରେ କଲିକତାର ଫୋର୍ଟ ଉଇଲିୟମ ହେଲା ଓଡିଶା ଶାସନର କେନ୍ଦ୍ରସ୍ଥଳୀ । ଶତାବ୍ଦୀ ପରେ ଶତାବ୍ଦୀ ମୋଗଲ ମରାଠା ମାନଙ୍କ ଶୋଷଣ କଷଣ ଲୁଣ୍ଠନରେ ଅତିଷ୍ଠ ଓଡିଶା ଇଷ୍ଟଇଣ୍ଡିଆ କମ୍ପାନୀଙ୍କୁ ବିରୋଧ ନକରି ନିଜର ତ୍ରାଣକର୍ତା ଭାବେ ସ୍ୱାଗତ କରିଥିଲା । ଓଡିଶା କମ୍ପାନୀ ଶାସନ ଆରମ୍ଭରେ ଖଣ୍ଡବିଖଣ୍ଡିତ ହୋଇ ବଙ୍ଗଳା, ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଆଦି ଯେଉଁ ପ୍ରଦେଶ ଗୁଡିକୁ ବ୍ରିଟିଶ୍ ମାନେ ଆଦରି ନେଇଥିଲେ ସେମାନଙ୍କ ସହ ସାମିଲ୍ ହୋଇ ଯାଇଥିଲା । ଫଳରେ ପରସ୍ପର ଠାରୁ ବିଚ୍ଛିନ୍ନ ତିନୋଟି ଅଲଗା ଅଲଗା ଶସନାଧିନରେ ସଂଖ୍ୟାଲଘୁ ଭାଷା ଭାଷୀ ଓ ଇତର ସଂସ୍କୃତି ଲୋକଙ୍କ ପରି ଓଡିଆଙ୍କୁ ରହିବାକୁ ପଡିଥିଲା ।

ଓଡିଶାକୁ କମ୍ପାନୀ ଶାସନର ୧୪ ବର୍ଷ ମଧ୍ୟରେ ଦୁଇ ତୃତୀୟାଂସ ଜମିଦାରୀ ଓଡିଶା ବାହାର ଲୋକଙ୍କ ହାତକୁ ଚାଲିଗଲା । ଓଡିଶା ଗୌରବର ମେରୁଦଣ୍ଡ ଭାଙ୍ଗିଗଲା ॥ ପାଇକ ମାନଙ୍କ ପ୍ରଭୁତ୍ୱ ଓ ପ୍ରତିପତି ହ୍ରାସ ପାଇଲା । ଦୀର୍ଘଦିନ ଧରି ଏଭଳି ଅସହ୍ୟ ପରିବେଶକୁ ବରଦାସ୍ତ କରିନପାରି ପାଇକମାନେ କମ୍ପାନୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ସହିତ ପୁରୀ ସହରକୁ ଦଖଲ କରିନେଲେ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦର ସଂଗ୍ରାମ ଥିଲା ଏହି ପାଇକ ବିଦ୍ରୋହ । କମ୍ପାନୀ ଶାସନର ସାମରିକ ଶକ୍ତି ବଳରେ ଏହି ବିଦ୍ରୋହ ଦବି ଯାଇଥିଲେ ବି ବେଳେ ବେଳେ ବିଦ୍ରୋହ ମୁଣ୍ଡ ଟେକୁଥିଲା । ଭାଷାଗତ ଦୃଷ୍ଟିରୁ ବିଖଣ୍ଡିତ ଆର୍ଥିକ ଦୃଷ୍ଟିରୁ ସଂକଟିତ ଓ ସାଂସ୍କୃତିକ ମ୍ରିୟମାଣ ଓଡିଶା କମ୍ପାନୀ ସରକାରଙ୍କୁ ବିରୋଧ କରିବାରୁ ଅକଥନୀୟ ଅତ୍ୟାଚାର ସହିବା ସହିତ ପରିଣାମରେ ବଙ୍ଗଳା ପ୍ରେସିଡେନ୍ସିର ଉପନିବେଶ ରୂପେ ରହିଥିଲା ।

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଓଡିଶାର ଅଭାବ ଅସୁବିଧା ଦେଖିବାକୁ ମିଳିଲା । ଏତେଦିନେ ବ୍ରିଟିଶ ଶାସନର ଚେତା ପଶିଲା । ଦୁର୍ଭିକ୍ଷ ପରେ ଭାରତ ସରକାର ଏ ବିଷୟରେ ସ୍ୱତନ୍ତ୍ର ତଦନ୍ତ କରି ଜାଣିଲେ ଓଡିଶାକୁ ଖଣ୍ଡ ଖଣ୍ଡ କରି ଶାସନ କରିବା ଫଳରେ ଏଭଳି ଦୁର୍ଭିକ୍ଷ ସଂଗଠିତ ହୋଇ୧୦ ଲକ୍ଷ ଲୋକଙ୍କ ପ୍ରାଣ ହାନୀ ଘଟିଲା । ଏହାର ପ୍ରତିକାର ନିମନ୍ତେ ଓଡିଶାକୁ ବଙ୍ଗଳାରୁ ଅଲଗା କରି ସମଗ୍ର ଭାଷାଭାଷୀ ଅଂଚଳକୁ



ଏକ ସ୍ୱତନ୍ତ୍ର ପ୍ରଦେଶ ଶାସନାଧିନ କରି ରଖିବାକୁ ୧୮୬୮ ମସିହାରେ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶାସନର ଦୋଷତ୍ରୁଟି ସଂପର୍କରେ ଚେତାଇଦେବା ସହିତ ସୁପାରିଶ କରିଥିଲେ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ସାର୍ ଷ୍ଟ୍ରା ଫୋର୍ଡ ନର୍ଥକୋଟ୍ । ଏହି ସୁପାରିଶର ସୁଯୋଗ ଦାବି ନେଇ ସେତେବେଳେ କୌଣସି ସଂସ୍ଥା କି ରାଜନୈତିକ ବଳ ନଥିବା ଯୋଗୁଁ ଏହା କେବଳ କାଗଜରେ ସେପରି ରହିଯାଇଥିଲା ।

ଓଡିଶା ବାହାରେ ଯେଉଁ ସୁବିଧାବାଦୀ ଓଡିଶା ଶାସନ କଳକୁ କବ୍ଜା କରି ସବୁ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ନେଇ ଚାଲିଥିଲେ, ସେମାନେ ସେମାନଙ୍କ ସ୍ୱାର୍ଥହାନୀ ଦେଖି ଉକ୍ତ ସୁପାରିଶକୁ ଭଣ୍ଡୁରକରୁବାକୁ ଚକ୍ରାନ୍ତ କରି ବସିଲେ । ଓଡିଶା ଡିଭିଜନର ସବୁ ସ୍କୁଲ୍‌ରୁ ଓଡିଆ ଭାଷା ଉଠାଇବାକୁ ଚେଷ୍ଟା କଲେ । ଏଥିପାଇଁ ଜନ୍ ବିମ୍‌ସ ସାହେବ ସ୍ପଷ୍ଟ ଭାବରେ ଓଡିଆ ଭାଷା ଅନ୍ୟାନ୍ୟ ଭାରତୀୟ ଭାଷା ଠାରୁ ଅଧିକ ପୁରାତନ ଓ ପ୍ରତିଷ୍ଠିତ ବୋଲିକହିଲେ । ପ୍ରକୃତରେ ବି ଓଡିଆମାନେ ଓଡିଆ ଭାଷାକୁ ନେଇ ଗର୍ବ କରୁଥିଲେ ।

ଏଭଳି ଅବସ୍ଥାରେ ଓଡିଆ ଭାଷା ରକ୍ଷା ଆନ୍ଦୋଳନକୁ ଚଳାଇବାକୁ ଓଡିଶାର ସମୂହ ଜନତା ଅତୀତର ସମସ୍ତ ଜଡତା ପରିହାର କରି ଏକମନ ଏକପ୍ରାଣରେ ମାତି ଉଠିଲେ । ଦୀର୍ଘଦିନର ଭାଷା ଆନ୍ଦୋଳନ ପରେ ଓଡିଆ ଭାଷାର ବିଜୟ ହେଲା । ଓଡିଆ ଭାଷା ଭାଷୀ ଅଂଚଳକୁ ଏକ ଶାସନାଧିନ କରି ରଖିବା ଲାଗି ପୂର୍ବରୁ ଯେଉଁ ଉଦ୍ୟମ ମୁଣ୍ଡ ଟେକିଥିଲା ତାହା ସମୟକ୍ରମେ ଅଧିକ ସକ୍ରିୟ ହୋଇ ଉଠିଲା । ଏଭଳି ଏକ ପରିବେଶ ପରିସ୍ଥିତିରେ ଏହି ନିଷ୍ପ୍ରାଣ ଓଡିଆ ଜାତିକୁ ଏକ ଦୃଢ ଜାତିର ଶକ୍ତି ଆଉ ଅସରନ୍ତି ଧୈର୍ଯ୍ୟ ଦେବାକୁ ଧାଇଁ ଆସିଲେ କୁଳବୃଦ୍ଧ ମଧୁବାବୁ । ଓଡିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧିନ କରି

ଓଡିଶାବାସୀଙ୍କ ଲାଗି ସ୍ୱତନ୍ତ୍ର ପ୍ରଦେଶ ଗଠନର ସମ୍ଭାବନାକୁ ବାସ୍ତବତାର ରୂପ ଦେବା ଲାଗି ଅନେକ କିଛି ଉଦ୍ୟମର ଆବଶ୍ୟକକୁ ବିଚାର କରି ସେହି ସମୟରେ ମଧୁବାବୁ ଓଡିଶାରେ ଏକ ଅନୁଷ୍ଠାନ ଉତ୍କଳସଭା ବା ଓଡିଶା ଆସୋସିଏସନ ଗଠନ କରିଥିଲେ । ସେତେବେଳେ ଏହାର କାର୍ଯ୍ୟ ପରିସର ସେତେଟା ପରିବ୍ୟାପ୍ତ ନହୋଇ କେବଳ କଟକ ଜିଲ୍ଲାରେ କାର୍ଯ୍ୟ କରୁଥିଲା ।

୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଦୁଇଦିନ ଧରି କଟକ ଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଲା । ସେଥିରେ ସାରା ଓଡିଶାର ରାଜା ରାଜୁଡା ଠୁ ଆରମ୍ଭ କରି ସାଧାରଣ ଜନତା ଏପରିକି ଓଡିଶା ବାହାରେ ଥିବା ଓଡିଆ ଲୋକ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଲେ । ସେଠାରେ ଓଡିଆ ଭାଷାଭାଷୀ ବିଚ୍ଛିନ୍ନାଂଚଳ ଗୁଡିକର ଏକତ୍ରିକରଣ ନିମନ୍ତେ ନାନାକଥା ଆଲୋଚନା କରାଯାଇଥିଲା । ୧୯୨୦ ମସିହାରେ ଗାନ୍ଧିଜୀଙ୍କର ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନକୁ କର୍ମସୂତ୍ର ଭାବେ ଉତ୍କଳ ସମ୍ମିଳନୀ ଗ୍ରହଣ କରି ଭାରତୀୟ ଜାତୀୟ ସ୍ରୋତରେ ତା ର ସ୍ୱତନ୍ତ୍ର ସତା ବଜାୟ ରଖିଲା । ଏହା ମୁଖ୍ୟତଃ ଜାତିବର୍ଣ୍ଣ ଭାଷା ନିର୍ବିଶେଷରେ ସମସ୍ତ ଓଡିଆ ଭାଷାଭାଷୀ ଅଂଚଳକୁ ଏକଶାସନାଧିନ କରିବାର ମହାସଭା ଥିଲା । କେବଳ ସ୍ୱତନ୍ତ୍ର ପ୍ରଦେଶ ନୁହେଁ ଉତ୍କଳ ସମ୍ମିଳନୀ ମଧ ଓଡିଶାରେ ବ୍ୟବସାୟିକ ଶିକ୍ଷାର ପ୍ରସାର ଓ ସର୍ବୋପରି ଓଡିଶାର ସାଂସ୍କୃତିକ ଓ ରାଜନୈତିକ ଜାଗରଣ ଆଣିବାରେ କାର୍ଯ୍ୟ କରୁଥିଲା ।

ଉତ୍କଳ ସମ୍ମିଳନୀ ତା ର କାର୍ଯ୍ୟକଳାପ ନେଇ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ବସିଲା । ଓଡିଶାର ଓଡିଆ ମାନେ ଆଗ୍ରହ ସହକାରେ ଏହି ସମ୍ମିଳନୀରେ ଯୋଗ ଦେଉଥିଲେ । ଏହି କାର୍ଯ୍ୟ ନିମନ୍ତେ ମଧୁବାବୁ ବ୍ୟକ୍ତିଗତ ଭାବେ ମଧ ଋଣ କରୁଥିଲେ । ସେଥିପାଇଁ ତାଙ୍କୁ ଶେଷଜୀବନରେ ଦେବାଳିଆ ହେବାକୁ ମଧ ପଡିଥିଲା ।

ଉତ୍କଳ ସମ୍ମିଳନୀ ଦ୍ୱାରା କେବଳ ମଧୁବାବୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଚାହିଁ ନଥିଲେ । ପ୍ରଦେଶଟିକୁ ମଧ ସମସ୍ତ ପ୍ରକାର ଅନ୍ୟାୟ ଲୁଣ୍ଠନରୁ ମୁକ୍ତ କରାଇ ତାହାର ଅଧିବାସୀଙ୍କୁ ସ୍ୱାଧିନ ଜୀବନଯାପନ କରିବାକୁ ଉଦ୍ୟମ କରିଥିଲେ । ମଧୁବାବୁଙ୍କ ଏସବୁ ଲକ୍ଷ ସଫଳ ହୋଇଥିଲା କି ନାହିଁ ତାହା ସମୟ କହିବ, ହେଲେ ସେ ଯେଉଁ ମହତ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲେ ସେଥିରେ ତାଙ୍କର ମହନୀୟତା ଉଚ୍ଚକାଂକ୍ଷା ଦେଖିବାକୁ ମିଳେ । ଯାହାଟା ଅନ୍ୟ କୌଣସି ଓଡିଆଙ୍କ ଠାରେ ଦେଖିବାକୁ ମିଳୁନଥିଲା । ନିଜର ନିସ୍ୱାର୍ଥପର କାର୍ଯ୍ୟାବଳୀ ନିମନ୍ତେ ମଧୁବାବୁ ସବୁ ଶ୍ରେଣୀର ଓଡିଆଙ୍କ ଶ୍ରଦ୍ଧା ସମ୍ମାନର ଆସନରେ ଅଧିଷ୍ଠିତ ହୋଇପାରିଥିଲେ । ବ୍ୟକ୍ତିଗତ ଓ ସାମୁହିକ ସମାଜର ପରିସରରେ ବହୁ ଦାରୁଣ ବିପର୍ଯ୍ୟୟ ଓ ଦୁଖଃ ଦୁର୍ଦ୍ଦଶାକୁ ସେ ସାହସ ଓ ଆନନ୍ଦର ସହ ମୁକାବିଲା କରିବାରେ ଯେଉଁ ସାମର୍ଥ ପ୍ରଦର୍ଶନ କରିଥିଲେ ତାହା ଭଷାରେ ବର୍ଣ୍ଣନା କରାଯାଇ ନପାରେ ।

ଜୀବନର ଅନ୍ତିମ ମୁହୂର୍ତ ନିକଟତର ହେବା ଜାଣି ଓଡିଶା ବିଷୟ ବୁଝିବାକୁ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାୟିତ୍ୱ ବହନ କରିବାକୁ ସ୍ୱତନ୍ତ୍ର ଉତରାଧିକାରୀ ଭାବେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମଧୁବାବୁ ମନେ ମନେ ସ୍ଥିର କରିନେଇଥିଲେ । କିନ୍ତୁ ଓଡିଶାର ଦୁର୍ଭାଗ୍ୟକୁ ୧୯୨୮ ମସିହା ଜୁନ୍ ୧୭ ତାରିଖରେ ଗୋପବନ୍ଧୁଙ୍କ ମୃତ୍ୟୁ ଘଟି ସାରିଥିଲା । ତେଣୁ ମଧୁବାବୁ ଓଡିଶାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଥିଲେ । ମଧୁବାବୁ ନିଜେ ଯେଉଁ ସତ୍ୟବାଦୀ ଗୋଷ୍ଠୀ ଗଠନ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ ସେହି ଗୋଷ୍ଠୀର ମୁଖ୍ୟ ଥିଲେ ।

ପଣ୍ଡିତ ନୀଳକଣ୍ଠ ମଧୁବାବୁଙ୍କ ସଂକଟାପନ୍ନ ଅବସ୍ଥା ବିଷୟ ଶୁଣି ଶେଷଦର୍ଶନ ପାଇଁ କଟକ ଫେରି ଆସିଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ସବୁ ଅଂଚଳ ଓଡିଶାରେ ମିଶିବାକୁ କହିବା ପରେ ତାଙ୍କର ଚୈତନ୍ୟ ସତା ଲୋପ ପାଇଯାଇଥିଲା । ୧୯୩୪ ମସିହା ଫେବୃୟାରୀ ୪ ତାରିଖ ରାତିରେ ତାଙ୍କର ଅମର ଆତ୍ମା ଦିବ୍ୟଧାମକୁ ବାହୁଡି ଗଲା । ସୁଦୀର୍ଘ ୮୫ ବର୍ଷ ବୟସରେ ଘଟଣାବହୁଳ କୁଳବୃଦ୍ଧ ମଧୁବାବୁଙ୍କ ଜୀବନର ପରିସମାପ୍ତି ଘଟିଲା ।

ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାକୁ ମଧୁବାବୁ ଜୀବନସାରା ଲାଗି ପଡିଥିଲେ ବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ୧୯୩୬ ଏପ୍ରଲ ୧ ତାରିଖକୁ ନିଜ ଆଖିରେ ଦେଖି ପାରିନଥିଲେ । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି, ଏବେବି ଓଡିଆ ଓ ଓଡିଶାର ବିକାଶ ଚିନ୍ତା କରୁଥିବା ଚିନ୍ତାନାୟକ ମାନେ ଓଡିଶାରୁ ବିଚ୍ଛିନ୍ନାଂଚଳ, ଓଡିଶାରେ ମିଶ୍ରଣ କରାଇ ପାରିନାହାନ୍ତି । ଓଡିଶା ପ୍ରଦେଶରୁ ବାଦ୍‌ପଡିଥିବା ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶ୍ରଣ କରାଇବାକୁ ସମସ୍ତ ଓଡିଆ ପ୍ରଯତ୍ନ କରିପାରିଲେ ମଧୁବାବୁ ଜୀବନର ଯଥାର୍ଥ ଆଲୋକପାତ କରାଯିବା ସହିତ ସ୍ୱତନ୍ତ୍ର ପ୍ରଦେଶ ପାଳନର ଲକ୍ଷ ସାକାର ହୋଇପାରିବ ବୋଲି ଯଥାର୍ଥରେ କୁହାଯାଇପାରେ ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ- ୯୯୩୭୬୯୧୪୭୫

## ପୂର୍ଣ୍ଣମୟ ପୂର୍ଣ୍ଣିମା ପୁରୁଷ !

**ଭରତ ଚନ୍ଦ୍ର ଦାଶ**

ଚେତନାର
ଦିଗବଳୟରେ ଅର୍ନ୍ତହିତ
ଶୂନ୍ୟ ମହାଶୂନ୍ୟତାରେ
ସୃଜନ ଶବ୍ଦବ୍ରହ୍ମର ଅନନ୍ୟ
ବିଶ୍ୱକର୍ମା ବିଷ୍ଣୁ ଶର୍ମା ତୁମେ ।
କେମିତି ରଚିଲ
କଳାର କୋଣାର୍କ
ଅତିନ୍ଦ୍ରୀୟ ଚେତନାର
ସରହଦ ଡେଇଁ
ଅତିକ୍ରମୀ କବିତା ଉତ୍କଳ
ମହାକାଳର ପ୍ରହେଳିକା
ତୁମକୁ ପାରିଲାନି ଛୁଇଁ
ଶେଷ ବସନ୍ତର ଚିଠି
ଇତି ହେଲା ଚୈତ୍ରର
ପୂର୍ଣ୍ଣିମା ତିଥିରେ
ପୂର୍ଣ୍ଣ ବ୍ରହ୍ମ ରୂପେ ।
ଧୂମ୍ରାଭ ଦିଗନ୍ତରେ
ବ୍ୟାପ୍ତ ହେଲା ଶୋକ
ସନ୍ତାପର ବାର୍ତ୍ତା
ତୁମ ଅବର୍ତ୍ତମାନରେ ।



ଅବୋଲର କଥା ଶୁଣିବାକୁ
ମିଳିବନି ଆଉ କଥା ସାହିତ୍ୟରେ
ଲକ୍ଷ୍ମୀର ଅଭିସାର ,ଅରଣ୍ୟ ଉଲ୍ଲାସ
ଝୁରି ହେବ ପାଠକର ପ୍ରାଣ
ଶତାବ୍ଦୀର ଆର୍ତ୍ତନାଦ ତୋଳିବନି
ନାଦବ୍ରହ୍ମ ସୃଜନ ବୀଣାରେ ।

ବାଣୀପୁତ୍ର ମାତୃଭକ୍ତ
ଅତିମାନସର ଚିନ୍ତନରେ
ସାବିତ୍ରୀର ମହାନ ପ୍ରବକ୍ତା
ଶ୍ରୀ ଅରବିନ୍ଦ ଦର୍ଶନର ଭାବେ
ବିଶ୍ୱ ଜିଣିଅଛ ଜୀବନ ଜିଜ୍ଞାସା
ପ୍ରଜ୍ଞା ପ୍ରଦୀପିକା ଦୂର ଦୂରାନ୍ତରେ ।
ଶଙ୍ଖାରିର ସୁନାପୁଅ
ତୁମ ଗାଁ କବିତା କଲ୍ଲୋଳେ
ସୁରଭିତ ବାଲେଶ୍ୱର ମାଟି ।

ସମୁଦ୍ର କ୍ଷୁଧାରୁ ଜନ୍ମିଥିଲା
ସୃଜନର କ୍ଷୁଧା
କଥା ସାହିତ୍ୟର ମହାରଥୀ
ସେନାପତିଙ୍କର ଯୋଗ୍ୟ ଦାୟାଦ
ଭାବେ ଗଢିଥିଲ କଥାର କୋଣାର୍କ ।
କବିତାରୁ କଥା ଉପନ୍ୟାସ
ଭ୍ରମଣ ସାହିତ୍ୟ ପୁଣି ଅଦୂର ବିଦେଶ
ସମ୍ମାନରେ ନ ଥିଲା ତ ଆଶା
ସାରସ୍ୱତ ସାଧନାରେ ଥିଲା
ଅଖଣ୍ଡ ତପସ୍ୟା
ବିଶ୍ୱ ସାହିତ୍ୟରେ ଲେଖିଗଲ
କଥା ସ୍ୱର୍ଣ୍ଣାକ୍ଷରେ
ପାଠକର ହୃଦୟରେ ।

ପଦ୍ମଶ୍ରୀ, ପଦ୍ମଭୂଷଣ ମ୍ଳାନ ଆଜି
ତୁମ ଯଶ କୀର୍ତ୍ତି ଚିରକାଳ
ଗାଉଥିବ ଅମୃତ ସନ୍ତାନର କଥା
ସୃଜନର କୀର୍ତ୍ତିସ୍ତମ୍ଭ ନିକଟରେ
ନିରନ୍ତର ନଉଁଥିବ ଏ ଜାତିର ମଥା ।

ହେ ପୂର୍ଣ୍ଣମୟ ! ପୂର୍ଣ୍ଣିମା ପୁରୁଷ
ସୃଜନରେ ପରିପୂର୍ଣ୍ଣ ତୁମ ପଉରୁଷ
ମୃତ୍ୟୁ ଆଜି ହୀନବୀର୍ଯ୍ୟ
ହରି ତୁମ ଦୁର୍ଲ୍ଲଭ ଜୀବନ
ଥରେ ନୁହେଁ ବାରମ୍ବାର
ଜଣାଉଛି ଆଭୂମ ନମନ ।

+( ବିଶିଷ୍ଟ କଥାଶିଳ୍ପୀ ପଦ୍ମଭୂଷଣ ମନୋଜ ଦାସଙ୍କ ସ୍ମୃତି ପ୍ରତି ବିନମ୍ର ଶବ୍ଦ ଅର୍ଘ୍ୟ )

ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା , ବାଲେଶ୍ୱର - ୭୫୬ ୧୨୬
ଭ୍ରାମ୍ୟଭାଷ - ୯୪୩୭୩୭୨୧୬୬

# ଉତ୍କଳ ଗୌରବ ମଧୁସୂଦନ ଦାସ

**ଡ଼ଃ.ଅରୁନ୍ଧତୀ ଦେବୀ**

ପରାଧୀନତାର ଶିକୁଳିରୁ ଚିରଦିନ ପାଇଁ ଉତ୍କଳ ମାଟିକୁ ମୁକ୍ତ କରିବାକୁ ଯେଉଁ କେତେଜଣ ଓଡ଼ିଆ ଝାସ ଦେଇଥିଲେ ବିପ୍ଳବର ବହ୍ନିରେ, ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ। ଜଣେ କବି ଭାବେ ତାଙ୍କର ସ୍ୱତନ୍ତ୍ର ପରିଚିତ ରହିଛି। କୁଳବୃଦ୍ଧ ନାମରେ ସେ ପରିଚିତ। ସେ ଥିଲେ ଓଡ଼ିଶାର ପ୍ରଥମ ସ୍ନାତକ ଏବଂ ଓକିଲ। କଟକ ଠାରୁ ୨୦ କିମି ଦୂର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଏକ ଜମିଦାର ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରେ ପାଠ ପଢ଼ିଥିବା ମଧୁସୂଦନ ମୌଲବୀଙ୍କ ଠାରୁ ପାର୍ସୀ ଏବଂ ଅନ୍ୟ ବିଷୟ ଶିକ୍ଷା କରିଥିଲେ। ପ୍ରାଥମିକ ଶିକ୍ଷା ପରେ ସେ କଟକ ହାଇସ୍କୁଲରେ ଶିକ୍ଷା ଗ୍ରହଣ କଲେ। ୧୮୬୪ରେ ପ୍ରବେଶିକା ପରୀକ୍ଷା ପାସ କରି କଲିକତା ୟୁନିଭର୍ସିଟିରେ ପଢ଼ିଲେ। ୧୮୭୦ରେ ସେ ଓଡ଼ିଶାର ପ୍ରଥମ ସ୍ନାତକ ହେବାର ସୌଭାଗ୍ୟ ଅର୍ଜନ କଲେ। ଏହାପରେ ସେ ଏମ୍.ଏ. ଓ ବି.ଏଲ୍. ଡିଗ୍ରୀ ମଧ ଶେଷ କଲେ। କଲିକତାରୁ ଫେରି ମଧୁସୂଦନ ଓଡ଼ିଶାରେ ଆଇନ ଅଭ୍ୟାସ କଲେ। କ୍ରମେ ସେ ଓଡ଼ିଶା ତଥା ଭାରତର ଓକିଲମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଗଲେ। ସେଥିପାଇଁ ତାଙ୍କ ଜୟନ୍ତୀକୁ ଓଡ଼ିଶାରେ ଓକିଲ ଦିବସ ଭାବେ ପାଳନ କରାଯାଏ। ଜଣେ ଓକିଲ ରୂପେ ମାଟି ମା'ର ସେବା ପାଇଁ ସାଧାରଣ ଲୋକଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ମଧୁସୂଦନ କାମ କରୁଥିଲେ। ଉତ୍କଳ ସମ୍ମିଳନୀ ସେ ପ୍ରତିଷ୍ଠା କରିଥିଲେ, ଯାହା ଓଡ଼ିଶାର ସାମାଜିକ ଓ ବ୍ୟବସାୟିକ ସଂସ୍କାରରେ ଜାଗରଣ ଆଣିଥିଲା। ଉଭୟ ବିଧାନସଭା ପରିଷଦ ଓ କେନ୍ଦ୍ର ବିଧାନ ସଭା ସଦସ୍ୟ ଭାବେ ମଧୁସୂଦନ ଥିଲେ ପ୍ରଥମ ଓଡ଼ିଆ। ଜଣେ ଲେଖକ, କବି ଓ ଦେଶଭକ୍ତ ଭାବେ ଉଭୟ ଇଂରାଜୀ ଓ ଓଡ଼ିଆରେ ସେ ଏକାଧିକ ନିବନ୍ଧ ଓ କାବ୍ୟ କବିତା ରଚନା କରିଥିଲେ। ତାଙ୍କ ରଚିତ କିଛି କାବ୍ୟ ମଧ୍ୟରେ ଉତ୍କଳ ସନ୍ତାନ, ଜାତି ଇତିହାସ ଏବଂ ଜନନୀର ଉକ୍ତି ପ୍ରମୁଖ। ଦେଶ ତଥା ଜନସାଧାରଣଙ୍କ ସେବାରେ ସମ୍ପୂର୍ଣ୍ଣ ଜୀବନ ଉତ୍ସର୍ଗ କରିଥିବା ମଧୁ ବାବୁ ୧୯୩୪ ଫେବୃଆରୀ ୪ରେ ଇହଲୀଳା ସମ୍ବରଣ କରିଥିଲେ।

+ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# ସ୍ୱାଭିମାନ ଦିବସ

**ସୁନନ୍ଦା ମହାନ୍ତି**

ପକ୍ଷୀଟିଏ, ଥରକୁ ଥର ନଈରେ ବୁଡି, ପକ୍ଷର ପାଣି ଝାଡ଼ି ଜଙ୍ଗଲ ନିଆଁ ଲିଭେଇବାକୁ ଚେଷ୍ଟା କରୁଥିଲା ବେଳେ ଅଗ୍ନି ଦେବ ହସିଉଠିଥିଲେ କିନ୍ତୁ ଇନ୍ଦ୍ର ପକ୍ଷୀଟିକୁ ପ୍ରଶଂସା କରିବାକୁ ଭୁଲିନଥିଲେ ।

ସେହିଭଳି ରାମାୟଣରେ ସମୁଦ୍ରରେ ସେତୁବନ୍ଧ ବାନ୍ଧିଲା ବେଳେ ଗୁଣ୍ଡୁଚି ମୂଷା ତାର ଶକ୍ତି ସାମର୍ଥ୍ୟ ଅନୁଯାୟୀ, ସମୁଦ୍ରରେ ବୁଡ଼ି, ବାଲିରେ ଗଡି, ଦେହ ଦେଉଥିଲା ଝାଡ଼ି, ସେତୁବନ୍ଧ ବାନ୍ଧିବା ପ୍ରୟାସରେ ତ ସ୍ୱୟଂ ରାମଚନ୍ଦ୍ର ତାକୁ ଉଠେଇ ନେଇ ପିଠି ଆଉଁସି ଦେଇଥିଲେ, ଯୋଉ ତିନି ଗାର ଏଯାଏଁ ଆମେ ଦେଖୁଛୁ ଗୁଣ୍ଡୁଚି ମୂଷା ପିଠିରେ, ଆଶୀର୍ବାଦର ତିନିଗାର, ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କର ।

ଅଠରଶହ ଅଠଚାଳିଶ ମସିହା ଅପ୍ରେଲ ମାସ ଅଠେଇଶ ତାରିଖ, କଟକ ଜିଲ୍ଲା ସତ୍ୟଭାମାପୁରେ ଜନ୍ମ ହୋଇଥିଲେ ମଧୁସୂଦନ ଦାସ । ଖାଲି ନିଜ ଜନନୀ କୋଳରେ ନୁହେଁ ବରଂ ଓଡିଶା ଜନନୀ କୋଳରେ, ବରପୁତ୍ରଟିଏ ହୋଇ ରଖିଯାଇଛନ୍ତି କୀର୍ତ୍ତି । ତୁଳସୀ ଦୁଇ ପତ୍ରରୁ ବାସିବା ପରି ବାସୁଥିଲେ ସେ , ତୁମ ପରି ଟିକି ପିଲାଟିଏ କାବ୍ୟ କବିତାରେ ।

ତୁମ ପରି ଛୋଟ ପିଲାଟିଏ
ଗାଁ ଚାହାଳୀର ଚାଟ ସିଏ
ଚେହେରାଟି ତାର ଡଉଲ ଡାଉଲ
ବୁଦ୍ଧିରେ ତାହାର ସରି କିଏ
ଛାଡ଼ି ଆସୁଥିଲା ଦିନେ ଝଡି
ବାହାରିଲା ସିଏ ପାଠ ପଢି
ବାଟେ ଯାଉ ଯାଉ ଖସିଗଲା ଗୋଡ଼
ମୁହଁ ମାଡି ତଳେ ଗଲା ପଡି
ଗୁରୁଜୀ ଦେଖିଲେ ଦେହ ତାର
ପାଣି କାଦୁଅରେ ସର ସର
ତିଳେହେଁ ସେଥିକି ଖାତର ନକରି
ଆସିଛି ହୋଇ ସେ ତରବର
ହେଲା ଦଶହରା ଛୁଟି ବେଳ
ପିଲାଟି ସାଥିଙ୍କୁ କଲା ମେଳ
ଗୋଡି ମାଟି ବାଲି ପକାଇ ସଭିଏଁ
ଗାଁ ଦାଣ୍ଡ କଲେ ସମତୁଲ

ପିଲାଦିନେ ପଢିଥିବା ଏ କବିତା ଭୁଲ ଭାଲ ହୋଇ ଯେତିକି ମନେ ଅଛି ସେତିକିରୁ ପିଲାଦିନୁ ସମୟାନୁବର୍ତ୍ତିତା ଓ ଭାଇଚାରା ତଥା ଏକତ୍ରୀକରଣ, ସହଯୋଗ ମିଳିଲେ ଆସାଧ୍ୟ ସାଧାନ କରିହେବା ର ପ୍ରମାଣ ଦେଇଥିଲେ କୂଳବୃଦ୍ଧ ମଧୁସୂଦନ । ସେଇଥିପାଇଁ ସେ ଲେଖିଛନ୍ତି

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ମହିମା
ପଡିବ କି କେବେ ମନେ.

ଏଠାରେ ସମସ୍ତଙ୍କୁ ଏକଜୁଟ କରାଇ ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପାଇଁ ଆହ୍ୱାନ ତାଙ୍କର କାଳଜୟୀ ଓଡିଶା କଳିଙ୍ଗ ରୂପେ ପରିଚିତ ଥିଲା ବେଳୁ, ଏଠାରେ ଜନ୍ମିତ ଓଡ଼ିଆ ପୁଅର ବୀରତ୍ୱ, ସାହାସ, ଧର୍ଯ୍ୟ, ବୁଦ୍ଧି, କୌଶଳ ଦେଖି ଦିଗବିଜୟୀ ସମ୍ରାଟ ଅଶୋକ ମଧ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କଳିଙ୍ଗ ଯୋଦ୍ଧାଙ୍କର ସାମ୍ନା କରିବାକୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଇ ସମରସେନା ପ୍ରସ୍ତୁତ କଲାବେଳେ, ନିଜ ସାମର୍ଥ୍ୟ ଓ ଶକ୍ତି ବଢ଼ାଇ, ଖ୍ରୀଷ୍ଟାବ୍ଦ ଦୁଇଶହ ଏକଷଠିରେ କଳିଙ୍ଗ ରାଜ୍ୟ ହରାଇବାକୁ ସମର୍ଥ ହୋଇଥିଲେ ମଧ ପୁରୁ ରାଜାଙ୍କ, ଉତ୍କଳୀୟ ଗର୍ବ, ଗୌରବ, ପରାକ୍ରମ ସହ ଓଡ଼ିଆ ପାଇକ ପୁଅର ବୀରତ୍ୱ ଆଗରେ ମୁଣ୍ଡ ନୁଆଁଇ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇ ବୁଦ୍ଧମ ଶରଣଂ ଗଛାମି ଉଚ୍ଚାରଣ କରିଥିଲେ. ମଧୁ ବାରିଷ୍ଟର ସେହି ଓଡ଼ିଶାର ପ୍ରଥମ ଗ୍ରାଜୁଏଟ, ପ୍ରଥମ ଏମ. ଏ, ହୋଇ ଶିକ୍ଷକରୁ ବାରିଷ୍ଟର ହୋଇଥିଲେ ମଧ ଦେଶ ପ୍ରେମ, ଜାତି ପ୍ରେମରେ ଉଦବୁଦ୍ଧ ହୋଇ ଗାଇ ଉଠିଥିଲେ

ଇତିହାସ ତୋରି ଜଗତେ ଘୋଷୁଛି
ମୋର ସୂତଙ୍କର ଯଶ
ତାଙ୍କର ବଂଶଜ ଘୃଣିତ ଓଡ଼ିଆ
ଏହା ମୋ କପାଳ ଦୋଷ

ଇଂରେଜ ମାନଙ୍କ ଆଗରେ ମୁଣ୍ଡ ନୁଆଁଇ ନାହାଁନ୍ତି ମଧୁବାବୁ. ବିଭାଜିତ ଓଡ଼ିଆ ଭାଷା ଭାଷି ଅଞ୍ଚଳର ଏକତ୍ରୀ କରଣରେ ସହଯୋଗୀ, କର୍ମବୀର ଗୌରୀଶଙ୍କର, କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ, ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଇତ୍ୟାଦି ମହାନୁଭବ ମନୀଷୀମାନଙ୍କ ସହ ମିଶି, ଉଣେଇଶ ଶହ ତିନି ମସିହାରେ ପ୍ରତିଷ୍ଠା କରିଥିଲେ ଉତ୍କଳ ସମ୍ମିଳନୀ ।ମାଆ ବସୁନ୍ଧରାକୁ ଶୃଙ୍ଖଳ ମୁକ୍ତ କରି ପରିଚୟ ଗୌରବରେ ବିମଣ୍ଡିତ କରିବାକୁ ତୋଷମଦ ପରିତ୍ୟାଗ କରି ସ୍ୱାର୍ଥକୁ ବଳିଦେବାକୁ ସଚେତନତା ସୃଷ୍ଟି କରିବାକୁ ଗାଇ ଉଠିଥିଲେ ।

'ତୁ ମନେ ଭାବିଛୁ ତୋଷମଦ କରି
ବଢ଼ାଇବୁ ଜାତି ମାନ
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ'
'ଜାତି ନନ୍ଦିଘୋଷ ଚଳିବକି ଭାଇ
ସ୍ୱାର୍ଥକୁ ସାରଥୀ କଲ
ଟାଣେ କିରେ ଗାଡି ଦାନାର ତୋବାଡା
ଘୋଡା ମୁହେଁ ବନ୍ଧା ଥିଲେ'
'ଜାତିର ଉର୍ନ୍ନତି ସେ କାହୁଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ'
'ଜାତି ପ୍ରେମ ବହ୍ନେ ପ୍ରଜ୍ୱଳିତ କର
ସ୍ୱାର୍ଥ କୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ୍ଞ ଚାରିଆଡେ ନାଚ
ଛାତି କୁ ମିଶାଇ ଛାତି'

ସ୍ୱାର୍ଥ ଓ ତୋଷମଦ ଉର୍ଦ୍ଧରେ ରହି ଯୋଉ ଜନନୀ କୋଳରେ ବଡ଼ ହୋଇଛେ ତାହାର ଭୌଗୋଳିକ ମାନଚିତ୍ର ବଢ଼ାଇବା ସହ ପରମ୍ପରା, ସଂସ୍କାର, ସଂହତି, ସାହିତ୍ୟ, କଳା, ବିଜ୍ଞାନ ସହ ମାତୃଭାଷା ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଆହ୍ୱାନ ଦେଇ ଜାତି ଭାଷା ସାହିତ୍ୟ ସ୍ୱାଭିମାନ ଭରା ପ୍ରୀତି ମୈତ୍ରୀ ରଖି ମାଆ ମାତୃଭୂମି ପାଇଁ ଜୀବନ ଦେବାକୁ ପଡିଲେ,' ପଛ ଘୁଞ୍ଚା ନାହିଁ ବୀରର ଯାତକେ.... ନମରେ ସେ କେବେ ପରାଣ ଆତଙ୍କେ,' ପଂକ୍ତିଟି ପରି ମଧୁବାବୁ କବିତା ଆଜିବି ଜାଗୃତି ତୋଳେ ମାଆ କୋଳର ଶରଧା ଓ ସମ୍ମାନ ପାଇଁ ।

'କୋଟିଏ ସନ୍ତାନ ଗୋଟିଏ ସ୍ୱରରେ
ଜନନୀ ଜନନୀ ଡାକ
ତୃଷ୍ଣାରେ କାତର ଗଗନକୁ ଚାହିଁ
ଯେସନେ ଡାକେ ଚାତକ ଫ'

ସେହିଭଳି ଭାଇଚାରା ବିସ୍ତାର କରିବାକୁ ଆହ୍ୱାନ ଦେଇ ମାତୃଭୂମି ଜନନୀ କୋଳରେଏକାଠି ହେବା ପାଇଁ ଗାଇ ଉଠିଥିଲେ-

'ମାଆ ମାଆ ବୋଲି ଯେତେ ମୁଁ ଡାକିଲି
ମାଆକୁ ପାଇଲି ନାହିଁ
ଭାଇ ଭାଇ ବୋଲି କେତେ ମୁଁ ଡାକିଲି
ନଦେଲେ ଉତ୍ତର କେହି'

ପୁଣି ଆଜିର ଦିନଟିକୁ ପାଳନ କରି ପ୍ରତ୍ୟକ ବ୍ୟକ୍ତି ବିଶେଷ ସେହି ପ୍ରଥମ ବର୍ଣ୍ଣିତ ପକ୍ଷୀ ଓ ଗୁଣ୍ଡୁଚି ମୂଷାଟିଏ ଭଳି ହେବାକୁ ଯୁଗ ଯୁଗକୁ ଦେଇଗଲେ ବାର୍ତ୍ତା,କବିତା ମାଧମରେ, ସ୍ୱାଭିମାନ ଓ ସମ୍ବେଦନର ଦିନଟିର ଜନନୀ କୋଳ ସୁରକ୍ଷା ନିମିତ୍ତ, ସେହି ଉଣେଇଶ ଶହ ତିନି ମସିହାରୁ ଆଜି ପର୍ଯ୍ୟନ୍ତ.

'ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣ ବିନ୍ଦୁ ମିଶାଇଦେ ଭାଇ
ଡେଇଁ ପଡି ସିନ୍ଧୁ ନୀରେ ।'

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୨୮ ଏପ୍ରିଲ ୨୦୨୩, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସମୟ କହିବ...

ଦକ୍ଷିଣପନ୍ଥୀମାନଙ୍କ ଦାଉ ବେଶ୍ କିଛି ବର୍ଷ ହେବ ଦେଖା ଦେଇଛି ସମଗ୍ର ଦେଶରେ । ପରିଣତିରେ ସଂଖ୍ୟାଲଘୁ ସମ୍ପ୍ରଦାୟମାନେ ଆଶଙ୍କାରେ କାଳ କାଟୁଛନ୍ତି । କିନ୍ତୁ ଭୋଟ୍ ରାଜନୀତି ଦୃଷ୍ଟିରୁ ସେମାନଙ୍କ ପିଠି ଥାପୁଡ଼ାଇବାର କୌଣସି ମଉକା ଛାଡୁ ନାହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଦେଶରେ ମୁସଲମାନମାନଙ୍କ ପରେ ପରବର୍ତ୍ତୀ ସଂଖ୍ୟାଲଘୁ ସମ୍ପ୍ରଦାୟ ଭାବରେ ସାମ୍ନାକୁ ଆସନ୍ତି ଖ୍ରୀଷ୍ଟିଆନମାନେ, ଯେଉଁମାନେ କିଛି ବର୍ଷ ହେବ ସେମାନଙ୍କର ପରିସ୍ଥିତିକୁ ନେଇ ଚିନ୍ତିତ ରହି ଆସୁଛନ୍ତି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ସହିତ ସମ୍ପର୍କକୁ ନିବିଡ଼ କରିବାକୁ ଆଗେଇ ଆସିଛନ୍ତି । ତାଙ୍କର ଏହି ଉଦ୍ୟମ ଆରମ୍ଭ ହୋଇଛି ଖ୍ରୀଷ୍ଟିଆନମାନଙ୍କ ଅନ୍ୟଥ ବଡ଼ ପର୍ବ ଇଷ୍ଟର ଅବସରରେ । ଇଷ୍ଟର ସଣ୍ଡେ ବା ରବିବାରରେ ପ୍ରଧାନମନ୍ତ୍ରୀ ମୋଦୀ ନୂଆଦିଲ୍ଲୀସ୍ଥିତ ସାକ୍ରେଡ୍ ହାର୍ଟ କାଥେଡ୍ରାଲକୁ ଯାଇଥିଲେ । ଏହା ପରେ ଖ୍ରୀଷ୍ଟିଆନମାନଙ୍କ ମନରୁ ଆଶଙ୍କାକୁ ଦୂର କରିବା ପାଇଁ ଗତ ମଙ୍ଗଳବାର ଦିନ ସେ କେରଳର କୋଚିଠାରେ ଚର୍ଚ୍ଚର ନେତୃବର୍ଗଙ୍କୁ ଭେଟିଥିଲେ । ଏସବୁ ଏକ ବିରାଟ ଯୋଜନାର ଏକ ଅଂଶ ବୋଲି ମନେହୁଏ । ପରନ୍ତୁ, ଏହାର ସଫଳତା ନିର୍ଭର କରିବ ବିଜେପି ଏବଂ ସଂଘ ପରିବାରର ମୌଳିକ ସ୍ଥିତିକୁ ନେଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ସହ ରହି ଆସିଥିବା ମତ ପାର୍ଥକ୍ୟ ସମାଧାନ କରାଯିବାର ସାମର୍ଥ୍ୟ ଉପରେ । ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରି ଫେରିବା ପରେ ଚର୍ଚ୍ଚା ନେତୃବୃନ୍ଦ କହିଛନ୍ତି ଯେ ସମାଜର ପ୍ରତି ବର୍ଗର ସୁରକ୍ଷା ଏବଂ ନିରାପତ୍ତା ସମ୍ପର୍କରେ ସେମାନଙ୍କୁ ଆଶ୍ୱାସନା ପ୍ରଦାନ କରାଯାଇଛି, ଯଦିଓ ଉତ୍ତର ଭାରତରେ ସେମାନଙ୍କ ଭାଇ ବିରାଦରମାନଙ୍କର ବିଜେପି ସହିତ ସଂଘର୍ଷରେ ବ୍ୟାପୃତ ହେବା ଭଳି ଅବସ୍ଥା ଦେଖା ଦେଇଛି । ଏଠାରେ ବିଜେପି ଖ୍ରୀଷ୍ଟିଆନମାନଙ୍କ ଚର୍ଚ୍ଚ, ସମ୍ପତ୍ତିବାଡ଼ି ଏବଂ କାର୍ଯ୍ୟକଳାପଗୁଡ଼ିକ ଉପରେ ଆକ୍ରମଣ କରିଛି । ତେବେ ସାମ୍ପ୍ରତିକ ଆଲୋଚନା ପରେ ପ୍ରଧାନମନ୍ତ୍ରୀଙ୍କ କଥାକୁ ତୃଣମୂଳ ସ୍ତରରେ ବାସ୍ତବରେ କେତେଦୂର କାର୍ଯ୍ୟରେ ପରିଣତ କରାଯାଉଛି ଏବଂ ଏହାର କେତେଦୂର ପ୍ରଭାବ ପଡୁଛି ସେହି ରାଜ୍ୟ ଉପରେ, ଯେଉଁ ରାଜ୍ୟ ସାରା ଦେଶକୁ ଏକ ବିଶାଳ ସଂଖ୍ୟକ ନନ୍ ଏବଂ ପ୍ରିଷ୍ଟ୍ ବା ପୁରୋହିତମାନଙ୍କୁ ପ୍ରେରଣ କରୁଛି, ତାହା ଦେଖିବାକୁ ବାକି ରହିଲା । ଖ୍ରୀଷ୍ଟିଆନମାନଙ୍କୁ ନିଜ ସପକ୍ଷକୁ ଆକର୍ଷିତ କରିବା କାହିଁକି ବିଜେପି ପାଇଁ ଏକ ଆକର୍ଷଣୀୟ ପ୍ରସ୍ତାବ, ତା'ର ଅନେକଗୁଡ଼ିଏ କାରଣ ରହିଛି । ଏହା ତ୍ରିପୁରାରେ ବାମପନ୍ଥୀମାନଙ୍କୁ ଧୂଳି ଚଟାଇ ଦେଇଛି ଏବଂ ପଶ୍ଚିମବଙ୍ଗରେ ମଧ ସେମାନଙ୍କୁ ଉଲ୍ଲେଖନୀୟ ଭାବରେ ପଛ ବେଞ୍ଚକୁ ଠେଲି ଦେଇଛି । ତେଣୁ ବର୍ତ୍ତମାନ ସୁଦ୍ଧା ବାମପନ୍ଥୀ ବା କମ୍ୟୁନିଷ୍ଟମାନଙ୍କର ଶେଷ ଦୁର୍ଗ ଭାବରେ ରହି ଆସିଥିବା କେରଳ, ଯାହା ବିଜେପି ଓ ସଂଘ ପରିବାରର ଆଦର୍ଶଗତ ଶତ୍ରୁ ଭାବରେ ବିବେଚିତ, ସେଠାରେ ସେମାନଙ୍କର ପତନ ଘଟାଇବା ଦକ୍ଷିଣପନ୍ଥୀମାନଙ୍କ ପାଇଁ ଏକ ଆକର୍ଷଣୀୟ ଧାରଣା । ତେବେ କେରଳର ଜନସଂଖ୍ୟକ ସ୍ଥିତି ଦୃଷ୍ଟିରୁ ଏକ ସଂଖ୍ୟାଲଘୁ ସାମ୍ପ୍ରଦାୟକୁ ନିଜ ସପକ୍ଷକୁ ଆଣିବା ହିଁ ଦକ୍ଷିଣପନ୍ଥୀମାନଙ୍କ ସ୍ୱପ୍ନକୁ ସାକାର କରିବାର ସମ୍ଭାବନା ରଖେ ଏବଂ ସେଥିପାଇଁ ଖ୍ରୀଷ୍ଟିଆନମାନେ ହେଉଛନ୍ତି ପସନ୍ଦଯୋଗ୍ୟ 'ମିତ୍ର' । ବିଜେପି ନିରନ୍ତର ଭାବରେ ଦର୍ଶାଇ ଆସୁଛି ଯେ ଗୋଆ ଏବଂ ଉତ୍ତରପୂର୍ବାଞ୍ଚଳର ରାଜ୍ୟମାନେ, ଯେଉଁଗୁଡ଼ିକରେ ଏକ ଉଲ୍ଲେଖନୀୟ ସଂଖ୍ୟକ ଖ୍ରୀଷ୍ଟିଆନ ରହିଛନ୍ତି, ସେମାନେ ଗେରୁଆ ଦଳ ବିରୁଦ୍ଧରେ ସେମାନଙ୍କ ମନୋଭାବରେ ପରିବର୍ତ୍ତନ ଆଣି ସାରିଛନ୍ତି ଏବଂ ବର୍ତ୍ତମାନ ସମୟ ଆସିଛି କେରଳ ସେହି ପଥ ଅନୁସରଣ କରିବା ଆବଶ୍ୟକ । କେରଳରେ ପ୍ରବେଶ କରିବା ପାଇଁ ବର୍ତ୍ତମାନ ବିଜେପି ହାତରେ କେତେକ ସୁବିଧା ରହିଛି, ଯାହା ଆଗରୁ କେବେ ନଥିଲା । ଏହା ଏକ ଐତିହାସିକ ତଥ୍ୟ ଯେ କେରଳରେ ଚର୍ଚ୍ଚା ନେତୃତ୍ୱ, ବିଶେଷକରି ସିରିଆନ୍ ଖ୍ରୀଷ୍ଟିଆନମାନଙ୍କର ବିଭିନ୍ନ ସମ୍ପ୍ରଦାୟ ବିଗତ ଦୁଇ ଶତାବ୍ଦୀ ମଧ୍ୟରେ କେରଳରେ ନବଜାଗରଣ ଆଣିବାର ଉଦ୍ୟମର ଏକ ଅଂଶ ହୋଇ ରହି ଆସିଛନ୍ତି ଏବଂ ନିଜ ସମ୍ପ୍ରଦାୟ ସହିତ କେରଳୀ ସମାଜର ପ୍ରଗତି ପାଇଁ ପ୍ରଭୂତ ଅବଦାନ ରଖି ଆସିଛନ୍ତି । ସଙ୍ଗେ ସଙ୍ଗେ ଏହା ମଧ ଏହି ଦକ୍ଷିଣୀ ରାଜ୍ୟର ଧର୍ମନିରପେକ୍ଷ ସ୍ଥିତିକୁ ସନ୍ତୁଳିତ ଅବସ୍ଥାରେ ରଖୁବା କ୍ଷେତ୍ରରେ ଏକ ପ୍ରମୁଖ ଖେଳାଳି ଭାବରେ ଭୂମିକା ନିର୍ବାହ କରି ଆସିଛି । ଦୁର୍ଭାଗ୍ୟବଶତଃ, ବର୍ତ୍ତମାନ ଏହି ଭୂମିକା କ୍ଷେତ୍ରରେ ବେଶ୍ କିଛି ଦିନ ହେବ ବିପରୀତ ଗତି ଦେଖା ଦେଇଛି, ବିଶେଷକରି ସଂଖ୍ୟା ଦୃଷ୍ଟିରୁ ଅଧିକ ସିରିଆନ୍ କାଥୋଲିକ୍ ଚର୍ଚ୍ଚ କ୍ଷେତ୍ରରେ । ଏହାର ନିଜସ୍ୱ କାରଣ ଯୋଗୁଁ ଏହା କ୍ରମବର୍ଦ୍ଧିଷ୍ଣୁ ଭାବରେ ନିଜ ଭିତରକୁ ଦେଖିବା ଆରମ୍ଭ କରିଛି । ଅଧିକ ବିପଜ୍ଜନକ ଭାବରେ ଏହି ସମ୍ପ୍ରଦାୟ କଦାଚିତ୍ କିଛି ପ୍ରମାଣ ଥାଇ ମଧ୍ୟ ମୁସଲମାନ ସମ୍ପ୍ରଦାୟଙ୍କ ବିରୁଦ୍ଧରେ 'ଲଭ୍ ଜିହାଦ୍', 'ନିଶାଦ୍ରବ୍ୟ ଜିହାଦ୍' ଭଳି ଶବ୍ଦମାନ ପ୍ରୟୋଗ କରି ଆସୁଛି । ଚର୍ଚ୍ଚର ସକ୍ରିୟ ପ୍ରୋତ୍ସାହନରେ ମୁସଲମାନମାନଙ୍କ ବିରୋଧରେ ପ୍ରଚାରମାନ କରାଯାଉଛି, ଯାହାର ଦୀର୍ଘକାଳୀନ ପ୍ରଭାବ ବିଷୟରେ କ୍ୱଚିତ୍ର ଏହା ଚିନ୍ତା କରୁଥିବା ମନେହୁଏ । ଅତିରିକ୍ତ ଭାବରେ ଚର୍ଚ୍ଚ ନେତୃବୃନ୍ଦଙ୍କର ଏକ ଭାଗ ଆଇନର ଦୁରୁପଯୋଗ କରିବା ବିଜେପିକୁ ନିଜର ଇଚ୍ଛାକୁ ଚରିତାର୍ଥ କରିବା ପାଇଁ ମଉକା ପ୍ରଦାନ କରିଛି । ବିଜେପିକୁ ରାଜ୍ୟରେ ଏହାର ପ୍ରମୁଖ ବିରୋଧୀ ଦଳ ମାନ୍ୟତାରୁ ତଳକୁ ଖସାଇବା ପାଇଁ ଉଦ୍ୟମ କରିବାକୁ ଏବଂ ତା' ପରେ ଏଲ୍ଏଫ୍କୁ ପଛକୁ ଠେଲିଦେବା ନିମନ୍ତେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଛି । ଏବେ ଉଭୟ ପରସ୍ପରଙ୍କ ସହିତ କିପରି ଖେଳ ଖେଳୁଛନ୍ତି, ତାହା ଦେଖିବା ଅବଶ୍ୟ ମଜାଦାର ହେବ ଏବଂ ସମୟ କହିବ, କେରଳ କେଉଁ ଗତି ଆପଣାଉଛି ।



## ମଧୁ ବାବୁ

### ବିଶ୍ୱବିଜୟୀ ଦାଶ



ଉତ୍ଥାନ, ପତନ ଗୋଟିଏ ଜାତିର ଇତିହାସରେ କିଛି ନୂଆ କଥା ନୁହେଁ । ଇଂରେଜ ଶାସନ ଅମଳରେ ନିର୍ଯ୍ୟାତିତ ଓଡ଼ିଆ ଜାତି ମୁମୂର୍ଷ ଅବସ୍ଥାରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଗ୍ରାମରତ ଥିବାବେଳେ କେତେଜଣ ଯୋଗଜନ୍ମା ବ୍ୟକ୍ତିବିଶେଷଙ୍କ ଆବିର୍ଭାବ ଜାତୀୟ ଜୀବନରେ ଆଶାର ସଂଚ୍ଚାର କରିଥିଲା । ଉତ୍କଳୀୟ ସଂସ୍କୃତିର ସୁରକ୍ଷା ତଥା ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଯେଉଁ ଯୋଗଜନ୍ମା ନିଜର ଜୀବନକୁ ତିଳତିଳ କରି ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରୁ ଦେଶପ୍ରାଣ ଉତ୍କଳଗୌରବ ମଧୁସୂଦନ ଦାସ ଅନ୍ୟତମ । ଆମ ଓଡ଼ିଶା ର ପ୍ରଥମ ଓଡ଼ିଆ ବି.ଏ, ପ୍ରଥମ ଓଡ଼ିଆ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ସ୍ୱାଧିନତା ସଂଗ୍ରାମୀ, ଯିଏକି ଓଡ଼ିଶାକୁ ନିଜର ପ୍ରାଣ ଦେଇ ଭଲ ପାଉଥିଲେ ଓ କାମ କରୁଥିଲେ ତଥା ଓଡ଼ିଆ ଜାତିର ଚିର ନମସ୍ୟ, ପ୍ରାତଃ ସ୍ମରଣୀୟ, ଚିର ବରଣୀୟ କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସ ।

ଉତ୍କଳଗୌରବ ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେବୀ । ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ । ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ (ଆଜି ଏହାକୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି) । ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ । କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ । ୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପରୀକ୍ଷାର୍ଥୀମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷାରେ ଲେଖିବା ନିୟମ ଥିଲା, କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା । ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବାପାଇଁ ଜିଦ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ । ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ । ସେଠାରେ ମଧୁବାବୁ ଏମ୍.ଏ. ପାସ୍ କରିଥିଲେ । ତା'ପରେ ମଧୁବାବୁ କଲିକତା ବିଶ୍ୱବିଦ୍ୟାଳୟ ବି.ଏଲ୍. ପାସ କରି ସାରିଥିଲେ । ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । ସେଠାରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ପଥରେ ମଧୁବାବୁ ଲାଗିପଡ଼ିଥିଲେ । ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ । ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ । ବିଚକ୍ଷଣ ବୁଦ୍ଧି ବଳରେ ସେ ଓକିଲାତିରେ ବିଶେଷ ପାରଦର୍ଶିତା ଅର୍ଜନ କରିପାରିଥିଲେ ଓ ମଧୁବାରିଷ୍ଟର ଭାବେ ପରିଚିତ ହୋଇଥିଲେ । ତାଙ୍କର ଓକିଲାତି ଜୀବନକାଳରେ ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ । ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ । ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା । ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ । ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ଓଡ଼ିଶାରେ ଚମଡ଼ାଶିଳ୍ପର ବିକାଶ ନିମନ୍ତେ ଉତ୍କଳ ଟ୍ୟାନେରି ଏବଂ ଓ କଟକର ସୁନା-ରୂପାର ତାରକସି କାମ ପାଇଁ ସେ ଉତ୍କଳ ଆର୍ଟ ୱାର୍କସର ପ୍ରତିଷ୍ଠା କରିଥିଲେ ।

ଉନ୍ନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଏକ ବିପର୍ଯ୍ୟନ୍ତ ଖଣ୍ଡିତ କଙ୍କାଳରେ ପରିଣତ ହୋଇସାରିଥିଲା ବାଣିଜ୍ୟ ସମୃଦ୍ଧ ବିଶାଳ ଓଡ଼ିଶା । ଉତ୍କଳ ଜନନୀର ପୂର୍ଣ୍ଣାଙ୍ଗ ରୂପ ପ୍ରତିଷ୍ଠା ପାଇଁ ଜାତୀୟ ଆନ୍ଦୋଳନର ପ୍ରାଣପ୍ରତିଷ୍ଠାତା ମଧୁବାବୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଦୁର୍ବାର ଅଭିଯାନ । ଉତ୍କଳୀୟ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଗଢ଼ିଥିଲେ ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ । ଜାତୀୟତାର ମହାପ୍ରବାହ ସୃଷ୍ଟି କରିବାର ଆକାଂକ୍ଷା ନେଇ ଲେଖିଥିଲେ ପ୍ରାଣ ନିଗିଡ଼ା କବିତା । ଜାତୀୟ ବିକାଶ, ଜାତୀୟ ସମସ୍ୟା, ଜାତୀୟ ଚରିତ୍ର, ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନ ସହିତ ପ୍ରତ୍ୟେକ ଓଡ଼ିଆଙ୍କୁ ଯୋଡ଼ିବାର ସଂକଳ୍ପ ନେଇ ସମ୍ମିଳନୀ ମଣ୍ଡପରୁ ଗାଇଥିଲେ 'ଏଇ ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶେଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ' ।

ଗଭୀର ଜାତୀୟତାବୋଧର ଉଦବେଳନ ନେଇ ଭାବିଲେ ମନେହୁଏ ଏହା କେବେବି ଜଣେ ସାଧାରଣ କବିର ଆହ୍ୱାନ ନୁହେଁ, ବରଂ ଜଣେ ମହାମାନ୍ତ୍ରିକ ସଞ୍ଜିବନୀ ମନ୍ତ୍ର, ଯେଉଁ ମନ୍ତ୍ର ର ଯାଦୁକରୀ ମାୟାରେ ଦିନେ ଚେଇଁ ଉଠିଥିଲା ସମଗ୍ର ଓଡ଼ିଆ ଜାତି ।

ତାଙ୍କରି ଲେଖନୀ ନିସୃତ କବିତା ଏବେ ବି ଓଡ଼ିଆଙ୍କ କାନରେ ଠାଇ ଠାଇ ହୋଇ ବାଜେ-

'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହାସ
ପଡ଼ିବକି କେବେ ମନେ ?'

ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି । ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା' । ସେ ମଧ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ ।

ଏହି ମହାପୁରୁଷ,ଓଡ଼ିଆ ମାଟିର ସ୍ୱାଭିମାନ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୩୪ ମସିହା ଫେବୃଆରୀ ୪ ତାରିଖ ରେ ଓଡ଼ିଶା ବାସୀଙ୍କୁ ଶୋକସାଗରରେ ଭସାଇ ଚାଲିଗଲେ । ଆଜି ତାଙ୍କର ଜୟନ୍ତୀ ଅବସରରେ ମୋର ଭୂମିଷ୍ଠ ପ୍ରଣାମ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ।

ବି.ଏସସି,ବି.ଇଡ଼(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

## ପ୍ରକୃତ ଓଡ଼ିଆ ମଧୁବାବୁ



### ବୈଷ୍ଣବ ମେହେର

ଓଡ଼ିଶା ଭୂଖଣ୍ଡରେ ଯେଉଁ କେତେ ଜଣ ମହାନ ବ୍ୟକ୍ତିତ୍ୱର ଜନ୍ମ ହୋଇ ଓଡ଼ିଆ ଜାତିର ସ୍ୱାଭିମାନକୁ ଶୀର୍ଷରେ ପହଂଚାଇଛନ୍ତି, ସେମାନଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ ଦାସ ବିରଳ ପ୍ରତିଭାର ଅଧିକାରୀ । ୧୮୪୮ ମସିହା ଏପ୍ରିଲ ୨୮ ତାରିଖ କଟକ ଜିଲ୍ଲା ସତ୍ୟଭାମାପୁର ଗ୍ରାମରେ ଗୋଟିଏ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିବା କାଳଜୟୀ ମଧୁବାବୁଙ୍କ ଆଜି ୧୭୫ତମ ଜନ୍ମଦିବସ । ମଧୁବାବୁଙ୍କ ଜନ୍ମିତ ନାମ ଗୋବିନ୍ଦ ବଲ୍ଲଭ ଦାସ ହୋଇଥିବା ବେଳେ ସେ ନିଜ ଗାଁ ଚାହାଳୀରୁ ପଢ଼ା ସାରି ହାଇସ୍କୁଲ ପାଠ ପଢ଼ିବା ପାଇଁ କଟକ ଆସିଥିଲେ । ଗଭର୍ଣ୍ଣମେଣ୍ଟ ଜିଲ୍ଲା ସ୍କୁଲରେ ମଧୁବାବୁ ନିଜର ହାଇସ୍କୁଲ ଶିକ୍ଷା ସାରି ଉଚ୍ଚ ଶିକ୍ଷା ନିମନ୍ତେ ୧୮୬୪ ମସିହାରେ ତତ୍କାଳୀନ କଲିକତା ବିଶ୍ୱଭାରତୀର ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇ ଥିଲେ ମଧ୍ୟ ଅର୍ଥ ସମସ୍ୟା ଯୋଗୁଁ କଲିକତା ଯାଇ ନପାରି କିଛିଦିନ ପାଇଁ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରିଥିଲେ । ପରବର୍ତ୍ତୀ ସମୟରେ ଶିକ୍ଷକତା ଛାଡ଼ି ସେ କଲିକତା ଯାତ୍ରା କରିଥିଲେ । ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକତ୍ର କରି ଭାଷାଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶାକୁ ସ୍ୱତଂତ୍ର ପ୍ରଦେଶ ଗଠନ କରିବାର ସ୍ୱପ୍ନ ଓ ଆଜୀବନ ସଂଗ୍ରାମ ଥିଲା ମଧୁବାବୁଙ୍କ ଜୀବନର ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏଥିପାଇଁ ସେ ୧୯୦୩ ମସିହାରେ ଗଠନ କରିଥିଲେ ଉତ୍କଳ ସମ୍ମିଳନୀ' । ସମଗ୍ର ଓଡ଼ିଆ ଭାଷା-ଭାଷୀ ଅଂଚଳକୁ ଏକତ୍ର ଓ ଏକ ଶାସନାଧୀନ କରିବା ସହ ଓଡ଼ିଶାର ଶିଳ୍ପ, କଳା, କୃଷି ଓ ବାଣିଜ୍ୟ ଆଦିର ବିକାଶ ସାଧନା ଏବଂ ଭାଷା ଓ ସଂସ୍କୃତିର ସୁରକ୍ଷା ତଥା ଜାତୀୟତାବୋଧର ପ୍ରସାର ଥିଲା ମଧୁବାବୁଙ୍କ 'ଉତ୍କଳ ସମ୍ମିଳନୀ' ଗଠନର ମୂଳ ଓ ମୁଖ୍ୟ ଲକ୍ଷ୍ୟ । ସାମାଜିକ ଓ ଅର୍ଥନୈତିକ ପ୍ରଗତି ବିନା ରାଜନୈତିକ ପ୍ରଗତି ଯେ କଦାପି ସମ୍ଭବ ନୁହେଁ ସେ ଏକଥାକୁ ଗମ୍ଭୀରତାର ସହ ହୃଦୟଙ୍ଗମ କରି ପାରିଥିଲେ । ରାଜ୍ୟର ପ୍ରାୟ ସମସ୍ତେ କୃଷିକାର୍ଯ୍ୟ ଉପରେ ନିର୍ଭର କରୁଥିବାରୁ ମଧୁବାବୁ ସେତେ ବେଳେ ଜମିରେ କୃଷକର ମାଲିକାନା ଏବଂ କୃଷକର ଉନ୍ନତିକୁ ପ୍ରାଧାନ୍ୟ ଦେଇଥିଲେ । ସେହିଭଳି ସମାଜର ସର୍ବାଙ୍ଗିନ ବିକାଶ କରିବାକୁ ହେଲେ ସମାଜର ଅର୍ଦ୍ଧେକ ଅଂଶ ନାରୀମାନଙ୍କ ଉନ୍ନତି ନିହାତି ଦରକାର, ଆଉ ଏଥିପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଭାବି ମଧୁବାବୁ ନାରୀ ଶିକ୍ଷା ସପକ୍ଷରେ ନିଜ ସ୍ୱର ଉତ୍ତୋଳନ କରିଥିଲେ । ଏତତବ୍ୟତିତ ନାନା ଘାତପ୍ରତିଘାତ ମଧ୍ୟରେ ଓଡ଼ିଆ ଜାତି ଭିତରେ ବଳିଷ୍ଠ ଆତ୍ମପ୍ରତ୍ୟୟ ଜାଗ୍ରତ କରିବାରେ ଉତ୍କଳ ଗୌରବଙ୍କ ଉଦ୍ୟମର ପଟାନ୍ତର ନାହିଁ । ଯେଉଁଥି ପାଇଁ ମଧୁବାବୁ ଉତ୍କଳର ମୁକୁଟବିହୀନ ବାସ୍ତବ ସମ୍ରାଟ ଭାବରେ ସର୍ବଜନବିଦିତ । ଜଣେ ଦକ୍ଷ ଓ ବିଚକ୍ଷଣ ଓକିଲ ଭାବରେ ସେହି ସମୟର ଓଡ଼ିଶାର ବଡ଼ବଡ଼ ମୋକଦ୍ଦମାର ସଫଳ ପରିଚାଳନା ଏ ମାଟିକୁ ଶ୍ରୀମଣ୍ଡିତ କରି ପାରିଥିଲା । ସେତେବେଳର ମାନସିଂହ ପାଟଣା ଡକାୟତିଘଟଣା, ଖଣ୍ଡପଡ଼ା ରାଜାଙ୍କ ମୋକଦ୍ଦମା, କେନ୍ଦୁଝର ମେଳି, ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱ ପ୍ରସଙ୍ଗ ଆଦି ବହୁ ଚର୍ଚ୍ଚିତ ମୋକଦ୍ଦମରେ ମଧୁବାବୁ ସଫଳତା ଲାଭ କରି ଲୋକପ୍ରିୟତା ଅର୍ଜନ କରିପାରିଥିଲେ ।



ଓଡ଼ିଆ ଜାତିର ବିକାଶ ସକାଶେ ଓଡ଼ିଶାବାସୀଙ୍କୁ ଅନୁପ୍ରାଣିତ କରିବା ପାଇଁ ମଧୁବାବୁଙ୍କ ସାହିତ୍ୟ ସାଧନା ଜାତି ପାଇଁ ହିଁ ସଦା ଉତ୍ସର୍ଗୀକୃତ ରହିଛି । ମଧୁବାବୁ ଯଥାର୍ଥରେ କହୁଥିଲେ ଯେ ଓଡ଼ିଆ ଜାତି ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପରି ସର୍ବ ଶକ୍ତିଶାଳୀ ଓ ମହାନ । ଏହି ଜାତି ରୂପକ ନନ୍ଦିଘୋଷକୁ ଆଗକୁ ଆଗେଇ ନେବାକୁ ହେଲେ ସମସ୍ତେ ନିଃସ୍ୱାର୍ଥପର ଭାବରେ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିଚାଲିବା ଏକାନ୍ତ ଆବଶ୍ୟକ ।

ମଧୁବାବୁ ଓଡ଼ିଆ ଜାତୀୟତାର ପ୍ରମୁଖ ମଂତ୍ରଦାତା । ସେ କେବଳ ସ୍ୱତଂତ୍ର ଓଡ଼ିଶା ଗଠନର କର୍ଣ୍ଣଧାର ନୁହଁନ୍ତି, ଅଧିକନ୍ତୁ ଓଡ଼ିଶାର ଅବହେଳିତ, ନିଷ୍ପେସିତ ଜନତାଙ୍କ ଉନ୍ନତି ନିମନ୍ତେ ତାଙ୍କର ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା, ତ୍ୟାଗପୂର୍ଣ୍ଣ ଜୀବନ, ଅନ୍ତର୍ହୀତ ଜାତିପ୍ରୀତିକୁ ଏ ଜାତି କେବେ ଭୁଲିବାର ନୁହେଁ । ଉତ୍କଳର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅବହେଳିତ ଓଡ଼ିଆ ଜାତିକୁ ଉଦ୍ଧାର କରି ଏକ ସ୍ୱତଂତ୍ର ପରିଚୟ ଦେଇଥିବା ମଧୁବାବୁ ହେଉଛନ୍ତି ବାସ୍ତବରେ ଉତ୍କଳର ଗୌରବ ।

ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

### କବିତା କୋଣାର୍କ

## ଆସ ବୁଲିଯିବା ମଧୁ ବଜାର

### ପ୍ରଭାତ କୁମାର ଆଚାର୍ଯ୍ୟ



ମୋ'ର କିଛି ଦରକାର
ମଣିଷ ପଣିଆ, ସ୍ନେହ ଓ ମମତା
ଦରଦୀ ହୃଦୟର ଆହା ପଦ
କିଛି ଭରସା, କିଛି ବିଶ୍ୱାସ,
ଖୋଜି ଖୋଜି ଠିକଣା ପାଇଛି ତାହାର
ଦରକାର ଯଦି ଭାଇ
ଆସ ମୋ ସହିତ
ବୁଲିଯିବା ଥରେ ଭାଇ !ମଧୁ ବଜାର ।
ସେ ବଜାରରେ ମିଳେ ନାହିଁ ଭାଇ !
ସୁନା-ରୂପା, ମୋତି କି ମାଣିକ୍ୟ
ଟଙ୍କାର ବିନିମୟ ହୁଏ ନାହିଁ ସେଠି
ବଦଳାବଦଳିରେ ହୁଏ ଦିଆ ନିଆ
ଭେଟି
ହିସାବ ହୁଏ ନା ସେଠି
କାହା ଲାଭ ଓ କ୍ଷତିର
ଆସ ବୁଲିଯିବା ଥରେ ଭାଇ ମଧୁ
ବଜାର ।
ଷ୍ଟଲ୍ ପରେ ଷ୍ଟଲ୍ ଲାଗିଛି ଅନେକ ଷ୍ଟଲ୍ ।
ଏଇ ଦେଖୁଛ
ଯେଉଁ ନାଲି ରଙ୍ଗର ଷ୍ଟଲ୍
ଶୌର୍ଯ୍ୟ, ବୀର୍ଯ୍ୟ, ବୀରତ୍ୱ,ସାହସ
ମିଳେ ସେଠି
ହେଲେ ଦେବାକୁ ପଡ଼ିବ ଆମକୁ
ଭୟ, ଆଳସ୍ୟକୁ ଭେଟି ।
ସୂଚନା ଅଛି,
ଭଲ ମଣିଷ ହେବାକୁ ଇଚ୍ଛା ଯଦି ତୁମର
ତାହେଲେ ବୁଲିଆସ ଭାଇ ଥରେ
ମଧୁ ବଜାର ।
ଏଇ ଯେଉଁ ଧଳା ରଙ୍ଗର ଷ୍ଟଲ୍
ଏଠି ମିଳେ ଭାଇ !
ସତ୍ୟ, ଶାନ୍ତି, ଅହିଂସା, ପ୍ରଗତି
ନେବାକୁ ହେଲେ ଏସବୁ
ବଳି ଦେବାକୁ ହେବ
ହିଂସା, ମିଥ୍ୟା, କୁକୁର ପ୍ରକୃତି
ସ୍ୱାର୍ଥ ସର୍ବସ୍ୱ ଗୋଦରାର ଗୁଣ
ଶାଗୁଣା ବିଲୁଆର ଚିକିତ୍ସକ ପଣ
ଦାନାଖିଆ ଘୋଡ଼ା ମନ୍ତ୍ରୀଙ୍କ ଗୁଣ
ନେତା, ଯନ୍ତ୍ରୀଠାରେ ଉତ୍କୋଚର ଭୃଣ
ଟେକ ରଖିବାକୁ ଅଛି ଯଦି ଦେଶ ଓ
ଜାତିର
ତେବେ ଆସ ଭାଇ ବୁଲିଯିବା ଥରେ
ମଧୁ ବଜାର ।
ଏଇ ସବୁଜ ରଙ୍ଗର ଷ୍ଟଲ୍‌ରେ ମିଳୁଛି
ମୈତ୍ରୀ, ପ୍ରଗତି
ମାତୃଭୂମି ମାତୃ ଭାଷାର ଭକତି
ଦେଶପ୍ରେମ ଆଉ ସମୃଦ୍ଧି, ଉନ୍ନତି
ଭାଇଚାରାର ମଲମ,ଓ
ସ୍ୱାର୍ଥମେଧ ଯଜ୍ଞର ମନ୍ତ୍ର ସ୍ତୁତି ।
ନେବାକୁ ହେଲେ ଏ ସବୁ
ଦେବାକୁ ପଡ଼ିବ ମୋତେ
ଈର୍ଷା, କଙ୍କଡ଼ାର ଗୁଣ
ସମ୍ପ୍ରଦାୟ ନାଁ ରେ ହୀନ ରାଜନୀତି
ଗର୍ବ, ଅହଂକାର, ବିଦେଶୀ ସଂସ୍କୃତି
ଜାତି ପ୍ରେମ ବହ୍ନିରେ ଦେବି ସ୍ୱାର୍ଥକୁ
ଆହୁତି
ହେବାକୁ ଅଛି ଭାଇ ! ଯଦି କର୍ମବୀର
ତେବେ ବୁଲିଆସ ଭାଇ !
ମଧୁ ବଜାର ।
ଏଇ ବଜାରରୁ ଯିଏ ସଉଦା କରିବ
ଜାତି ପ୍ରାଣଧାର ତା' ଦେହେ ବହିବ
ଜାତି ଇତିହାସ ଜାତିର ଗୌରବ
ମାଟି-ମାଆ ପାଇଁ ତା'ଜୀବନ ଦେବ
ଦୁଃଖୀ, ରଙ୍କି ସେବା, ମଣିଷ ପଣିଆ
ଉଦାର ହୃଦୟ ଜାଣିବ ଦୁନିଆ
ଦେବତାଙ୍କ ମେଳେ
ହେବ ତା'ର ଘର
ଆସ ବୁଲିଯିବା ଥରେ ଭାଇ
ମଧୁ ବଜାର ।
ଏଇ ବଜାରର ମାଲିକ ଯିଏ
ଉତ୍କଳ ଗୌରବ ନାମଟି ବହେ
ଓଡ଼ିଶାକୁ କଲେ ସ୍ୱତନ୍ତ୍ର ରାଜ୍ୟ
ମାଆ-ମାଟି ପାଇଁ ତାଙ୍କରି କାର୍ଯ୍ୟ
ମନ୍ତ୍ରୀପଦ ହେଉ ବେତନ ହୀନ
ରଖିଲେ ଓଡ଼ିଆ ଜାତି ସ୍ୱାଭିମାନ
ପିଲା ଠାରୁ ବୁଢ଼ା ପ୍ରିୟ ସଭିଙ୍କର
ଜାଣନ୍ତି ସମସ୍ତେ ମଧୁବାରିଷ୍ଟର
ଜାଣିବା, ଶିଖିବା ଯଦି ଗୁଣ ତାଙ୍କର
ଆସ ବୁଲିଯିବା ଥରେ ଭାଇ ମଧୁ
ବଜାର ।

ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ, ବାଲେଶ୍ୱର

## ମୁଁ ଏମିତି ଏକ ନାୟକ

### ରମାକାନ୍ତ ଦାସ



ସଂସାର ରଙ୍ଗମଞ୍ଚରେ
ମୁଁ ଏମିତି ଏକ ନାୟକ
ହୃଦୟର କୋହକୁ
ହୃଦୟରେ ଚାପିରଖି
ହଜାର ହଜାର ଟୋପା ଲୁହକୁ
ଓଠର ହସରେ ପାନ କରି
ଅବାସ୍ତବକୁ ଜୀବନ୍ତ ବାସ୍ତବର
ରୂପଦେଇ
ସାଜେ ମୁଁ ମୋ କାହାଣୀର
ନୀରବ ଶୀର୍ଷକ ।

ଏ ରଙ୍ଗ ମଞ୍ଚରେ
ହାରିବା ଜିତିବା ନିତ୍ୟ ସତ୍ୟ
ଏଠି ସ୍ନେହ ମମତାର ମୂଲ୍ୟ ମିଳେନା
ହାରିଯିବା ପରେ
ନିଶାର୍ଦ୍ଧରେ ମନ ଜଳେ
ବିଛଣାରେ ଲୁହ ଢ଼ାଳେ
ଆଶାର ଆଲୋକ ବି ହୋଇଯାଏ
ନିରାଶାର ଅନ୍ଧକାର
ଆଖିର ଦୋଷକୁ ଲୁଚେଇବା ପାଇଁ
ଓଠ ପିଇଯାଏ ଲୁହର ଝର
ମନର କଷ୍ଟକୁ ଲୁଚେଇବା ପାଇଁ
ମନ ଭୋଗୁଥାଏ ଅନେକ କଷ୍ଟର ଦଣ୍ଡ
ଭରସା ଗଛର ଡାଳରେ
ନିତି କାନ୍ଦୁଥାଏ
ସପନର ଡିମିରି ଫୁଲ
ଅକୁହା କୋହ ସବୁ ଜମାଟ ବାନ୍ଧନ୍ତି
ନିରିହ ଛାତିତଳେ ।

ଆତତାୟୀ ସାଜେ ସମୟ
ଛଡେଇ ନିଏ ଓଠର ହସ
ହୃଦୟ ସିନ୍ଧୁକରେ ଭରିଦିଏ
ଅନେକ ଯନ୍ତ୍ରଣା
ଆଖିର ଲୁହ ସବୁ
ଖୁବ୍ କଷ୍ଟ ଦିଅନ୍ତି
ଦେହ, ମନ ଆଉ ଜୀବନକୁ
ପ୍ରତିକ୍ଷଣେ ଜାଳୁଥାନ୍ତି ।

ନନ୍ଦିଗ୍ରାମ,ନାଉଗାଁ, ଜଗତସିଂହପୁର
ମୋ : ୯୬୬୮୮୧୫୩୬୯

## ଜହ୍ନ ଆଉ କଇଁ

### ରୋହିତ ସେଠୀ

ଜହ୍ନକୁ ଅନେଇ ରହିଛି କଇଁ
କେତେବେଳେ ସିଏ ଆସିବ
ଉଇଁ ।

ଜହ୍ନ ଜୋଛନାରେ ଭିଜିବ ବୋଲି
ମନ କଥା ତାକୁ କହିବ ଖୋଲି ।

ଜହ୍ନ ଆଉ କଇଁ ପ୍ରେମ କାହାଣୀ
ଦୁନିଆରେ କୁହ କିଏ ଜାଣିନି... ?

ବାଦଲ ଫାଙ୍କରେ ଜହ୍ନକୁ ଦେଖି
କଇଁ ଅନେଇବ ଓଢଣା ଟେକି ।

ଧିରେ ଧିରେ ରାତି ପାହି ଆସିବ
ଜହ୍ନଠାରୁ କଇଁ ଅଲଗା ହେବ ।

ବିରହରେ କଇଁ ଜହ୍ନକୁ ଝୁରି
ତଡ଼ାଗେ ବସିବ ମନକୁ ମାରି ।

ପ୍ରତିଶ୍ରୁତି ଦେଇ ଜହ୍ନ କଇଁକୁ
ବୁଝାଇବ ତା'ର ଦୁଃଖୀ ମନକୁ ।

ଫେରିବ ପୁଣି ସେ ଆସିଲେ ରାତି
ଦୂର କରିବ ତା' ବିରହ ତାତି ।

ଖଜୁରୀପଡା,କନ୍ଧମାଳ
ମୋ: ୭୭୩୫୨୧୪୩୭୯

# ସୋନାକ୍ଷୀଙ୍କୁ ଭାଉଜ ଡାକିଲେ ସଲମାନଙ୍କ ଭଉଣୀ ଅର୍ପିତା



ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା, ଜହିର ଇକବାଲଙ୍କୁ ଡେଟ କରୁଥିବା ଗୁଜବ ଦୀର୍ଘ ଦିନ ଧରି ହେଡଲାଇନରେ ରହିଆସିଛି। ଯଦିଓ ଏହି ଦୁଇଜଣ ଖୁଲମଖୁଲା ଭାବେ ନିଜ ସମ୍ପର୍କକୁ ନେଇ କିଛି କହିନାହାନ୍ତି । କିନ୍ତୁ ସଲମାନ ଖାନଙ୍କ ଭଉଣୀ ଅର୍ପିତା ଖାନ ଶର୍ମା ଶେଷରେ ସୋନାକ୍ଷୀ ସିହ୍ନା ଓ ଜହିର ଇକବାଲଙ୍କ ସହ ଡେଟିଂ ଖବରକୁ ନିଶ୍ଚିତ କରିଛନ୍ତି । ବାସ୍ତବରେ, ଗତକାଲି ରାତିରେ ଅର୍ପିତା ଏକ ଇନଷ୍ଟାଗ୍ରାମ ଷ୍ଟୋରି ସେୟାର କରିଥିଲେ ଯେଉଁଥିରେ ସେ ସୋନାକ୍ଷୀଙ୍କୁ ଭାଉଜ ବୋଲି କହିଥିଲେ। ତେବେ ଅର୍ପିତା ବର୍ତ୍ତମାନ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଏହାକୁ ଡିଲିଟ କରିଛନ୍ତି। କୌତୁହଳର କଥା ହେଉଛି ଯେ, ଅର୍ପିତା ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ହୁମା କୁରେଶିଙ୍କ ଇଦ୍ ପାର୍ଟିର ଅନେକ ଫଟୋ ମଧ ସେୟାର କରିଥିଲେ, ଯେଉଁଥିରେ ଜହିର ଇକବାଲ ଓ ସୋନାକ୍ଷୀ ପାଖାପାଖି ଛିଡା ହୋଇଥିବାର ନଜର ଆସିଥିଲେ । ଫଟୋଗୁଡ଼ିକରେ ଜହିର ସୋନାକ୍ଷୀଙ୍କ କାନ୍ଧରେ ହାତ ରଖିଥିବାର ନଜର ଆସିଥିଲେ । ଏହି ଫଟୋଗୁଡ଼ିକ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗତ ବର୍ଷ ସୋନାକ୍ଷୀ ସିହ୍ନା ନିଜ ଇନଷ୍ଟାଗ୍ରାମ ପୋଷ୍ଟ ମାଧମରେ ପ୍ରଶଂସକମାନଙ୍କୁ ଏକ ରହସ୍ୟମୟ ଯୁବକଙ୍କ ବିଷୟରେ କହିଥିଲେ ଓ ସେ ଏକ ହୀରା ମୁଦି ପିନ୍ଧିଥିଲେ ଓ ଲେଖିଥିଲେ ଯେ "ମୋ ପାଇଁ ବଡ ଦିନ !!!" ମୋର ସବୁଠୁ ବଡ ସ୍ୱପ୍ନ ସାକାର ହେଉଛି ଏବଂ ମୁଁ ଏହାକୁ ସେୟାର କରିବାକୁ ଅପେକ୍ଷା କରିପାରିବି ନାହିଁ । ଏହି ପୋଷ୍ଟ ପରେ ଜାହିର ଇକବାଲଙ୍କ ସହ ତାଙ୍କର ସମ୍ପର୍କକୁ ନେଇ କଳ୍ପନାଜଳ୍ପନା ଚାଲିଥିଲା, ତେବେ ଏହା ପରେ ଗୁଜବ ବୋଲି ଜଣାପଡିଥିଲା ।

# ବ୍ଲୁ ଟିକ୍ ଫେରି ପାଇଲେ ବିଗ୍ ବି, କହିଲେ- ତୁ ଚିଜ୍ ବଡ଼ି ହେ ମସ୍କ, ମସ୍କ



ମସ୍କଙ୍କୁ ପାଉଣା ଦେଇ ନ ଥିବାରୁ ବିଗ୍ ବି'ଙ୍କ ଟ୍ୱିଟର ଆକାଉଣ୍ଟରୁ ବି ଗାଏବ ହୋଇଯାଇଥିଲା ବ୍ଲୁ ଟିକ୍। ଏହାଦେଖି ଅବାକ ହୋଇ ଯାଇଥିବା ବଲିଉଡର ଆଙ୍ଗ୍ରି ମ୍ୟାନ୍ ଶେଷରେ ମସ୍କଙ୍କୁ ଟଙ୍କା ଦେଇ ଫେରି ପାଇଛନ୍ତି ନିଜ ବ୍ଲୁ ଟିକ୍। ଏଥିରେ ଖୁବ୍ ଖୁସି ହୋଇଯାଇଥିବା ଅମିତାଭଙ୍କ ପାଦ ତଳେ ଲାଗୁ ନ ଥିବା ବେଳେ ଖୁସିରେ 'ତୁ ଚିଜ୍ ବଡ଼ି ହେ, ମସ୍କ' ବୋଲି ବି ଟ୍ୱିଟ କରିଛନ୍ତି। ଏଣିକି ବ୍ଲୁ ଟିକ୍ ପାଇବାକୁ ପାଉଣା ଦେବାକୁ ପଡ଼ିବ ବୋଲି ମସ୍କ ପୂର୍ବରୁ ଘୋଷଣା କରିଥିବା ବେଳେ ଦେୟ ଦେଇ ନ ଥିବା ବ୍ୟକ୍ତିଙ୍କ ଆକାଉଣ୍ଟ ଆଗରୁ ଗତ ୨୦ ତାରିଖରେ ହଟାଇ ଦେଇଥିଲେ ବ୍ଲୁ ଟିକ୍। ବ୍ଲୁ ଟିକ୍ ହଟି ଯାଇଥିବା ସେଲିବ୍ରିଟିଙ୍କ ମଧରେ ଅମିତାଭ ବଚ୍ଚନ, ଶାହରୁଖ ଖାନ, ସଲମାନ ଖାନ, ଶାହିଦ କପୁର,ଅକ୍ଷୟ କୁମାର, ଆଲିଆ ଭଟ୍ଟଙ୍କ ପରି ଆଗଧାଡ଼ିର ସେଲିବ୍ରିଟିଙ୍କ ନାଁ ବି ସାମିଲ ଥିଲା। ସବୁବେଳେ ସୋଶାଲ ମିଡିଆରେ ଆକ୍ଟିଭ ରହୁଥିବା ଅମିତାଭ ବଚ୍ଚନଙ୍କୁ କିନ୍ତୁ ଏହା ହଜମ ହୋଇ ନ ଥିଲା। ଏପରିକି ସେ ଟ୍ୱିଟ କରି କହିଥିଲେ- ଟ୍ୱିଟର ଭାଇ, ଏବେ ତ ତୁମକୁ ଟଙ୍କା ଦେଇଦେଲି। ଏବେ ତ' ମୋ' ନାଁ ଆଗରେ ଥିବା ବ୍ଲୁ ଟିକ୍ ଫେରାଇ ଦିଅ । ଫଳରେ ଲୋକେ ଜାଣି ପାରିବେ ଯେ, ଏହା ମୋ' ଆକାଉଣ୍ଟ । ମୁଁ ତୁମକୁ ହାତ ଯୋଡୁଛି, ଏବେ କ'ଣ ଗୋଡ଼ ଯୋଡ଼ି ପଡ଼ିବି। ଅମିତାଭଙ୍କ ଏପରି ମଜାଳିଆ ଟ୍ୱିଟକୁ ବହୁ ୟୁଜର୍ସ ପସନ୍ଦ କରିଛନ୍ତି। ଟଙ୍କା ପଇଠ କରିବା ପରେ ଅମିତାଭଙ୍କ ଆକାଉଣ୍ଟକୁ ବ୍ଲୁ ଟିକ୍ ଫେରିଥିବା ବେଳେ ତାଙ୍କ ଖୁସି ବନ୍ଧ ବାଡ଼ ମାନୁନି। ପୁଣି ଥରେ ଟ୍ୱିଟ କରି ଅମିତାଭ ଧନ୍ୟବାଦ ଜଣାଇବା ସହ ମସ୍କ ଭାଇ ତୁମ ପାଇଁ ଗୀତ ଗାଇବାକୁ ଇଚ୍ଛା ହେଉଛି। ତା' ହେଲେ ଶୁଣନ୍ତୁ- ତୁ ଚିଜ ବଡ଼ି ହୈ ମସ୍କ, ମସ୍କ, ତୁ ଚିଜ ବଡ଼ି ହୈ ବୋଲି ଟୁଇଟ କରିଛନ୍ତି। ଅମିତାଭଙ୍କ ଏହି ଟୁଇଟ ଖୁବ୍ ଭାଇରାଲ ହେବାରେ ଲାଗିଛି। ଅମିତାଭଙ୍କ ପରି ସୋନୁ ସୁଦ ଓ ଶାହିଦ କପୁରଙ୍କ ଆକାଉଣ୍ଟରୁ ବି ବ୍ଲୁ ଟିକ୍ ଗାଏବ ହୋଇଯାଇଥିବାରୁ ସେମାନେ ବି ମଜାଳିଆ ଟ୍ୱିଟ କରିଛନ୍ତି। ସୋନୁ ସୁଦ ଟୁଇଟ କରି କହିଛନ୍ତି, କିଏ ଏ ଭାଇଙ୍କୁ ବୁଝାଇବ, ବ୍ଲୁ ଟିକ୍ କିଣାଯାଏନି, ରୋଜଗାର କରିବାକୁ ପଡ଼ିଥାଏ। ସେହିପରି ଶାହିଦ କପୁର ଟୁଇଟ କରିଛନ୍ତି, ମୋ' ବ୍ଲୁ ଟିକ୍‌କୁ କିଏ ଛୁଇଁଲା, ଏଲନ ତୁ' ସେଠି ଥା, ମୁଁ ଆସୁଛି । ଏପରି ଟୁଇଟ ଖୁବ୍ ଭାଇରାଲ ହେଉଥିବା ବେଳେ ୟୁଜର୍ସ ବି ଏହାକୁ ଖୁବ୍ ପସନ୍ଦ କରୁଛନ୍ତି।

# ଏଆଇ ଗୀତ ପାଇଁ ଗ୍ରାଇମ୍‌ସଙ୍କ ସ୍ୱର ମାଗଣା



କାନାଡିଆନ୍ କଣ୍ଠଶିଳ୍ପୀ ତଥା ଅର୍ବପତି ଉଦ୍ୟୋଗୀ ଇଲୋନ୍ ମସ୍କଙ୍କ ପୂର୍ବତନ ବାନ୍ଧବୀ ଗ୍ରାଇମ୍‌ସ ପ୍ରକାଶ କରିଛନ୍ତି ଯେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସ (ଏଆଇ) ବା କୃତ୍ରିମ ମେଧା ମାଧମରେ ସଂଯୋଜିତ ଗୀତରେ ଯେ କେହି ତାଙ୍କ ସ୍ୱର ବ୍ୟବହାର କରିପାରିବ। ସଂଗୀତଜ୍ଞମାନେ ତାଙ୍କ କଣ୍ଠକୁ ବ୍ୟବହାର କଲେ ବୌଦ୍ଧିକ ସମ୍ପତ୍ତି ନିୟମର ଉଲ୍ଲଂଘନ ହେବ ନାହିଁ। ତେବେ ଯଦି ତାଙ୍କ ସ୍ୱର ସମ୍ବଳିତ କୌଣସି ଗୀତ ସଫଳ ହୁଏ ତା'ହେଲେ ସେ ଆୟର ୫୦% ନେବେ। ଏଆଇର ଯୁଗ ଆରମ୍ଭ ହେବା ପରେ ଏହା। କଳାକାରଙ୍କ ବୌଦ୍ଧିକ ସମ୍ପତ୍ତି ଅଧିକାର କ୍ଷୁଣ୍ଣ କରିବା ଦିଗରେ ବ୍ୟବହୃତ ହେବାର ବିପଦ ସମ୍ପର୍କରେ ଅନେକ ବିଶେଷଜ୍ଞ ଚେତାବନୀ ଦେଉଛନ୍ତି। ଗତ ଶୁକ୍ରବାର ଏଆଇ ମାଧମରେ କାନାଡାର ଦୁଇ ତାରକା କଣ୍ଠଶିଳ୍ପୀ ଡ୍ରେକ୍ ଓ ଦି ୱିକେଣ୍ଡ୍‌ଙ୍କ ସ୍ୱର ନକଲ କରି 'ହାର୍ଟ ଅନ୍ ମାଇଁ ସ୍ଲିଭ୍' ନାମକ ଗୀତଟି ମୁକ୍ତିଲାଭ କରିବା ପରେ ତାହା ସଂଗୀତ ଶିଳ୍ପରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହା ଏତେ ଜୀବନ୍ତ ଶୁଭୁଥିଲା ଯେ ଉକ୍ତ ଗାୟକମାନେ ହିଁ ଅସଲରେ ଗୀତଟି ଗାଇଛନ୍ତି ବୋଲି ସମସ୍ତେ ଭାବୁଥିଲେ। ତେବେ ବୌଦ୍ଧିକ ସମ୍ପତ୍ତି କ୍ଷୁଣ୍ଣ ହୋଇଥିବା ନେଇ ଅଭିଯୋଗ ହେବା ପରେ ଗୀତଟିକୁ ହଟାଇ ନିଆଯାଇଥିଲା। ଏହାର ପ୍ରତିକ୍ରିୟାରେ ଗ୍ରାଇମ୍‌ସ ଏଆଇ ପ୍ରଯୁକ୍ତିକୁ ଏକପ୍ରକାର ସ୍ୱାଗତ ଜଣାଇଛନ୍ତି। ରୋଚକ କଥା ହେଲା, ତାଙ୍କ ଦୁଇ ସନ୍ତାନଙ୍କ ପିତା ମସ୍କ, ଏଆଇ ମଣିଷ ପ୍ରତି ଏକ ବିପଦ ବୋଲି କହିବା ପରେ ନିଜେ ଏହି ପ୍ରଯୁକ୍ତିରେ ବିପୁଳ ନିବେଶ କରିଛନ୍ତି।

# ଫିଲ୍ମ ମିଳୁନି ବୋଲି ବିବାହ ଖବରକୁ ନେଇ ଚର୍ଚ୍ଚାରେ ରହିବାକୁ ଚାହୁଁଛନ୍ତି ପରିଣୀତି



ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ସାଂସଦ ରାଘବ ଚଡ୍ଢାଙ୍କ ଡେଟିଂ ଖବର ବ୍ୟାପି ଚାଲିଥିବା ବେଳେ ଦୁହିଁଙ୍କ ବିବାହକୁ ନେଇ ଏବେ ବି ସସପେନ୍ସ ଜାରି ରହିଛି। ଦୁହିଁଙ୍କ ମଧରୁ କାହାକୁ ବି ସର୍ବସାଧାରଣ ସ୍ଥାନରେ ଦେଖି ଦେଲେ ଗଣମାଧମ ପ୍ରତିନିଧି ବିବାହକୁ ନେଇ ପ୍ରଶ୍ନ ପଚାରୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଦୁହେଁ ବିବାହକୁ ନେଇ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଦୁହିଁଙ୍କ ବିବାହ ବର୍ଷ ଶେଷ ଆଡ଼କୁ ହେବ ବୋଲି ଚର୍ଚ୍ଚା ହେଉଥିବା ବେଳେ ଦୁହିଁଙ୍କ ନିର୍ବନ୍ଧ ହୋଇସାରିଥିବା ମଧ କୁହାଯାଉଛି। ହେଲେ ଏସବୁ ଚର୍ଚ୍ଚାକୁ ନେଇ ମୁହଁ ଖୋଲିନାହାନ୍ତି ପରିଣୀତି ଓ ରାଘବ। ପ୍ରଥମେ ପ୍ରଥମେ ବିବାହକୁ ନେଇ ପରିଣୀତି ଓ ରାଘବଙ୍କ ପ୍ରତିକ୍ରିୟାକୁ ଲୋକେ ଅପେକ୍ଷା କରି ରହୁଥିବା ବେଳେ ଏବେ ବିରକ୍ତି ପ୍ରକାଶ କରିବା ଆରମ୍ଭ କରିଛନ୍ତି। ପରିଣୀତି ଜାଣିଶୁଣି ଚର୍ଚ୍ଚାରେ ରହିବାକୁ କିଛି ପ୍ରତିକ୍ରିୟା ଦେଉନଥିବା କହି ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ସୋମବାର ମୁମ୍ବାଇ ବିମାନବନ୍ଦରରେ ପରିଣୀତି ନଜର ଆସିଥିବା ବେଳେ ତାଙ୍କୁ ବିବାହ ସହ ଜଡ଼ିତ ପ୍ରଶ୍ନ କରାଯାଇଥିଲା। ହେଲେ ପରୀଣୀତି କିଛି ନ କହି ଚାଲିଯାଇଥିଲେ। ତାଙ୍କର ଏହି ଭିଡିଓ ଭାଇରାଲ ହେବା ପରେ ଏବେ ତାଙ୍କୁ ଟ୍ରୋଲିଂର ଶିକାର ହେବାକୁ ପଡ଼ିଛି। ଫିଲ୍ମ ମିଳୁନି ବୋଲି ବିବାହ ଖବରକୁ ନେଇ ଚର୍ଚ୍ଚାରେ ରହିବାକୁ ପରିଣୀତି ଚାହୁଥିବା କହି ଲୋକେ ତାଙ୍କୁ ଟ୍ରୋଲ କରୁଛନ୍ତି।

## କପିଲ ଶର୍ମା ସୋ' ମୋତେ ଫିଲ୍ମ ଦେବ ନାହିଁ: ଭୂମିକା

ଇଦ୍ ଅବସରରେ ରିଲିଜ୍ ହୋଇଥିଲା ଦବଙ୍ଗ ଷ୍ଟାର ସଲମାନଙ୍କ ଫିଲ୍ମ କିସି କା ଭାଇ କିସି କି ଜାନ୍। ଏହି ଫିଲ୍ମରେ 'ତେରେ ନାମ' ଫିଲ୍ମରୁ ଲୋକପ୍ରିୟ ହୋଇଥିବା ଅଭିନେତ୍ରୀ ଭୂମିକା ଚାୱ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିଥିଲେ ବି ତାଙ୍କୁ ଲୋକପ୍ରିୟ କମେଡି ସୋ' କପିଲ ଶର୍ମା ସୋ'କୁ ଡକାଯାଇନଥିଲା। ଫିଲ୍ମରେ କାମ କରିଥିବା ଅନ୍ୟ କଳାକାର ପ୍ରଚାର ପାଇଁ କପିଲ ଶର୍ମା ସୋ' ଯାଇଥିବା ବେଳେ ଭୂମିକା ସେଠାରେ ଉପସ୍ଥିତ ନଥିଲେ। କପିଲ ଶର୍ମା ସୋ' ଡକାନଯିବାକୁ ନେଇ ଏବେ ନିଜର ପ୍ରତିକ୍ରିୟା ରଖିଛନ୍ତି ଭୂମିକା। ସେ କହିଛନ୍ତି ଯେ, "ଯେତେବେଳେ ମୁଁ ମୋର କୁକୁରକୁ ବିଲଡିଂ ତଳକୁ ବୁଲାଇବାକୁ ନେଇଥିଲି, ଲୋକମାନେ ମୋତେ ପଚାରିଲେ ଯେ ତୁମେ କପିଲ ଶର୍ମା ସୋ'କୁ କାହିଁକି ଗଲ ନାହିଁ ? ମୁଁ କହିଲି, କପିଲ ଶର୍ମା ସୋ'କୁ ଟିମ୍ ପ୍ରଚାର ପାଇଁ ଯାଇଛି ବୋଲି ବି ମୁଁ ଜାଣି ନାହିଁ। ଟିମର ନିଶ୍ଚୟ ଭାବରେ କିଛି ରଣନୀତି ଥିବ। ଯେତେବେଳେ ତାଙ୍କୁ ଟିକେ ଖରାପ ଅନୁଭବ ହୋଇଛି କି ନାହିଁ ବୋଲି ପଚରାଗଲା ଅଭିନେତ୍ରୀ କହିଲେ, "ମୁଁ ଗୋଟିଏ ସେକେଣ୍ଡ ପାଇଁ ଖରାପ ଅନୁଭବ କଲି। ତା'ପରେ ମୁଁ ଅନୁଭବ କଲି ଯେ ଭେଙ୍କଟେଶ ସାରଙ୍କୁ ମଧ ଡକାଯାଇ ନାହିଁ।

# ବିବାହର ୧୫ବର୍ଷ ପରେ ଛାଡ଼ପତ୍ର ନେବେ ବରଖା-ଇନ୍ଦ୍ରନିଲ

ଟେଲିଭିଜନ ଜଗତର ଅନ୍ୟତମ ଲୋକପ୍ରିୟ ଦମ୍ପତି ବରଖା ବିଶ୍ଟ ଏବଂ ଇନ୍ଦ୍ରନିଲ ସେନଗୁପ୍ତାଙ୍କ ଯୋଡ଼ି ସମସ୍ତଙ୍କୁ ପସନ୍ଦ। ମାର୍ଚ୍ଚ ୧, ୨୦୦୮ରେ ଏହି ଦମ୍ପତି ବିବାହ କରିଥିଲେ। ଏହାର କିଛି ବର୍ଷ ପରେ, ୨୦୧୧ରେ, ସେମାନେ ସେମାନଙ୍କର ଶିଶୁ କନ୍ୟା ମେଇରାଙ୍କୁ ନିଜ ଜୀବନକୁ ସ୍ୱାଗତ କରିଥିଲେ। ତେବେ କୌଣସି କାରଣରୁ ଗତ ୨ବର୍ଷ ହେଲାଣି ଦୁହେଁ ଅଲଗା ରହିଆସୁଥିବା ବେଳେ ଏବେ ଦୁହେଁ ପରସ୍ପରକୁ ଛଡ଼ପତ୍ର ଦେବାକୁ ଯାଉଥିବା ଜଣାପଡ଼ିଛି। ଅଭିନେତ୍ରୀ ବରଖା ଛାଡ଼ପତ୍ର ଖବରକୁ ନିଶ୍ଚିତ କରିଛନ୍ତି। ଇଟାଇମସ୍ ମୁତାବକ, ଅଭିନେତ୍ରୀ ବାରଖା, ଇନ୍ଦ୍ରନିଲ ସେନଗୁପ୍ତାଙ୍କୁ ଛାଡପତ୍ର ଦେଉଥିବର ଖବର ସତ ବୋଲି ଗ୍ରହଣ କରିଛନ୍ତି। କିଛି ଦିନ ମଧରେ ଦୁହେଁ ପରସ୍ପରଠାରୁ ଛାଡ଼ପତ୍ର ନେବେ। ଅଭିନେତ୍ରୀ ଏହା ମଧ କହିଛନ୍ତି ଯେ, ଏହା ତାଙ୍କ ଜୀବନର ସବୁଠୁ କଠିନ ନିଷ୍ପତ୍ତି ମଧରୁ ଅନ୍ୟତମ। ଅନ୍ୟପକ୍ଷରେ ଇନ୍ଦ୍ରନିଲ ସେନଗୁପ୍ତା ଏପର୍ଯ୍ୟନ୍ତ ଛାଡ଼ପତ୍ର ଖବରକୁ ନେଇ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ତେବେ ବରଖା ଛାଡ଼ପତ୍ରର କାରଣ ନଜଣାଇ ଏବେ ତାଙ୍କ ପାଇଁ ତାଙ୍କ ଝିଅ ଓ ତାଙ୍କ କାମ ସବୁଠାରୁ ଗୁଗୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ, "ମୁଁ ଏବେ କେବଳ ଜଣେ ମା' ଏବଂ ମୋ ଝିଅ ମୋର ପ୍ରାଥମିକତା। ମୁଁ ଓଟିଟିରେ ଭଲ କାମ କରିଆସୁଛି। ଆଗକୁ ବି କରିବି। ମୁଁ ଟିଭି ଏବଂ ଚଳଚ୍ଚିତ୍ରରେ ମଧ ଭଲ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତ ଅଛି।" ତେବେ ଅନ୍ୟ ଜଣେ ଅଭିନେତ୍ରୀଙ୍କ ସହ ଇନ୍ଦ୍ରନିଲଙ୍କର ସମ୍ପର୍କ ଥିବାରୁ ଦୁହେଁ ଅଲଗା ହେଉଥିବା ଚର୍ଚ୍ଚା ହେଉଛି।



# ମାନ୍ଦା ପଡ଼ିଲା 'କିସିକା ଭାଇ କିସିକି ଜାନ୍'ର ବେପାର



'କିସିକା ଭାଇ କିସିକି ଜାନ୍' ଫିଲ୍ମ ରିଲିଜ୍ ହୋଇସାରିଛି। ଏହି ଫିଲ୍ମ ଜରିଆରେ ବଲିଉଡ୍‌ର ସୁପରଷ୍ଟାର ସଲମାନ ଖାନ୍ ଦୀର୍ଘ ୪ ବର୍ଷ ପରେ ରୁପେଲୀ ପରଦାକୁ ଫେରିଛନ୍ତି। ରିଲିଜ୍ ହେଉ ହେଉ ହିଁ ଫିଲ୍ମଟିର ତୁଳନା ଲୋକ ଶାହାରୁଖ ଖାନ୍‌ଙ୍କ ଫିଲ୍ମ 'ପଠାନ' ସହ କରିବା ଆରମ୍ଭ କରି ଦେଇଛନ୍ତି। କେହି କେହି ଏହି ଫିଲ୍ମଟି 'ପଠାନ୍' ପରି ହିଟ୍ ହେବ ବୋଲି ଆକଳନ କରୁଥିବା ବେଳେ କେହି କେହି ଫିଲ୍ମଟିକୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି। ଜାଣିବାକୁ ମିଳିଛି ଯେ ଫିଲ୍ମଟି ଆରମ୍ଭରୁ ଠିକ୍ ଠାକ୍ ରୋଜଗାର କରିଥିଲା ଯଦିଓ, ପଞ୍ଚମ ଦିନରେ କିନ୍ତୁ ବେପାର ମାନ୍ଦା ପଡ଼ିଛି। ରିପୋର୍ଟରୁ ଜାଣିବାକୁ ମିଳିଛି ଯେ ସଲ୍‌ମାନଙ୍କ ଏହି ଚଳଚ୍ଚିତ୍ରଟି ପଞ୍ଚମ ଦିନରେ ମାତ୍ର ୭.୫୦ କୋଟି ରୋଜଗାର କରିଛି। ମଙ୍ଗଳବାରର ରୋଜଗାରକୁ ମିଶାଇ 'କିସିକା ଭାଇ କିସିକି ଜାନ୍' ସମୁଦାୟ ୮୩.୫୩ କୋଟିର ବେପାର କରି ସାରିଲାଣି। ଫିଲ୍ମଟି ଶୁକ୍ରବାର ଦିନ ୧୫.୮୧ କୋଟିର ବେପାର କରିଥିବା ବେଳେ ଶନିବାର ୨୫.୭୫, ରବିବାର ୨୬.୬୧, ସୋମବାର ୧୦.୧୭ କୋଟିର ବ୍ୟବସାୟ କରିଛି। ସଲ୍‌ମାନଙ୍କ ଏହି ଫିଲ୍ମକୁ ଖୁବ୍ ଅପେକ୍ଷା କରା ଯାଇଥିବା ବେଳେ ଏହି ଖବର ଏବେ ଭାଇଜାନ୍‌ଙ୍କ ପ୍ରଶଂସକଙ୍କୁ ନିରାଶ କରିଛି। ତେବେ ସଲ୍‌ମାନଙ୍କ ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରରେ ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅଭିନେତ୍ରୀ ପୂଜା ହେଗ୍‌ଡେ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଫରହାଦ୍ ସାମ୍ ଜି। ଏହି ଚଳଚ୍ଚିତ୍ରଟିରେ ସଲ୍‌ମାନ ଓ ପୂଜାଙ୍କ ବ୍ୟତୀତ ସେହନାଜ୍ ଗିଲ୍, ପଲକ ତିୱାରୀ, ରାମ ଚରଣ, ସିଦ୍ଧାର୍ଥ ନିଗମ୍, ଭେଙ୍କଟେଶ ପ୍ରମୁଖ ଅଛନ୍ତି।



# ସେଲ ରାଉରକେଲା ଇସ୍ପାତ କାରଖାନାର ବରସୁଆ ଏବଂ ତାଲଡିହ ଲୌହ ଖଣିର ଏସଏ ୮୦୦୦: ୨୦୧୪ ପ୍ରମାଣପତ୍ର ଲାଭ

ରାଉରକେଲା, ୨୭/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଓଡ଼ିଶା ଗ୍ରୁପ ଅଫ ମାଇନ୍ସ (ଓଜିଏମ) ଅଧିନସ୍ଥ ବର୍ସୁଆ ଏବଂ ତାଲଡିହ ଲୌହ ଖଣି ସାମାଜିକ ଉତ୍ତରଦାୟିତ୍ୱ ପାଇଁ ଆନ୍ତର୍ଜାତୀୟ ମାନକ ଏସଏ ୮୦୦୦: ୨୦୧୪ ପ୍ରମାଣପତ୍ର ଲାଭ କରିଛି। ଏହି ପ୍ରମାଣପତ୍ର ଓପେନକାଷ୍ଟ ମାଇନିଙ୍ଗ ଏବଂ ପ୍ରକ୍ରିୟାକରଣ ତଥା ଲମ୍ପସ ଏବଂ ଫାଇନ୍ସ ଚାଲାଣ ପାଇଁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏସଏ ୮୦୦୦ ବିଶ୍ୱର ଅଗ୍ରଣୀ ସାମାଜିକ ପ୍ରମାଣପତ୍ର କାର୍ଯ୍ୟକ୍ରମ ଅଟେ । ଏହା ଏକ ଅଡିଟ ଯୋଗ୍ୟ ମାନକ ଯାହା ଯୋଗାଣ ଶୃଙ୍ଖଳ ସହିତ କାର୍ଯ୍ୟକ୍ଷେତ୍ରରେ ସାମାଜିକ ଭାବରେ ଗ୍ରହଣୀୟ ଅଭ୍ୟାସଗୁଡିକର ବିକାଶ, ରକ୍ଷଣାବେକ୍ଷଣ ଏବଂ ପ୍ରୟୋଗ କରିବାକୁ ସଂଗଠନଗୁଡିକୁ ଆବଶ୍ୟକ କରିଥାଏ। ଏହାର ସାମାଜିକ କାର୍ଯ୍ୟଦକ୍ଷତାକୁ କ୍ରମାଗତ ଭାବରେ ଉନ୍ନତ କରିବା ପାଇଁ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସର ପ୍ରତିବଦ୍ଧତା ପ୍ରମାଣପତ୍ରରେ ଦର୍ଶାଯାଇଛି। ଏହା ମଧ୍ୟ ସାମାଜିକ ଦାୟିତ୍ୱଶୀଳ ରୂପେ ବ୍ୟବସାୟ ପରିଚାଳନା କରିବା ପାଇଁ କମ୍ପାନୀ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ପ୍ରଦାନ କରୁଛି।

ଉଲ୍ଲେଖଯୋଗ୍ୟ ଯେ, ଅର୍ପ୍ଟିମନ୍ ସାର୍ଟିଫିକେସନ୍ ଆଇଏନସି ଦ୍ୱାରା ଅପ୍ରେଲ ଦ୍ୱିତୀୟ ସପ୍ତାହରେ ଏହି ସାର୍ଟିଫିକେଟ୍ ଅଡିଟ୍ କରାଯାଇଥିଲା। ବରସୁଆ ଏବଂ ତାଲଡିହ ଲୌହ ଖଣିରେ ଏହି ନୂତନ ମାନକ ପୂର୍ବରୁ ଉପଲବ୍ଧ ବିଶ୍ୱ ସ୍ତରୀୟ ଆନ୍ତର୍ଜାତିକ ମାନଦଣ୍ଡ ଆଇଏସଓ ୯୦୦୧ ଗୁଣବତ୍ତା ପରିଚାଳନା ବ୍ୟବସ୍ଥା, ଆଇଏସଓ ୧୪୦୦୧ ପରିବେଶ ପରିଚାଳନା ବ୍ୟବସ୍ଥା ଏବଂ ଆଇଏସଓ ୪୫୦୦୧ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ମାନକ ସହ ଯୋଡି ହେବା ସହ ଖଣି ସମୂହରେ ଇଣ୍ଟିଗ୍ରେଟେଡ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇଏମ୍ଏସ୍) ଅଧିକ ସୁଦୃଢ ହୋଇଛି।

# ବଲାଙ୍ଗୀର ଓ ବରଗଡ ଜିଲ୍ଲାରେ ଏକ ବିରାଟ ରେଳ ଆନ୍ଦୋଳନ ପାଇଁ ସଜବାଜ

ବଲାଙ୍ଗୀର, ୨୭/୦୪ (ନି.ପ୍ର): ବଲାଙ୍ଗିର ଓ ବରଗଡ ଜିଲ୍ଲାର ରେଳ ଉପଭୋକ୍ତା ସଂଘ ର ଏକ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ବଲାଙ୍ଗିର ଜିଲ୍ଲା ଠାରେ ଆବାହକ ପ୍ରଫେସର ତରୁଣ କୁମାର ମିଶ୍ର ଙ୍କ ଅଧ୍ୟକ୍ଷତାରେ ତା.୨୫.୦୪.୨୩ ରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଦିର୍ଘ ୬୦ ବର୍ଷ ପୁରୁଣା ସମ୍ବଲପୁର - ଟିଟିଲାଗଡ ସେକ୍ସନ କ୍ରମାଗତ ଭାବରେ ରେଳ ବିଭାଗ ଦ୍ୱାରା ଉପକ୍ଷିତ ହେଉଛି । ଗୋଟିଏ ଦିନରେ ଭୁବନେଶ୍ୱରକୁ ଯାଇ କାମ ସାରି ଫେରିବା ସମ୍ଭବ ହେଉ ନାହିଁ । ଲୋକେ ଅଯଥା ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି । ବାରମ୍ବାର ଦାବି ସତ୍ୱେ ସବୁ ଦିନ ସକାଳୁ ରାଜ୍ୟର ରାଜଧାନୀ ଭୁବନେଶ୍ୱରକୁ ଓ ଦେଶର ରାଜଧାନୀ ଦିଲ୍ଲୀକୁ କୌଣସି ସିଧା ସଳଖ ଟ୍ରେନର ବ୍ୟବସ୍ଥା ନାହିଁ । ରେଳ ଲାଇନର ଦୋହରିକରଣ ପରେ ଏହି ଦାବି ଗୁଡିକ ପୁରଣ କରାଯାଇ ପାରିବ ବୋଲି ପୂର୍ବରୁ ରେଳ କର୍ତୃପକ୍ଷ ପ୍ରତିଶୃତି ଦେଇ ଆସୁଥିଲେ ମଧ୍ୟ ଏବେ ଜଳଯୋଗାଣ ଏବଂ ସଫେଇ କାର୍ଯ୍ୟ ବଲାଙ୍ଗିରରେ ହେବାର ନାହିଁ ବୋଲି କହିଲେଣି । ଏଣୁ ଅନ୍ୟପନ୍ଥା ନ ଦେଖି ଆଗାମୀ ଦିନରେ ଭୁବନେଶ୍ୱର ସ୍ଥିତ ଜେନେରାଲ ମ୍ୟାନେଜର ଙ୍କ କାର୍ଯ୍ୟାଳୟ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସ୍ଥିରିକୃତ ହୋଇଛି । ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଜାରି ରହିବ ଏବଂ ଆହୁରି ତିବ୍ରତର ହେବ ବୋଲି କ୍ରିୟାନୁଷ୍ଠାନ କମିଟିର ଆବାହକ ପ୍ରଫେସର ମିଶ୍ର ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ରେଳ ରେଳ ଉପଭୋକ୍ତ ସଂଘ ତରଫରୁ ଦିବାକର ହୋତା, ହିତେଶ ସାହୁ, ଯୁଧିଷ୍ଟିର ମିଶ୍ର, ଅଶୋକ ଚାନ୍ଦ, ମନୋରଂଜନ ପୁରୋହିତ, ପ୍ରଭାକର ମିଶ୍ର, ଧର୍ମବ୍ରତ ରଥ ଓ ନାରାୟଣ ପାଢୀ ଏବଂ ବରଗଡ ରେଳ ଉପଭୋକ୍ତ ସଂଘ ତରଫରୁ ସଭାପତି ପ୍ରଦୀପ ଦେବତା, କିଶୋର ଚନ୍ଦ୍ର ରଥ, କୃଷ୍ଣଚନ୍ଦ୍ର ପଣ୍ଡା, କମଲ ଯୋଷୀ, ଲକି ମିଓ୍ୱାନି, ଉଚ୍ଛବ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକାରିଣି ସଭ୍ୟବୃନ୍ଦ ଉପସ୍ଥିତ ରହି ନିଜର ମତାମତ ଦେଇ ଉପରୋକ୍ତ ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ସ୍ଥାନୀୟ ବିଧାୟକଙ୍କୁ ଭେଟି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରିବାକୁ ସ୍ତରିକୃତ ହୋଇଥିଲା ।

# ସେଲ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପାର୍ଶ୍ୱାଞ୍ଚଳ ଗ୍ରାମର ୩୦ ଜଣ ମହିଳା କାରିଗରଙ୍କୁ ବାଉଁଶ ଶିଳ୍ପ ତାଲିମ ପ୍ରଦାନ




ରାଉରରକେଲା, ୨୭/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପୁରୁଣାପାଣି ଏବଂ ଭାଲୁଲତା ଗ୍ରାମର ୩୦ ଜଣ ମହିଳା କାରିଗରଙ୍କୁ ବାଉଁଶ ଶିଳ୍ପ ତାଲିମ ପ୍ରଦାନ କରାଯାଇଥିଲା । ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟୁତ ବଣ୍ଟନ ବିଭାଗର ସିଜିଏମ୍ ଶ୍ରୀ ଦିଲୀପ କୁମାର ଭଞ୍ଜ, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଶିକ୍ଷଣର ସଫଳ ସମାପ୍ତି ପରେ ତାଲିମଦାତାମାନଙ୍କୁ ପ୍ରମାଣପତ୍ର ଏବଂ ଉପକରଣ କିଟ୍ ହସ୍ତାନ୍ତର କରିଥିଲେ। ଏହି ଅବସରରେ ସିଏସ୍ଆର ବିଭାଗର ଜିଏମ୍ ଶ୍ରୀମତୀ ମୁନମୁନ୍ ମିତ୍ର, ଏ ଜିଏମ୍ ଶ୍ରୀ ଟି . ବି . ଟୋପ୍ପୋ, ହସ୍ତତନ୍ତ ପ୍ରୋତ୍ସାହନ ଅଧିକାରୀ ସୁନ୍ଦରଗଡ ଶ୍ରୀମତୀ ଉପାସାନା ଡୁଙ୍ଗ ଡୁଙ୍ଗ, ଏସଆରଆଇ ରାଞ୍ଚି ମୁଖ୍ୟ ମହିଳା ବିଭାଗର ସୁଶ୍ରୀ ରିନି ସିହ୍ନା ଏବଂ ସଂପୃକ୍ତ ସଂସ୍ଥାଗୁଡ଼ିକର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଉକ୍ତ ତାଲିମ କାର୍ଯ୍ୟକ୍ରମର ମୋଟ ଅବଧି ୪୫ ଦିନ ଥିଲା। ସାତ ଦିନର ପ୍ରଥମ ପର୍ଯ୍ୟାୟ, ରାଉରକେଲା ଇସ୍ପାତ କାରଖାନାର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଥିବାବେଳେ ବାକି ତାଲିମ ନୂଆଗାଁ ବ୍ଲକର ପୁରୁଣାପାଣି ଗ୍ରାମ ପଞ୍ଚାୟତ ବିଲଡିଂରେ ଦିଆଯାଇଥିଲା । ସୋସାଇଟି ଫର ଗ୍ରାମୀଣ ଶିଳ୍ପାୟନ, ରାଞ୍ଚି ସହଯୋଗରେ ଏହି ତାଲିମ ପ୍ରଦାନ କରା ଯାଇଥିଲା । ପ୍ରଶିକ୍ଷାର୍ଥୀମାନଙ୍କୁ ପେନ୍ ଷ୍ଟାଣ୍ଡ, ଫ୍ଲାୱାର ଭେସ, ଆଶ ଟ୍ରେ, ୱାଲ୍ ହ୍ୟାଙ୍ଗର୍, ଲେଟର ବକ୍ସ, ଡିଜାଇନ୍ ସୁପ, ଟୋକ୍ରି, ଡଷ୍ଟବିନ୍, ଫଳ ବାସ୍କେଟ୍ ଫ୍ରେମ୍, ଷ୍ଟୁଲ୍, ଟେବୁଲ୍ ସଲ୍ଟ ହୋଲଡର, ଶିପ, ପକ୍ଷୀ ଏବଂ ଅନ୍ୟାନ୍ୟ ଘରକରଣା ଏବଂ ସାଜସଜ୍ଜା ସାମଗ୍ରୀ ଆଦି ତାଲିମ ଦିଆଯାଇଥିଲା।

## ପୁଲିସି ପରିଚୟରେ ଲୁଟୁଥିବା ନକଲି ପୋଲିସ୍ ଗିରଫ

ରାଉରକେଲା, ୨୭/୦୪ (ନି.ପ୍ର): ପୁଲିସି ଅଫିସର ପରିଚୟ ଦେଇ ଲୋକଙ୍କୁ ଅଟକାଇବା ଓ ଲୁଟିବା ଅଭିଯୋଗରେ ।ରାଉରକେଲା ପୁଲିସ ଜଣଙ୍କୁ ଗିରଫ କରିଛି। ରାଉରକେଲା ପୁଲିସି କହିବା ଅନୁସାରେ ଏହି ଘଟଣାର ମୁଖ୍ୟନାୟକ ହେଉଛି ଜଗନ୍ନାଥ ଭଗତ, ସେ ବଣେଇ ଅଂଚଳର । ସଂପୃକ୍ତ ଯୁବକ ଜଣକ ବିଭିନ୍ନ ଅଂଚଳରେ ବୁଲି ସେହି ଅଂଚଳର ଥାନା ଅଧିକାରୀ,ସେକେଣ୍ଡ ଅଫିସର ବୋଲି ନିଜର ପରିଚୟ ଦେଇ ସାଧରଣ ଲୋକଙ୍କୁ ଅଟକାଇ ସେମାନଙ୍କୁ ଯାଂଚ କରିବା ସହ ସେମାନଙ୍କ ମୋବାଇଲ ଜବତ କରିନେବା ନାମରେ ସେଗୁଡିକୁ ଲୁଟ କରୁଥିଲା । ଏହି ଭଳି ସେ ଜିଲ୍ଲା ସାରା ବୁଲି ଲୁଟ ଚଳାଇବା ସହ ଲୁଟ କରିଥିବା ୩୩ଟି ମୋବାଇଲକୁ ପୁଲିସ ତା ପାଖରୁ ଜବତ କରିଛି। ତେବେ ନିକଟରେ ବେଦବ୍ୟାସ ଅଂଚଳର ରାହୁଲ ସାହୁ ନାମକ ବ୍ୟକ୍ତିଙ୍କୁ ଏହି ଯୁବକ ପୁଲିସି ପରିଚୟ ଦେଇ ତାଙ୍କ ମୋବାଇଲ ଲୁଟି ନେଇଥିଲା, ପରେ ଏହି କଥା ଥାନାକୁ ଜିବା ପରେ ପୁଲିସି ଘଟଣାର ତଦନ୍ତ କରି ସଂପୃକ୍ତ ଯୁବକ କୁ ଗିରଫ କରିଥିଲା। ତେବେ ଖାଲି ରାଉରକେଲା ନୁହେଁ ଏହି ଯୁବକ ଜଣକ ରେଳବାଇ ଅଂଚଳରେ ମଧ ଏଭଳି କାରନାମା କରି ଜିଆରପି ପୁଲିସି ଦ୍ୱାରା ଥରେ ଗିରଫ ହୋଇ ଜେଲ ଯାଇଥିବା କଥା ପୁଲିସି କହିଛି । ରାଉରକେଲା ର ବେଦବ୍ୟାସ ବ୍ରାହ୍ମଣୀତରଙ୍ଗ, ରଘୁନାଥପାଲ୍ଲୀ ସାରନଗରୀ ପ୍ରଭୃତି ଅଂଚଳରେ ଦିନକୁ ଦିନ ଅପରାଧ ବଢିବାରେ ଲାଗିଛି । ଖାଲି ଲୁଟ ପାଟ ନୁହେଁ ବିଭିନ୍ନ ହୋଟେଲ ରେ ଦେହ ବେପାର ସାଙ୍ଗକୁ ଜୁଆ ଖେଳ ମଧ ବଢିବାରେ ଲାଗିଛି। ଅପରାଧୀକ କାରବାର ବଢୁଥିବା ବେଳେ ପୁଲିସି ପ୍ରତି ସେଭଳି ଭୟ ଅପରାଧୀ ଙ୍କର ରହୁନାହିଁ ।

# ବୌଦ୍ଧ ଜିଲ୍ଲାରେ ଗଞ୍ଜାଇ ସଫେଇ ଅଭିଯାନ: ୨ ମାସରେ ୨୫ ଟନ ଗଞ୍ଜାଇ ଜବତ

ବୌଦ୍ଧ, ୨୭/୦୪ (ନି.ପ୍ର): ଗଞ୍ଜାଇର ରାଜଧାନୀ ବୌଦ୍ଧ ଜିଲାରେ ଏବେ ଚାଲିଛି ସଫେଇ ଅଭିଯାନ । ପ୍ରଶାସନିକ ଅଧିକାରୀ ଚାହିଁଲେ ବଡ ବଡ ଅପରେସନ କରାଯାଇ ପାରେ । ପ୍ରଥମେ ଜିଲାରେ ଶହଶହ ହେକ୍ଟର ଗଞ୍ଜାଇ ଚାଷ ନଷ୍ଟ କରାଯାଇଥିବା ବେଳେ ଏବେ ଚୋରା ଚାଲାଣ ପାଇଁ ଗଦାକରି ରଖିଥିବା ଗଞ୍ଜାଇକୁ ପୁଲିସ ଜବତ କରିବାରେ ଲାଗିଛି। ସୂଚନା ପ୍ରକାରେ ଗତ ୨ ମାସରେ ବୌଦ୍ଧ ଜିଲ୍ଲାରେ ମୋଟ ୨୫ ଟନ ୧୨୫ କେଜି ଗଞ୍ଜାଇ ସହ ୨୭ ବାଇକ, ୯ ଚାରିଚକିଆ ଗାଡି, ୮ ଦେଶୀ ବନ୍ଧୁକ, ୧ ପିସ୍ତଲ ପୁଲିସ ଜବତ କରିଥିଲା ବେଳେ ୯୭ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଏବଂ ଗଞ୍ଜାଇ ଘଟଣାରେ ମୋଟ ୬୩ ଟି ମାମଲା ଜିଲ୍ଲାରେ ରୁଜୁ କରାଯାଇଥିବା ଏସ ପି ରାଜ ପ୍ରସାଦ କହିଛନ୍ତି। ଇତିମଧ୍ୟରେ ଗଞ୍ଜାଇ ଜବତ କ୍ଷେତ୍ରରେ ମନମୁଣ୍ଡା ପୁଲିସ କୁ ଏକ ବଡ଼ ସଫଳତା ମିଳିଛି। ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅନ୍ତର୍ଗତ ନଳୀକୁପା ଜଙ୍ଗଲ ଅଞ୍ଚଳରୁ ବ୍ୟାପକ ପରିମାଣ ଗଞ୍ଜାଇ ଜବତ କରାଯାଇଛି। ଉକ୍ତ ଅଂଚଳରେ ଗଞ୍ଜାଇ ଚୋରା କାରବାର ଚାଲିଥିବା ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ କୌଣସି ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶମତେ ମନମୁଣ୍ଡା ଆଇ ଆଇ ସି ଅଶ୍ୱିନୀ ଭିତିରିଆ ଏକ ପୁଲିସ ଟିମ ସହ ସୋମବାର ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ ।ପୁଲିସ ଆସିବା ଜାଣିପାରି ଗଞ୍ଜାଇ ମାଫିଆମାନେ ଫେରାର ମାରିଥିଲେ। ତେବେ ଚୋରା ଚାଲାଣ ପାଇଁ ସେଠାରେ ଗଦାକରି ରଖିଥିବା ଗଞ୍ଜାଇକୁ ପୁଲିସ ଜବତ କରିଥିଲା। ଜବତ ଗଞ୍ଜାଇ ଓଜନ କରିବାରେ ୩୮ କୁଇଣ୍ଟାଲ ୧୧ କେଜି ହୋଇଥିଲା। ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ଏନେଇ ମନମୁଣ୍ଡା ଥାନାରେ ଏକ ପ୍ରେସମିଟ କରି ସୂଚନା ପ୍ରଦାନ କରିଛନ୍ତି। ପ୍ରେସମିଟ ରେ ଏସ ଡି ପି ଓ ଆନନ୍ଦ ବର୍ଦ୍ଧନ ଗୁରୁ ଉପସ୍ଥିତ ରହିଥିଲେ।

# ଏସ. ସି.ଏସ କଲେଜରେ ଅଧ୍ୟାପକ ପ୍ରଶିକ୍ଷଣ ଓ ବିକାଶ କାର୍ଯ୍ୟକ୍ରମ

ପୁରୀ, ୨୭/୦୪ (ନି.ପ୍ର): ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଏମ. ବି. ଏ, ଏମ. କମ (ଏଫ ଓ ସି )ଓ ବି. ବି. ଏ ବିଭାଗ ଆନୁକୂଲ୍ୟରେ ଏବଂ ଜାତୀୟ ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ ଓ ଗବେଷଣା (ଏନ ଆଇ ଟି ଟି ଟି ଆର), କୋଲକତା ସହଯୋଗିତାରେ ଫଳପ୍ରଦ ଶିକ୍ଷା ଓ ପଠନରେ ନିର୍ଦ୍ଦେଶ ମାଧ୍ୟମ ଶୀର୍ଷକ ଉପରେ ଏକ ତିନି ଦିନିଆ 'ଅଧ୍ୟାପକ ପ୍ରଶିକ୍ଷଣ ଓ ବିକାଶ କାର୍ଯ୍ୟକ୍ରମ' ଆଜି ଉଦଘାଟିତ ହୋଇଯାଇଛି ।ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ତଥା ଭୂଗୋଳ ବିଭାଗର ମୁଖ୍ୟ ପ୍ରଫେସର ଡ଼ଃ ମିହିର ପ୍ରସାଦ ମିଶ୍ର ଉଦଘାଟନ କରି, ତାଙ୍କ ସ୍ୱାଗତ ଅଭିଭାଷଣରେ ଏଭଳି ଏକ କାର୍ଯ୍ୟକ୍ରମ ନୂତନ ଭାବେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପାଇଁ ଏକାନ୍ତ ଉପାଦେୟ ବୋଲି ମତ ପ୍ରକାଶ କରିଥିଲେ ।ଏମ. ବି. ଏ, ବି ବି ଏ, ଏମ ଏଫ ସି ବିଭାଗର ସଂଯୋଜକ ଡ଼ଃ ଚିତ୍ତରଞ୍ଜନ ଦ୍ୱିବେଦୀ ଏହି ତିନି ଦିନିଆ କାର୍ଯ୍ୟକ୍ରମରେ, ପ୍ରତ୍ୟେକ ଦିନ ଆଲୋଚନା ହେବାକୁ ଥିବା ବିଷୟ ବସ୍ତୁ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ।ଏନ ଆଇ ଟି ଟି ଟି ଆର, କୋଲକତା ବିଭାଗୀୟ ମୁଖ୍ୟ ଡଃ ସତ୍ୟ ପ୍ରକାଶ ମିଶ୍ର ଉପସ୍ଥିତ ମୁଖ୍ୟ ପ୍ରଶିକ୍ଷକ ତଥା ର ଓଡ଼ିଶା ଶାଖା ସଂଯୋଜକ ପ୍ରଫେସର ଡ଼ଃ ସୁବ୍ରତୋ ଚଟ୍ଟୋପାଧ୍ୟାୟଙ୍କର ପରିଚୟ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଛଡ଼ା ପୁରୀ ନିକଟସ୍ଥ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରୁ ୪୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ ।ବିଭାଗୀୟ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥି ପ୍ୟାରୀମୋହନ ଜେନା, ରାଜେଶ ତ୍ରିପାଠୀ ଏବଂ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ ଓ ସୌମ୍ୟା ମହାନ୍ତି କାର୍ଯ୍ୟକ୍ରମ ଆୟୋଜନ ଓ ସୁପରିଚାଳନାରେ ପ୍ରତ୍ୟକ୍ଷ ସହଯୋଗିତା ପ୍ରଦାନ କରିଥିଲେ।

## ଧର୍ମଶାଳା ଯୁବ ବିଜେଡିର ନାମ ଫଳକ କାର୍ଯ୍ୟକ୍ରମ

ଧର୍ମଶାଳା, ୨୭/୦୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପରାମର୍ଶ କ୍ରମେ ନାମ ଫଳକ ଓ ଦଳୀୟ ପତାକା ଲଗା କାର୍ଯ୍ୟକ୍ରମ ଚାଲୁ ରହିଛି । ଧର୍ମଶାଳା ବିଜୁ ଯୁବ ବିଜେଡି ସଭାପତି କ୍ଷତିଶ ନାୟକଙ୍କ ନେତୃତ୍ୱରେ ଏହି କର୍ଯ୍ୟକ୍ରମ ବିଭିନ୍ନ ପଂଚାୟତମାନଙ୍କରେ ଜାରି ରହିଛି। ଏହି ନିର୍ବାଚନ ମଣ୍ଡଳୀ ୧୧ ନମ୍ବର ଜୋନରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଜୋନର କବାଟବନ୍ଧ ବଜାର ଠାରୁ ବିଜୁଜନତା ଦଳର କର୍ମକର୍ତାମାନେ ଶୋଭାଯାତ୍ରାରେ ବାହାରି ପଂଚାୟତ ପରିକ୍ରମା କରିଥିଲେ ।

# ବଢୁଆରେ ଇମାମୀର ସ୍ୱାସ୍ଥ୍ୟ ଶିବିର



ନୀଳଗିରି , ୨୭/୦୪ (ନି.ପ୍ର): ଏଠାରୁ ୫ କିମି ଦୂର ବଢୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଇମାମୀ ପେପର ମିଲସ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଢୁଆ, ବାସୁଖୁଣ୍ଟା, କୁଚିଳାପଦା, ବିୟୁରିଆ, ଆର୍ମଳା, ନରହରିପୁର ପ୍ରଭୃତି ଗ୍ରାମରୁ ଆସିଥିବା ଦୁଇଶହରୁ ଉର୍ଧ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନଂକର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ଇମାମୀର ମାନବ ସମ୍ବଳ ବିଭାଗର ମହା ପ୍ରବଂଧକ ଡଃ ୟୁସୁଫ ଅଲ୍ଲୀ ସୋଲାଂକୀ, ଜନ ସଂପର୍କ ବିଭାଗର ସହକାରୀ ମହା ପ୍ରବଂଧକ ମନୋଜ କୁମାର ପାଢୀଂକ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ହୋମିଓପ୍ୟାଥି ଚିକିତ୍ସକ ଡା. ଗଜେନ୍ଦ୍ର ଲମହାରଣା, ଆୟୁର୍ବେଦ ଚିକିତ୍ସକ ଡା. ପ୍ରଦୀପ ଜେନା ରୋଗୀମାନଂକର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ପଣ୍ଡା ଓ ଅନ୍ୟାନ୍ୟ ଶିକ୍ଷକ ବୃନ୍ଦ,ସାମାଜିକ କର୍ମୀ ଗୋପିନାଥ ମହାପାତ୍ର, ନରେନ୍ଦ୍ର ମଳିକ ,ରବି ରାଉତଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଅଂଚଳବାସୀଂକ ପକ୍ଷରୁ ଏଥିପାଇଁ ଇମାମୀ ପେପର ମିଲସ କର୍ତ୍ତୃପକ୍ଷଂକୁ ସାଧୁବାଦ ଜ୍ଞାପନ କରାଯାଇଛି ।

# କେନ୍ଦୁପତ୍ର କର୍ମଚାରୀ ମହାସଂଘ ପକ୍ଷରୁ ସଭା: ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୨୭/୦୪ (ନି.ପ୍ର): ସ୍ଥାନୀୟ ଟାଉନ ହଲ୍ଠାରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କର୍ମଚାରୀ ଓ ତୋଳାଳିମାନଙ୍କ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯିବା ସହ ବଲାଙ୍ଗିର ମୁଖ୍ୟ ବନ ସଂରକ୍ଷକଙ୍କ ଜରିଆରେ ଏକ ୮ ଦଫା ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ସଭାପତି ପ୍ରବାତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାବରେ କର୍ମକର୍ତ୍ତାମାନେ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ପ୍ରତି ସରକାରୀ ବିମୁଖତାକୁ ନେଇ ବର୍ଷିଥିଲେ । ସଭା ପରେ ପରେ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ବଲାଙ୍ଗିର ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର)ଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ ଦଫା ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଏହି ଦାବୀପତ୍ରରେ ସିଜନାଲ ଚେକର, ମୁନସୀ, ଚପରାସୀ, ଜଗୁଆଳିଙ୍କ କାର୍ଯ୍ୟକାଳକୁ ୬ ମାସ ଓ ବନ୍ଧାଳି ଚେକର, ସର୍କଲ ଚେକରମାନଙ୍କ କାର୍ଯ୍ୟକାଳକୁ ୧୨ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବା, କର୍ମଚାରୀମାନଙ୍କ ଅବସର ପରେ ସେମାନଙ୍କୁ ପେନସନ ପ୍ରଦାନ କରିବା, ଦରମା ବୃଦ୍ଧି କରିବା, କର୍ମଚାରୀମାନଙ୍କ ମୃତ୍ୟୁକାଳୀନ ସହାୟତା ରାଶିକୁ ୧୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା, ତୋଳାଳିମାନଙ୍କ କେରି ପ୍ରତି ମୂଲ୍ୟ ବୃଦ୍ଧି କରିବା, କାର୍ମଚାରୀମାନଙ୍କ ସାମଜିକ ସୁରକ୍ଷା ସହାୟତାକୁ ପୁନଃ ପ୍ରଚଳନ କରିବା, କେନ୍ଦୁପତ୍ରର ଘରୋଇକରଣ ଉଚ୍ଛେଦ କରିବା ଓ କେନ୍ଦୁପତ୍ରରୁ ଜିଏସ୍ଟିକୁ ପତ୍ୟାହାର କରିବା ପାଇଁ ଦାବୀ ପ୍ରକାଶ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗିର ଡିଭିଜନ ସଭାପତି ରବିନ୍ଦ୍ର ଦ୍ୱାରୀ, ସଂପାଦକ କୃଷ୍ଣଚନ୍ଦ୍ର ରାଜପୁତ, ଉପଦେଷ୍ଟା ନାରାୟଣ ଉଦୁରକୁଲିଆ, କର୍ମଚାରୀ ନେତା ହେମନ୍ତ ବସ୍ତିଆ, ଦୀପକ ପାଣି, ଉଦ୍ୟାନ ବିଭାଗ କ୍ଷେତ୍ର କର୍ମଚାରୀ ନେତା ଶଶାଙ୍କ ମିଶ୍ର, ଟିଟିଲାଗଡ ଡିଭିଜନ ସଂପାଦକ ଛବିଳ ସିଂ ଚିନ୍ଦା, ଭବାନୀପାଟଣା ଡିଭିଜନ ସଂପାଦକ ନିମାଇଁ ଚରଣ ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଟିଟିଲାଗଡଠାରେ ତ୍ରିଦିବସୀୟ ଆଚାର୍ଯ୍ୟ କର୍ମଶାଳା ଉଦ୍ଘାଟିତ

ବଲାଙ୍ଗିର , ୨୭/୦୪ (ନି.ପ୍ର): ଟିଟିଲାଗଡ଼ ସଙ୍କୁଳର ତ୍ରିଦିବସୀୟ ପର୍ଯ୍ୟନ୍ତ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟଶାଳା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଟିଟିଲାଗଡ ଠାରେ ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟଶାଳାର ଉଦ୍‌ଘାଟନୀ ଉତ୍ସବର ଅଧ୍ୟକ୍ଷ ସଂକୁଳ ପ୍ରମୁଖ ସଞ୍ଜିବ କୁମାର ମିଶ୍ର ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ବିଜେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ "ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକତା" ପ୍ରସଙ୍ଗ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ମଂଚାସୀନ ଟିଟିଲାଗଡ଼ ଶିଶୁ ବିଦ୍ୟା ମନ୍ଦିର ସଭାପତି ଡଃ. ଛାୟାକାନ୍ତ ଷଡଙ୍ଗୀ ଉପସ୍ଥିତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ । ସଙ୍କୁଳ ସଂଯୋଜକ ତଥା ଟିଟିଲାଗଡ଼ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ର ଏହି ତ୍ରିଦିବସୀୟ କାର୍ଯ୍ୟଶାଳାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଆଚାର୍ଯ୍ୟ ମଦନ ମୋହନ ପୁଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିରର ସହପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ତଥା ବରିଷ୍ଠ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂପାଦକ ଡମ୍ବରୁଧର କର୍ମୀ, ଯୁଗ୍ମ ସଂପାଦକ କିଶୋର କୁମାର ମହାପାତ୍ର , କୋଷାଧ୍ୟକ୍ଷ ଧନଞ୍ଜୟ ବେହେରା ଉପସ୍ଥିତ ଥିଲେ । ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ଯୋଜନାରେ ଅନୁଷ୍ଠିତ ହେଉଥିବା ନୂତନ ଶିକ୍ଷା ନୀତି ପ୍ରସଙ୍ଗ ଉପରେ ଆଧାରିତ ଏହି କାର୍ଯ୍ୟଶାଳାରେ ଟିଟିଲାଗଡ ସହିତ ବଡମାଳ, ବେଲଗାଁ, ସିନ୍ଧେକେଲା, ମୁରିବାହାଲ, ଖୋଲାଣ, କୁରସୁଡ ଓ ଯୁଗିରତା (ହଳଦୀ) ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ସମୟ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରାପ୍ତ କରୁଛନ୍ତି ।

# ଖପ୍ରାଖୋଲ ପୁଲିସ ପେଟ୍ରୋଲିଂ ବେଳେ ଚୋରୀ ଗାଡ଼ି ସହିତ ଚୋରକୁ କାବୁ କଲା

ବଲାଙ୍ଗିର, ୨୭/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ହରିଶଙ୍କର ଛକ ନିକଟରେ ଖପ୍ରାଖୋଲ ପୋଲିସ ରାତ୍ର ପେଟ୍ରୋଲିଙ୍ଗ କରୁଥିବା ବେଳେ ଏକ ଟାଟା ଏସି ଗାଡି ସହିତ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ ସୋମବାର ରାତିରେ ଖପ୍ରାଖୋଲ ପୋଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଧଣ୍ଡାମୁଣ୍ଡାରୁ ଗୋଟିଏ ଟାଟା ଏସି ପିକ୍ଅପ୍ ଗାଡି ଦ୍ରୁତ ଗତିରେ ଖପ୍ରାଖୋଲ ରାସ୍ତାରେ ଆସୁଥିଲା। ଗାଡିକୁ ହରିଶଙ୍କର ଛକ ନିକଟରେ ଅଟକାଇ ଯାଂଚ କରାଯାଇଥିବା ବେଳେ ଡ୍ରାଇଭର ପାଖରେ ଗାଡିର କୌଣସି କାଗଜପତ୍ର ନଥିଲା । ଡ୍ରାଇଭରକୁ ଖପ୍ରାଖୋଲ ଥାନାକୁ ଅଣାଯାଇ ଅଧିକ ପଚରାଉଚରା କଲା ପରେ ଜଣାପଡିଥିଲା ଯେ ଗାଡିଟିକୁ ଚୋରି କରି ବିକ୍ରି କରିବା ପାଇଁ ଅଣାଯାଉଥିଲା । ଅଭିଯୁକ୍ତ ଡ୍ରାଇଭର ବୈଷ୍ଣବ ଦଳାଇ ଓରଫ ଶିବ(୨୮) ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୁଲୁଥିପାଲି ଗ୍ରାମର ବୋଲି ଜଣାପଡିଛି । ଅଧିକ ତଦନ୍ତ କଲା ପରେ ଜଣାପଡିଥିଲା ଯେ ଟାଟା ଏସି ଗାଡିଟି ବୌଦ୍ଧ ଥାନାରେ ଜାନୁଆରୀ ୨୦୨୩ରେ ଚୋରି ହୋଇଥିବା ନେଇ କେସ ପଞ୍ଜିକୃତ ହୋଇଛି । ଅଭିଯୁକ୍ତକୁ ଆହୁରି ପଚରାଉଚରା କରିବା ପରେ ସେ ଆଉ ଜଣେ ଅଭିଯୁକ୍ତଙ୍କ ନାମ କହିଥିବା ବେଳେ ପୋଲିସ ବରଗଡ଼ ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ କେନାଲପଡା ଠାରୁ ଗୋଟିଏ ମହିନ୍ଦ୍ରା ବୋଲେରୋ ଗାଡି ସହ ଜଣଙ୍କୁ ଗିରଫ କରିଥିବା ଖପ୍ରାଖୋଲ ଥାନାଧିକାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ କୁଲୁଥିପାଲି ଗାଁର ସତ୍ୟନାରାୟଣ ଦଳାଇ ଓରଫ ରାଜା(୩୦) । ଜବତ ହୋଇଥିବା ବୋଲେରୋ ଗାଡିଟି ଚୋରି ହୋଇଥିବା ନେଇ ଦେବଗଡ଼ ଜିଲ୍ଲା ଟାଉନ ଥାନାରେ କିଛି ଦିନ ତଳେ କେସ ପଞ୍ଜିକୃତ ହୋଇଛି ବୋଲି ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଏନେଇ ଖପ୍ରାଖୋଲ ଥାନା କେସ ନଂ ୫୯/୨୦୨୩ରେ ବିଭିନ୍ନ ଦଫାରେ ଏଚ ମାମଲା ରୁଜୁ କରି ଦୁଇ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନାଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ଦ୍ୱିତୀୟ ପଶ୍ଚିମ ଓଡ଼ିଶା ତାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଚାମ୍ପିଆନ୍

ସୁବର୍ଣ୍ଣପୁର, ୨୭/୦୪ (ନି.ପ୍ର): ପଶ୍ଚିମ ଓଡିଶାର ବରଗଡ ଜିଲ୍ଲା ପକ୍ଷରୁ ଆୟୋଜିତ ୨ୟ ପଶ୍ଚିମ ଓଡିଶାର ତାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲ୍ଲା ତାଏକୋଣ୍ଡୋ ଆସୋସିଏସନ ଅଂଶଗ୍ରହଣ କରି ଚାମ୍ପିଅନ୍ ଟ୍ରଫି ହାସଲ କରିବାରେ ସଫଳ ହୋଇଛି। ଏହି ପ୍ରତିଯୋଗିତା ରେ ପଶ୍ଚିମ ଓଡିଶାର ଅନେକ ଜିଲ୍ଲାରୁ ବିଭିନ୍ନ ବର୍ଗରୁ ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ତେବେ ସୁବର୍ଣ୍ଣପୁର ଜିଲ୍ଲା ତାଏକୋଣ୍ଡୋ ଆସୋସିଏସନ ୬୦ ଜଣ ଖେଳାଳି ତାଏକୋଣ୍ଡୋର ଉଭୟ କିରୋଗି ଏବଂ ପୁମସେ ପ୍ରତିଯୋଗିତା ଅଂଶ ଗ୍ରହଣ କରି ୨୬ଟି ସ୍ୱର୍ଣ୍ଣ ପଦକ, ୧୯ଟି ରୋପ୍ୟ ପଦକ ଏବଂ ୨୭ଟି କାଂଷ୍ୟ ପଦକ ହାସଲ କରିଥିଲେ। ତେବେ ଏହି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ତାଏକୋଣ୍ଡୋ ଆସୋସିଏସନ ତାଏକୋଣ୍ଡୋ କିରୋଗି ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇଥିବା ବେଳେ ପୁମସେ ରେ ରନର୍ସଅପ୍ ଟ୍ରଫି ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ଜିଲ୍ଲା ତାଏକୋଣ୍ଡୋ ଆସୋସିଏସନର ସମ୍ପାଦକ ଏହେସାସ୍ ହୋତା, କୋଷାଧ୍ୟକ୍ଷ ଶୁଭମ୍ ପଟ୍ଟନାୟକ ,ପ୍ରଶିକ୍ଷକ ମହେନ୍ଦ୍ର ରଣା, ଅନ୍ୱେଷ ହୋତା, ଆର୍ଯ୍ୟନ ପୁରୋହିତ, ମନିଷ ମହାନ୍ତି, ବବଲୁ କର୍ଣ୍ଣ ବିଶ୍ୱରଞ୍ଜନ ସାହୁ, ହର୍ସିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଜିଲ୍ଲା ତାଏକୋଣ୍ଡୋ ଆସୋସିଏସନର ଏହି ସଫଳତା ପାଇଁ ଓଡିଶା ତାଏକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ସୁବର୍ଣ୍ଣପୁର ଜିଲ୍ଲା ତାଏକୋଣ୍ଡୋ ଆସୋସିଏସନ ର ସଭାପତି ରବିନ୍ଦ୍ର ହୋତା, ସହସମ୍ପାଦକ ଶେଷଦେବ ବାରିକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଭିନ୍ନ ମହଲରୁ ମଧ ଶୁଭେଚ୍ଛା ସୁଅ ଛୁଟୁଛି।

## ମଇ ଦିବସ ପାଇଁ 'ରାଜମିସ୍ତ୍ରୀ- ନିର୍ମାଣ ଶ୍ରମିକ ସଂଘ'ର ପ୍ରସ୍ତୁତି

ବାଲେଶ୍ୱର,୨୭।୪(ନି.ପ୍ର): ରାଜମିସ୍ତ୍ରୀ-ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ମେ ୧ ତାରିଖ ଶ୍ରମିକ ଦିବସକୁ ବ୍ୟାପକ ଭାବରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ମଲ୍ଲିକାଶପୁର ସ୍ଥିତ ଅରୁଣ ଦେ ସ୍ମୃତି ପରିଷଦ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରଂଜନ ବାଗଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମଇ୧ ତାରିଖ ଶ୍ରମିକ ଦିବସ ପାଳନର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ-୨ ଠାରେ ସକାଳ ୮ଟା ୩୦ ମିନିଟ୍ ସମୟରେ ସଂଘର ପତାକା ଉତ୍ତୋଳନ ସହ ଅରୁଣ ଦେଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପରେ ଉକ୍ତ କଲ୍ୟାଣମଣ୍ଡପ ନିକଟରୁ ଏକ ବିରାଟ ସଭାଯାତ୍ରା ବାହାରି ସହର ପରିକ୍ରମା କରିବା ସଂଗେ ସଂଗେ ସକାଳ ୧୦ଟା ୩୦ ମିନିଟ ସମୟରେ କଲ୍ୟାଣ ମଣ୍ଡପ ପରିସରରେ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସଂଘର ବରିଷ୍ଠ ଉପଦେଷ୍ଟା ବିଷ୍ଣୁ ପ୍ରସାଦ ମହାନ୍ତି, ଇଂ ଗୋପୀନାଥ ରଣା, ଐଶ୍ୱର୍ଯ୍ୟ ସେନାପତି, ଅଶୋକ ବେରା, ରଣଜିତ ପାତ୍ର, ରାମଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରଭାକର ବାରିକ, ପ୍ରହଲ୍ଲାଦ ବେହେରା, ଦୟାନିଧି ମାଝୀ, ବାରେଶ୍ୱର ସାନ୍ତରାଙ୍କ ସମେତ ବିର୍ଲା ଟାୟାର୍ସର ଶ୍ରମିକ ନେତା ଅଭିଜିତ ଦାସ ଓ ଭୋଳାନାଥ ବେହେରା ପ୍ରମୁଖ ବୈଠକରେ ଯୋଗଦେଇ ମଇ ଦିବସ ପାଳନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକାଶ ଥାଉକି ରାଜମିସ୍ତ୍ରୀ - ନିର୍ମାଣ ଶ୍ରମିକ ସଂଘର ସଭାପତି ଭାବରେ ବରିଷ୍ଠ ଶ୍ରମିକ ନେତା ତଥା ପ୍ରାକ୍ତନ ବିଧାୟକ ସ୍ୱର୍ଗତଃ ଅରୁଣ ଦେ ଦୀର୍ଘ ବର୍ଷ ଧରି ନେତୃତ୍ୱ ନେଇ ଆସୁଥିଲେ। ତାଙ୍କର ସ୍ୱର୍ଗବାସ ପରେ ସ୍ୱର୍ଗତ ଦେଙ୍କ ବରିଷ୍ଠ ଅନୁଗତ ରଂଜନ ବାଗ ସର୍ବସମ୍ମତି କ୍ରମେ ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ।

### ରାଇବଣିଆରେ ୩୨ଦଳିଆ ଝାଡଖଣ୍ଡି ହାତୀ

## ନିର୍ଯ୍ୟାତନ କିମ୍ବା ବାଣ ବ୍ୟବହାରକୁ ମନା : ଜିରୋ କ୍ଷତିରେ ହାତୀ ଘଉଡା କାର୍ଯ୍ୟ

ଜଳେଶ୍ୱର,୨୭/୪(ନି.ପ୍ର): ପ୍ରତିବର୍ଷ ପରି ଆଜି ଝାଡଖଣ୍ଡରୁ ଆସିଥିବା ୩୨ ଦଳୀଆ ହାତୀ ରାଇବଣିଆର ସୁଖଯୋଡି ଜଂଗଲରେ ପହଞ୍ଚିଛନ୍ତି । ଏବେ ଧାନକଟା ଚାଲିଥିବାରୁ ଖାଦ୍ୟ ଅନେ୍ୱଷଣରେ ହାତୀଗୁଡିକ ପହଞ୍ଚିଛନ୍ତି । ଏ ଗୁଡିକୁ ଘଉଡାଇବାଲାଗି ଚଳିତବର୍ଷ 'ସେଭ ଏଲିଫେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର' ନିତୀରେ ଘଉଡାକାର୍ଯ୍ୟ ଆରମ୍ଭ ହୋଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି । ଆଜି ଭୋର ପଶ୍ଚିମବଂଗଳାର ଚନ୍ଦାବିଲା ରେଞ୍ଜ ଅଂଚଳରୁ ୩୨ଟି ହାତୀ ରାଇବଣିଆର ସୁଖଯୋଡି ଜଂଗଲରେ ପହଞ୍ଚିଥିବା ବେଳେ ଏବେ ଭାଗ ଭାଗ ହୋଇ ଦୁଧିଆଶୋଳ, ରଂଗାମାଟିଆ ଓ ଧାନଘେରା ଅଂଚଳରେ ରହିଛନ୍ତି । ନିକଟସ୍ଥ ଗାଁ ଗୁଡିକରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ହାତୀଗୁଡିକୁ ନ ରଗାଇ କିମ୍ବା କୌଣସି ନିର୍ଯ୍ୟାତନ ନ ଦେଇ ଘଉଡାଇବା ବ୍ୟବସ୍ଥା ହୋଇଛି । ସେଭ ଏଲିଫେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟରମୁଖ୍ୟ ଡ. ଦେବବ୍ରତ ସ୍ୱାଇଁ ଗତ କିଛିଦିନ ଆଗରୁ ଓଡିଶା ଓ ପଶ୍ଚିମବଂଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନେଇ ଉପାନ୍ତ ଅଂଚଳ ଚନ୍ଦାବିଲାଠାରେ ସମ୍ମିଳନୀ ଓ ଆଲୋଚନାଚକ୍ର ଆୟୋଜନ କରିଥିଲେ । ଏଥିରେ ଦୁଇ ରାଜ୍ୟର ବରିଷ୍ଠ ଓ ଅଭିଜ୍ଞ କର୍ମକର୍ତ୍ତାର ହାତୀକୁ କୌଣସି ନିର୍ଯ୍ୟାତନ କିମ୍ବା ବାଣ ଫୁଟାଇ ତଡିଦେବାର ବ୍ୟବସ୍ଥା ନ କରିବାକୁ ସିଦ୍ଧାନ୍ତ ନେଇଥିଲେ । ସେହି ଅନୁଯାୟୀ ଆଜି ପ୍ରଥମକରି ବନବିଭାଗ କର୍ମଚାରୀ, ହାତୀସାଥି ଓ ସ୍ଥାନୀୟ ଲୋକଙ୍କ ନେଇ ବନବିଭାଗ ଜଗିଥିବା ବେଳେ ଅନୁରୂପଭାବେ ହାତୀଗୁଡିକ ବିଶେଷ କ୍ଷତି ଘଟାଇନଥିବା ସ୍ଥାନୀୟ ରେଂଜର ଜୟଶ୍ରୀ ମୁର୍ମୁ କହିଛନ୍ତି । ଆଜି ବନବିଭାଗ କର୍ମଚାରୀ ମାନେ, ରେଞ୍ଜର ଜୟଶ୍ରୀ ମୁର୍ମୁ ଓ ଅବୈତନିକ ବନ୍ୟାପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସଙ୍କ ନେତୃତ୍ୱରେ ୨ଟି ଦଳରେ ବିଭକ୍ତ ହୋଇ ହାତୀ ପଛରେ ଜଗି ରହିଛନ୍ତି । ଏଥିରେ ସଫଳ ହେଲେ ହାତୀଘଉଡା କାର୍ଯ୍ୟରେ ଏପରି ନିର୍ଯ୍ୟାତନା ନ ଦେଇ ହାତୀ ଘଉଡାଇବା କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ପଶ୍ଚିମବଂଗର କଲେଇକୁଣ୍ଡା ଅଂଚଳରୁ ୪୫ଟି ହାତୀ ଉପାନ୍ତ ଅଂଚଳ ଆୟତୁମ୍ବାଠାରେ ପହଞ୍ଚିଛନ୍ତି । ଏ ସମସ୍ତ ହାତୀ ମୟୂରଭଂଜ ମୁହାଁ ହୋଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ । ଅନ୍ୟପକ୍ଷରେ ହାତୀଦ୍ୱାରା କ୍ଷତି ହୋଇଥିବା ରାଇବଣିଆ ବିଭିନ୍ନ ଅଂଚଳର ଲୋକଙ୍କୁ ଅତିଶୀଘ୍ର କ୍ଷତିପୂରଣ ଦିଆଯିବ ବୋଲି ବନବିଭାଗ ସୂତ୍ରରୁ କୁହାଯାଇଛି ।

## ବାରିପଦା ଠାରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ : ବିଗତ ୫ ବର୍ଷରେ ଜିଲ୍ଲାରେ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ଶୂନ



ବାରିପଦା,୨୭/୪(ନିପ୍ର) : ବାରିପଦା ଜିଲ୍ଲା ସଦର ଚିକିତ୍ସାଳୟ ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି. ଏହି ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏକ ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରୂପଭାନୁ ମିଶ୍ର ଉଦଘାଟନ କରିଥିଲେ । ପ୍ରାରମ୍ଭରେ ଏଡିପିଏଚଓ ଡା. ବନମାଳୀ ପ୍ରଧାନ ମୟୁରଭଂଜ ଜିଲ୍ଲା ମ୍ୟାଲେରିଆ ନିରାକରଣ ଦିଗରେ ୨୦୧୮ ମସିହାଠାରୁ ୨୦୨୨ ମସିହା ପର୍ଯ୍ୟନ୍ତ ବିଗତ ୫ ବର୍ଷ ର ତଥ୍ୟକୁ ଅନୁଧ୍ୟାନ କରି ଜିଲ୍ଲାରେ ମ୍ୟାଲେରିଆରେ ଆକ୍ରାନ୍ତ ଜନିତ ମୃତ୍ୟୁ ସଂଖ୍ୟା ବିଗତ ୫ ବର୍ଷ ରେ ଶୂନ୍ୟ ସ୍ଥିତି ରେ ରହିଛି ବୋଲି କହିଥିଲେ । ଡା. ରୁପଭାନୁ ମିଶ୍ର ଜିଲ୍ଲାରେ ମ୍ୟାଲେରିଆ ନିରାକରଣ ପାଇଁ ଜିଲ୍ଲାରେ ୧୫ ଲକ୍ଷରୁ ଉର୍ଦ୍ଧ ମଶାରୀ ଲୋକଙ୍କୁ ବଣ୍ଟା ଯାଇ ଜିଲ୍ଲାରେ ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ନିରାକରଣ ପାଇଁ ସବୁ ପ୍ରକାର ପ୍ରୟାସ ଜାରି ରହିଛି ଏବଂ କେନ୍ଦ୍ର ସରକାର ୨୦୩୦ ମସିହା ସୁଦ୍ଧା ଭାରତକୁ ମ୍ୟାଲେରିଆ ମୁକ୍ତ କରିବା ନେଇ ଲକ୍ଷ୍ୟ ରଖିଥିବା ବେଳେ ଓଡିଶା ସରକାର ୨୦୨୭ ମସିହା ସୁଦ୍ଧା ଓଡିଶାକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ସରକାରୀ ସ୍ତରରେ ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି. ମାତ୍ର ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ସମାଜର ସବୁ ବର୍ଗର ଲୋକମାନଙ୍କ ସହଭାଗୀତା ସହ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରି ଆବଶ୍ୟକ ବୋଲି କହିଥିଲେ. ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ ଡା. ସୁନନ୍ଦା ମିଶ୍ର, ଏଡିପିଏଚଓ ଡା. ଘାସିରାମ ମୁର୍ମୁ, ଡି.ପି.ଏମ. ପି. ପି. ପତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି, ଡିପିଏଚସିଓ ବିସିକେଶନ ମହାପାତ୍ର, ଏଡିପିଏଚସିଓ ଯୋଗେନ୍ଦ୍ର ଦେହୁରୀ, ସରକାରୀ ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷା ଭାରତୀ ଆରୁଖ, ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଟିଉଟର ପ୍ରିୟଙ୍କା ଜେନା, ଅଂଜଳି ସରକାର ଓ କୁଂଜଳତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ହରପ୍ରିୟା କବାଟ ଓ ଗୋପବନ୍ଧୁ ଗିରି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏହି ଅବସରରେ ମ୍ୟାଲେରିଆ ନିରାକରଣ ଉପରେ ଏଏନଏମ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତା ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀ ପୂଜା ଖୁଣ୍ଟିଆ, ରିତୁ ଦାସ ଓ ଶୁଭଶ୍ରୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଗାଡ଼ିଚାଳକ ସାବଧାନ !...

ବେଳେ ଭୁବନେଶ୍ୱର-୨ ପାଇଁ ୩୯ ଲକ୍ଷ, କଟକ ପାଇଁ ୫୦ ଲକ୍ଷ, ଗଞ୍ଜାମ ପାଇଁ ୫୫ ଲକ୍ଷ, ସମ୍ବଲପୁର ପାଇଁ ୪୨ ଲକ୍ଷ ତଥା ଅଧିକାଂଶ ଜିଲ୍ଲାରେ ୪୨ ଲକ୍ଷ ଟଙ୍କା ଲେଖାଁଏ ରହିଛି ମାସିକିଆ ଟାର୍ଗେଟ ରହିଛି । ରାଜ୍ୟରୁ ପାଖାପାଖି ୧୪ କୋଟି ଟଙ୍କାର ଫାଇନ୍ ଆଦାୟ ପାଇଁ ଲକ୍ଷ୍ୟ ରହିଛି । ଶତ ପ୍ରତିଶତ ଟାର୍ଗେଟ ହାସଲ ପାଇଁ ନିର୍ଦ୍ଦେଶ ରହିଛି । ପ୍ରତି ମାସର ୭ ତାରିଖରେ ପୂର୍ବମାସର ଜରିମାନା ସଂପର୍କରେ ସୂଚନା ପଠାଇବେ ଅଧିକାରୀ । ଏପଟେ ସଡ଼କ ସୁରକ୍ଷା ବିଶେଷଜ୍ଞ କହିଛନ୍ତି ଯେଉଁଠି ଅଧିକ ଫାଇନ ଆଦାୟ ହେଉଛି, ସେଠି ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହେବା ନେଇ ତଥ୍ୟ ରହିଛି । ସବୁଠୁ ବଡ଼ କଥା ହେଲା, ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ନଦେଇ ଫାଇନ ଆଦାୟ କରିଦେଲେ ଦୁର୍ଘଟଣା ରୋକିବା ସମ୍ଭବ ହେବନାହିଁ କି ବାସ୍ତବ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବନି ପରିବହନ ବିଭାଗ, ଏକଥା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

## 'ବିଆଇଏମଟି'ରେ ସମୟର ସୁପରିଚାଳନା ଶୀର୍ଷକ ଆଲୋଚନାଚକ୍ର



ବାଲେଶ୍ୱର,୨୭।୪(ନି.ପ୍ର): ଉତ୍ତର ଓଡ଼ିଶାର ଅନ୍ୟତମ ବୈଷୟିକ ଶିକ୍ଷାନୁଷ୍ଠାନ 'ଭାରତ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଏଣ୍ଡ ଟେକ୍ନୋଲୋଜି' (ବିଆଇଏମଟି) ପକ୍ଷରୁ 'ଜୀବନରେ ସମୟର ପରିଚାଳନା' ଶୀର୍ଷକ ଏକ ବିଶେଷ ଆଲୋଚନାଚକ୍ର ସହର ଉପକଣ୍ଠ ଫୁଲାଡ଼ି ସ୍ଥିତ କ୍ୟାମ୍ପସରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନରେ ସମୟ ସୁପରିଚାଳନା ଓ ସଫଳତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଉଦାହରଣ ଭାବେ ଉପସ୍ଥାପନ ସହ ଜୀବନର ପ୍ରତିକ୍ଷଣର ମୂଲ୍ୟବୋଧତା ସମ୍ପର୍କରେ ସେ ଆଲୋଚନା କରିଥିଲେ। ପ୍ରତିଟି କ୍ଷଣ ଜୀବନର ମୋଟ ସମୟରୁ ବିଯୁକ୍ତ ହୋଇ ଚାଲିଥିବା ବେଳେ ଏହାର ଅପଚୟ ନ କରି ଲକ୍ଷ୍ୟପଥରେ ଆଗେଇଯିବାକୁ ଶ୍ରୀ ଦାସ କହିଥିଲେ। ଜୀବନ କାଳ ମଧ୍ୟରେ ସମୟାନୁବର୍ତ୍ତିତା ହେବାରେ ହିଁ ସଫଳତା ଥାଏ ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। 'ବିଆଇଏମଟି'ର ଚେୟାରମ୍ୟାନ ଡ. ଶ୍ରୀମାନ ଶ୍ରୀଚନ୍ଦନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଆଲୋଚନାଚକ୍ରର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଅନ୍ୟତମ ନିର୍ଦ୍ଦେଶକ ଡାକ୍ତର ଆକାଶ ମୋଦି, ଅଧ୍ୟକ୍ଷ ଡ. ଗ୍ୟାସଉଦ୍ଦିନ, ବିଭାଗୀୟ ମୁଖ୍ୟ ଡ. ପ୍ରଦୀପ ଗିରି, ଶୁଭଲକ୍ଷ୍ମୀ ସାହୁ, ଚିତ୍ତରଂଜନ ନାୟକ ପ୍ରମୁଖ ଏଥିରେ ଯୋଗଦେଇ ସମୟର ଉଚିତ ପରିଚାଳନା ଓ ବ୍ୟବହାର ସମ୍ପର୍କରେ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ବି ନିଜର ଅନୁଭୂତି ସମ୍ପର୍କରେ ମତାମତ ରଖିଥିଲେ। ଟ୍ରଷ୍ଟି ମନୋଜ ଜେନା ଏଥିରେ ପ୍ରାକ କଥନ ରଖିଥିବା ବେଳେ ଅନ୍ୟତମ ଟ୍ରଷ୍ଟି ଅସିତ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୋଗୁପ୍ତା କାଦ୍ରି, ପ୍ରେମଜିତ ସିଂହ, ପଙ୍କଜ ମହାନ୍ତ, ନିର୍ମଳ ସେଠୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଚିଟଫଣ୍ଡ ମାମଲାରେ——— ଦୁଇ ଅଭିଯୁକ୍ତଙ୍କୁ ଜେଲଦଣ୍ଡ

ବାଲେଶ୍ୱର,୨୭।୪(ନି.ପ୍ର): ଠକେଇ ମାମଲାର ବିଚାର କରି ବାଲେଶ୍ୱର ଓପିଆଇଡି ଜଜ ବିଶ୍ୱଜିତ ଦାସ ଚିଟଫଣ୍ଡ ସଂସ୍ଥା 'ମିରାକଲ ୱାଣ୍ଡର ସେଲ୍ସ ଏଣ୍ଡ ମାର୍କେଟିଂ ପ୍ରାଇଭେଟ ଲିମିଟେଡ'ର ଦୁଇ ନିର୍ଦ୍ଦେଶକଙ୍କୁ ଦୋଷୀ ସାବ୍ୟସ୍ତ ସହ ଦଣ୍ଡାଦେଶ ଦେଇଛନ୍ତି। ସଂସ୍ଥାର ନିର୍ଦ୍ଦେଶକ ବାଲିଆପାଳ ଅଞ୍ଚଳର ମମତା ଦେ ଓ ରେମୁଣା ଅଞ୍ଚଳର ଲକ୍ଷ୍ମୀକାନ୍ତ ମହାରଣାଙ୍କୁ ୩ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ୫୧ ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୨୩ ମାସ ଜେଲଦଣ୍ଡ ପାଇଁ ରାୟରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ 'ମିରାକଲ ୱାଣ୍ଡର ସେଲ୍ସ ଏଣ୍ଡ ମାର୍କେଟିଂ ପ୍ରାଇଭେଟ ଲିମିଟେଡ' ନାମକ ଅଣବ୍ୟାଙ୍କିଙ୍ଗ ସଂସ୍ଥା ୨୦୧୧/୧୨ ମସିହାରେ ବାଲେଶ୍ୱର ସହରର ଏଫଏମ ଗୋଲେଇରେ ଅଫିସ ଖୋଲି ଅଧିକ ସୁଧର ଲୋଭ ଦେଖାଇ ଏଜେଣ୍ଟଙ୍କ ଜରିଆ ଜମା ସଂଗ୍ରହ କରୁଥିଲେ। ଅଧିକ ସୁଧ ଲୋଭରେ ସାଧାରଣ ଲୋକେ ନିଜର ସଞ୍ଚିତ ଅର୍ଥ ଏଥିରେ ଜମା କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ବର୍ଦ୍ଧିତ ଅର୍ଥ ପାଇବା ଆଶାରେ ଜମାକାରୀମାନେ ସଂସ୍ଥାର ଅଫିସକୁ ଯାଇ ନିରାଶ ହୋଇଥିଲେ। ସଂସ୍ଥାର ନିର୍ଦ୍ଦେଶକମାନେ ୯ଲକ୍ଷ ଟଙ୍କା ଠକିଥିବା ନେଇ ଜମାକାରୀ ରତ୍ନପ୍ରଭା ଦାସ ସହଦେବଖୁଣ୍ଟାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ସହଦେବଖୁଣ୍ଟା ଥାନା ପୁଲିସ ୩୦୦/୧୫ ନଂର ମାମଲା ରୁଜୁ କରିଥିଲା। ସିଟି କେସ ନଂ ୫(ସି)/୨୦୧୫ର ସମସ୍ତ ସାକ୍ଷୀଙ୍କ ବୟାନ ଓ ଆନୁସଙ୍ଗିକ ଦସ୍ତାବିଜକୁ ଭିତ୍ତିକରି ଓପିଆଇଡି ଜଜ ବିଶ୍ୱଜିତ ଦାସ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତର ଏହି ଦଣ୍ଡାଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

## ଜିଲ୍ଲା ପ୍ରଶାସନକୁ ବାଲି ଟ୍ରାକ୍ଟର ପ୍ରତିନିଧି ଦଳର ଦାବିପତ୍ର ପ୍ରଦାନ : ସମସ୍ୟାର ସମାଧାନ ଦାବି



ବାରିପଦା,୨୭/୪(ନିପ୍ର) : ବାରିପଦା ତଥା ଆଖପାଖର ବାଲି ପରିବହନକାରୀ ଟ୍ରାକ୍ଟର ଗୁଡ଼ିକର ମାଲିକ, ଚାଳକ ଏବଂ ସହାୟକମାନେ ଗତ ପ୍ରାୟ ଚାରି ମାସ ଧରି ସମ୍ମୁଖୀନ ହୋଇ ଆସୁଥିବା ଆର୍ଥିକ ଅସୁବିଧା ନେଇ ଆଜି ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନକୁ ଭେଟିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ପାଇଁ ସେମାନେ ଦାବି କରିଛନ୍ତି ଏବଂ ଏଥିନେଇ କର୍ତ୍ତୃପକ୍ଷ ବିଚାର କରିବେ ବୋଲି ଆଶ୍ୱାସନା ଦେଇଥିବା ସୂଚନା ମିଳିଛି। ଟ୍ରାକ୍ଟର ମାଲିକଙ୍କ କହିବା ଅନୁଯାୟୀ, ଗତ ବର୍ଷ ଡିସେମ୍ବର ୩୧ ତାରିଖ ପରଠାରୁ ଅଦ୍ୟାବଧି ବାଲି ଉଠାଣ ଏବଂ ପରିବହନ ପାଇଁ ସେମାନଙ୍କୁ ଅନୁମତି ଦିଆଯାଉନାହିଁ। ଫଳରେ ସେମାନେ, ସେମାନଙ୍କ ପରିବାର ବର୍ଗ ତଥା ଯା ଉପରେ ନିର୍ଭରଶୀଳ ଡ୍ରାଇଭର, ହେଲ୍ପର ଓ ତାଙ୍କ ପରିବାର ସଦସ୍ୟ ଚରମ ଆର୍ଥିକ ଦୁର୍ଗତି ଦେଇ ଗତି କରୁଛନ୍ତି। ଦ୍ୱିତୀୟତଃ, ଗାଡ଼ି ପାଇଁ ନିଆଯାଇଥିବା ବ୍ୟାଙ୍କ ଋଣର କିସ୍ତି ପରିଶୋଧ କରିବାରେ ବି କଷ୍ଟ ହେଉଛି। ତା ଉପରେ ପୁଣି କେତେବେଳେ କେମିତି ପେଟପାଟଣା ପାଇଁ ବାଲି ପରିବହନ ଲାଗି ଉଦ୍ୟମ କଲେ, ପ୍ରଶାସନ ପକ୍ଷରୁ ଗାଡ଼ି ଜବତ ପୂର୍ବକ ମୋଟା ଜୋରିମାନା ଆଦାୟ କରାଯିବାଟା ବେଡି ଉପରେ କୋରଡ଼ା ସଦୃଶ ହେଉଛି। ଏ ସମସ୍ତ କଥାକୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟୀ କଲେକ୍ଟର ପ୍ରମିଳା ମଲ୍ଲିକ ଶୁଣି, ସ୍ମାରକପତ୍ର ଗ୍ରହଣ କରି, ସମସ୍ୟା ସମାଧାନ ନିମନ୍ତେ ଉଦ୍ୟମ କରିବେ ବୋଲି କହିଥିବା ଜଣାଯାଇଛି। ଏହି ସ୍ମାରକପତ୍ର ପ୍ରଦାନକାରୀ ପ୍ରତିନିଧି ଦଳରେ ବିଶ୍ୱଜିତ ରଣା, ହିମାଂଶୁ ମହାପାତ୍ର, ଅନୁଜ ଦାସ, ମୁନା ଭାଇ, ବିପ୍ଳବ ନାୟକ, ବାପୁନ ହାବଡା, ବିନୟ କୁମାର ମିଶ୍ର, ରାଜୁ ସିଂ, ସଂଜୟ ମହାନ୍ତ, ସରୋଜ ବରାଜ, ପ୍ରଭାତ ଦାସ, ସୁରଜ ଦାସ, ଶଙ୍କର ମହାନ୍ତ, ଅଭିଜିତ ମହାପାତ୍ର ଓ ଗୌର ମହାନ୍ତ ପ୍ରମୁଖ ଟ୍ରାକ୍ଟର ମାଲିକ ମାନେ ତଥା ବରିଷ୍ଠ ନେତା କବିବିଷ୍ଣୁ ଶତପଥୀ ସାମିଲ ଥିବା ସୂଚନା ମିଳିଛି। ଟ୍ରାକ୍ଟର ମାଲିକ, ଚାଳକ ଓ ସହାୟକଙ୍କ ଜୀବନଜୀବିକାର ଏହି ସମସ୍ୟାକୁ ସହାନୁଭୂତିର ସହ ଶୀଘ୍ର କର୍ତ୍ତୃପକ୍ଷ ସମାଧାନ କରିବା ଉଚିତ ବୋଲି ଶ୍ରୀ ଶତପଥୀ ପରେ ଏଠାରେ ଏକ ବିବୃତିରେ ମତ ପ୍ରକାଶ କରିଛନ୍ତି।

## ଖରାଦିନ ପାଇଁ ତରଭୂଜ ଏକ ମହୋଷଧି : ଲେପର୍ସ କଲୋନୀରେ ତରଭୂଜ ବଣ୍ଟନ



ଭୁବନେଶ୍ୱର,୨୭/୪(ନିପ୍ର) : ଚାଲିଛି ଜଳଦାନ ମାସ । ଅସହ୍ୟ ଗ୍ରୀଷ୍ମ ତାତିରୁ ତୃଷାର୍ତ୍ତ ପଥିକଙ୍କୁ ଆଶ୍ୱସ୍ତି ପ୍ରଦାନ ଲାଗି ବିଭିନ୍ନ ସାମାଜିକ ଅନୁଷ୍ଠାନ, ସହୃଦୟ ବ୍ୟକ୍ତିବିଶେଷ କିଏ ଜଳଦାନ କରୁଛି ତ ଆଉ କେହି ଲେମ୍ବୁ ସରବତ, ଦହିପାଣି, ବେଲପଣା, ଲସି ଆଦି ବଣ୍ଟନ ସେବା ଜାରି ରଖିଥିବା ବେଳେ ସାମାଜିକ ଅନୁଷ୍ଠାନ ଚିନ୍ମୟୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସ୍ମାର୍ଟନଗରୀ ଭୁବନେଶ୍ୱର ଉପକଣ୍ଠ ଯାଁଳା ସ୍ଥିତ ଲେପର୍ସ କଲୋନୀର ଅନ୍ତେବାସୀଙ୍କୁ ଆଜି ତରଭୂଜ ବଣ୍ଟନ କରାଯାଇଛି । ଏ ସମ୍ପର୍କରେ ଟ୍ରଷ୍ଟର ପ୍ରତିଷ୍ଠାତା ସନ୍ତୋଷୀ ଜୈନ କୁହନ୍ତି ତାତିରୁ ତ୍ରାହି ଦେଇଥାଏ ତରଭୂଜ । ଖରାଦିନ ପାଇଁ ତରଭୂଜ ଏକ ମହୋଷଧି । ଏହା ତାତି ଜନିତ ବ୍ୟାଧି ଦୂର କରିବା ସହ ତୃଷ୍ଣା ମେଣ୍ଟାଇଥାଏ, ପେଟକୁ ଖାଦ୍ୟ ରୂପେ ଏହା କାମ କରିଥାଏ । ଶେଷରେ ବୁଲା ଗାଇଗୋରୁଙ୍କ କ୍ଷୁଧା ନିବାରଣ କରିଥାଏ । ଏଥିରେ ଅନେକ ପୋଷକ ତତ୍ତ୍ୱ ରହିଛି । ବହୁ ଗୁଣରେ ଏହା ଲାଭଦାୟକ । ଜଳଦାନ ମାସ ଅବସରରେ ଟ୍ରଷ୍ଟ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଏହିପରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଶ୍ରୀମତୀ ଜୈନ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ଚନ୍ଦ୍ରଶେଖର ପାଲ୍, ତ୍ରିଲୋଚନ ବେଉରା, ରୁକ୍ମଣୀ ଅଗ୍ରୱାଲ, ଲାଲାସାହେବ ଅଗ୍ରୱାଲ, ପ୍ରଦିପ କୁମାର ନାଏକ, ପ୍ରଦୀପ୍ତ ରଞ୍ଜନ ରାଉତ, ବ୍ରହ୍ମାକୁମାରୀ ପିଙ୍କି ଭଉଣୀଙ୍କ ସମେତ ଲେପର୍ସ କଲୋନୀର ସ୍ୱେଚ୍ଛାସେବୀ ପ୍ରମୁଖ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ସାଂସଦ ମାନସ ମଙ୍ଗରାଜଙ୍କୁ ଭେଟିଲେ ବିତରକ ସଂଘ କର୍ମକର୍ତ୍ତା



ଭୁବନେଶ୍ୱର,୨୭/୪ (ନିପ୍ର) : ଭୁବନେଶ୍ୱରର ୬ଟି ଖବରକାଗଜ ବିତରକ ସଂଘର କର୍ମକର୍ତ୍ତାମାନେ ରାଜ୍ୟସଭା ସାଂସଦ ତଥା ଓଡିଶା ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନଓ ରଞ୍ଜନ ମଙ୍ଗରାଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସଘଂର ସଦସ୍ୟମାନେ ସେମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ବିତରକମାନେ ସମ୍ମୁଖୀନ ହେଉଥିବା ଅନ୍ୟ କିଛି ସମସ୍ୟା ଦୂର ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସାଂସଦ ଶ୍ରୀ ମଙ୍ଗରାଜଙ୍କୁ ଅନୁରୋଧ କରିବା ସହ ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ସମ୍ବାଦପତ୍ର ବିତରଣ ସ୍ଥାନରେ ସେଡ୍ ନିର୍ମାଣ, ବିତରକ ମାନଙ୍କୁ ରାସନକାର୍ଡ ପ୍ରଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଓ ଆବାସ ଯୋଜନାରେ ସାମିଲ କରିବା, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଆର୍ଥିକ ସହାୟତା, ପରିଚୟପତ୍ର ନବୀକରଣ ଆଦି ଦାବି ରହିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ଯଥା ସମ୍ଭବ ଉଦ୍ୟମ କରିବାକୁ ଶ୍ରୀ ମଙ୍ଗରାଜ ପ୍ରତିଶ୍ରୁତି ଦେଇଛନ୍ତି। ନାଲକୋ ଛକ ନ୍ୟୁଜ ପେପର ଆସୋସିଏସନର ଅରୁଣ ଦେ, ଅଜିତ କୁମାର ସାହୁ, ଭୁବନେଶ୍ୱର ନ୍ୟୁଜ ପେପର ସପ୍ଲାୟର୍ସ ଆସୋସିଏସନର ଲିଙ୍ଗରାଜ ପାତ୍ର, କମଳାକାନ୍ତ ଖାମୁରାଇ, ଦିଲ୍ଲୀପ ଜେନା, ଅରୁଣ ଉଦୟ ପ୍ରଧାନ, ରାଜଧାନୀ ନ୍ୟୁଜ ପେପର ହକର୍ସ ୟୁନିୟନର ସମ୍ପଦ ସାହୁ, ଭାସ୍କର ସାହୁ, ବିଜୟ ସାମଲ, ରାଜଧାନୀ ନ୍ୟୁଜ ପେପର ୟୁନିୟନର ଅଜୟ ଜେନା, ସୁଶାନ୍ତ ରାଉତ, ରାଜେନ୍ଦ୍ର ପାତ୍ର, ପ୍ରଦୀପ ବେହେରା, ନ୍ୟୁ ରାଜଧାନୀ ବିତରକ ଆସୋସିଏସନର ମନୋଜ ବାରିକ, ବି ଏନ ସାହୁ, ଅଶୋକନଗର ଖବରକାଗଜ ବିତରକ ସଂଘର ମାୟାଧର ପହି, ରବୀନ୍ଦ୍ର ସାହୁ, ଅଲ୍ ନ୍ୟୁଜ ପେପର ସପ୍ଲାୟର୍ସ ସୋସିଆଲ ଆସୋସିଏସନରୁ ଅଭୟ ଯୋଗାଣିଆ, ଗୋବର୍ଦ୍ଧନ ପାଲ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ଗ୍ରୀଲ କାଟି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସମ୍ପତି



ନୀଳଗିରି ,୨୭/୪(ନିପ୍ର) : ନୀଳଗିରି ସହର ଓଲଡଙ୍ଗ ଛକ ନିକଟରେ ଏକ କୁକୁଡ଼ା କଟିଂ ସେଂଟର ଚାବି ଭାଙ୍ଗି କେହି ଦୁର୍ବୃତ ଏକ ଇନଭେଟର ଓ ୱେଲଡିଂ ମେସିନ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରୀ କରିନେଇଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଗତ ନଭେମ୍ବର ମାସରେ ନୀଳଗିରିର ଉଦୀୟମାନ ଯୁବକ ଚିନ୍ମୟ ଦାସ ଏକ କୁକୁଡ଼ା କଟିଂ ସେଂଟର କରି ନୀଳଗିରି ସହରର ଲୋକଙ୍କୁ ହୋମ ଡେଲିଭରି ଦେଇ ଆସୁଥିଲେ । ବୁଧବାର ରାତ୍ର ପ୍ରାୟ ୯ଘଟିକା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ସକାଳେ ଦୋକାନ ଖୋଲିବା ପାଇଁ ଆସି ଦେଖନ୍ତେ ଗ୍ରୀଲ ଭାଙ୍ଗି କେହି ଦୁର୍ବୃତ ଦୋକାନରେ ଇନଭେଟର, ୱେଲଡିଂ ମେସିନ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଥିବା ଦେଖିଥିଲେ । ପରେ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ ଦେବା ପରେ ନୀଳଗିରି ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି ।

## ବଜ୍ରାଘାତରେ ବାପା ମୃତ ପୁଅ ଗୁରୁତ୍ୱର

ବସ୍ତା୨୭.୪(ନିପ୍ର) ସିଂଲ୍ଲା ଥାନାର ଗୁଡୁଡିହାଗ୍ରାମର ମଧୁସୁଦନ ମଲିକ ବୟସ ଷାଠିଏ ମୃତ ପୁଅ ନିତ୍ୟାନନ୍ଦ ମଲିକ ତାଙ୍କଘରଠାରୁ ଦୁଇକିଲୋମିଟର ହେବ ସାହାଡା ଗ୍ରାମ ପ୍ରାଶ୍ୱରେ ଚିଙ୍ଗିଡିମାଛର ଗଡିଆ କରିଥିଲେ ପ୍ରତେକ ଦିନ ଉକ୍ତ ଚିଙ୍ଗିଡି ଗଡିଆ ପାଖକୁ ମାଛ ମାନଙ୍କର ଅବସ୍ଥା ଯାଣିବାପାଇଁ ଯାଇଥିନ୍ତ। ଆଜିସନ୍ଧ୍ୟାସମୟରେ ହଠାତ ଉକ୍ତ ଅଞ୍ଚଳରେ କଳାମେଘ ଘଡଘଡିସାଙ୍ଗକୁ ବର୍ଷା ଆରମ୍ଭ ହୋଇଯାଥିଲା ବାପ ପୁଅ ଦୁଇଜଣଯାକ ପୋଖରୀ ହୁଡରେ ଅସ୍ଥାୟୀ ଘର କୁ ପସିଯାଇଥିଲେ।ଠିକସମୟରେ ବ୍ରଜଘାତ ସେହିଅସ୍ଥାୟୀ ଘରେ ପଡିଥିଲା।ଘରଟି ସପୁର୍ଣ୍ଣ ଜଳିଯାଇଥିଲା ଘରଭିତରେ ଜଳିଯାଇ ମଧୁସୁଦନଙ୍କ ମୃତ୍ୟୁ ହୋଯାଇଥିଲା।ପୁଅନିତ୍ୟାନନ୍ଦ ଗୁରୁତ୍ୱ ଆହତ ହୋଇଥିଲେ ତାଙ୍କୁ ଡାକ୍ତର ଖାନାକୁ ଅଣାଯାଛି

ଶୁକ୍ରବାର, ଏପ୍ରିଲ ୨୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ମେ ୧ରେ 'ଓଡ଼ିଶା ସାମ୍ବାଦିକ ୟୁନିୟନ' ପ୍ରତିବାଦ ଦିବସ ପାଳିବ

ବାଲେଶ୍ୱର,୨୭।୪(ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ମେ ୧ ତାରିଖକୁ ପ୍ରତିବାଦ ଦିବସ ଭାବେ ପାଳନ କରିବାକୁ ସ୍ଥିର ହୋଇଛି। ପୁରୀ ଠାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି କ୍ରମେ ପ୍ରତି ଜିଲାରେ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ସଭାପତି ପ୍ରସନ୍ନ କୁମାର ମହାନ୍ତି ପରାମର୍ଶ ଦେଇଛନ୍ତି। ରାଜ୍ୟର ସାମ୍ବାଦିକମାନଙ୍କ ସମୂହ କଲ୍ୟାଣ ତଥା ସ୍ୱାର୍ଥ ସୁରକ୍ଷା ପାଇଁ ଅହରହ କାର୍ଯ୍ୟ କରି ଆସୁଥିବା ଓଡ଼ିଶା ସାମ୍ବାଦିକ ୟୁନିଅନର ଏହି ନିଷ୍ପତ୍ତି ଅନୁସାରେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସେହିଦିନ ପ୍ରତିବାଦ ଦିବସ ପାଳନ କରାଯିବ ବୋଲି ଧାର୍ଯ୍ୟ ହୋଇଛି। ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ପେନସନ ବ୍ୟବସ୍ଥା ଲାଗୁ, ବୀମା ରାଶି ୨ଲକ୍ଷ ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ସାମ୍ବାଦିକ ଅଧିସ୍ୱୀକୃତି କମିଟି ପୁନର୍ଗଠନ ଆଦି ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ଯୋଗଦେଇ ପ୍ରତିବାଦ ଦିବସକୁ ସଫଳ କରିବାକୁ ସଭାପତି ଗଙ୍ଗାଧର ରାଉତ, ସଂପାଦକ ବିବେକାନନ୍ଦ ଦାସ, ରାମନାରାୟଣ ଶତପଥୀ, ଅନାମ ଚରଣ ପଣ୍ଡା, ମନୋଜ କୁମାର ରାଉଳ, ଟାଉନ ସଭାପତି ମହମ୍ମଦ ହାଇଦର ଖାନ, ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ରତିକାନ୍ତ ପାଢ଼ୀ, ଆଲୋକ କୁମାର ବାରିକ, ଚନ୍ଦ୍ରମୋହନ ମହାପାତ୍ର, ଅଜିତ କୁମାର ମହାନ୍ତି ପ୍ରମୁଖ ନିବେଦନ କରିଛନ୍ତି।

# ଚାଲନ୍ତି ରେଳ ଉଡନ୍ତା ପୋଲର ଲୋକାର୍ପଣ ନିର୍ମାଣ ଶେଷ ନହୋଇ ଉଦ୍‌ଘାଟନକୁ ବିଜେଡିର ପ୍ରତିବାଦ : ଯାତ୍ରାରେ ପ୍ରତିବନ୍ଧକ ନଥିବା ବିଜେପିର ଦାବି

ଜଳେଶ୍ୱର,୨୭/୪(ନି.ପ୍ର): ଖଡଗପୁର-ଭଦ୍ରକ ରେଳ ସେକ୍ସନର ୫୨ନଂ ରେଳ ଉଡନ୍ତାପୋଲର ଆଜି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଖଡଗପୁର ରେଳ ଡିଭିଜନ ପକ୍ଷରୁ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏହି ପୋଲର ସମସ୍ତ କାର୍ଯ୍ୟ ଶେଷ ହୋଇନଥିବାରୁ ଏବଂ ସ୍ଥାନୀୟ ବିଜେଡି ନେତାଙ୍କୁ ନିମନ୍ତ୍ରଣ ହୋଇନଥିବା ଅଭିଯୋଗରୁ ଦଳପକ୍ଷରୁ ପ୍ରତିବାଦ କରାଯାଇଥିଲା। ଅନ୍ୟପକ୍ଷରେ ସାଂସଦ ପ୍ରତାପ ଷଡଙ୍ଗୀ ଏହାକୁ ଲୋକାର୍ପିତ କାରି ଜଳେଶ୍ୱରରୁ ବାଲେଶ୍ୱର ସଡକପଥରେ ଯାତାୟାତ ଲାଗି ଏଣିକି ପ୍ରତିବନ୍ଧକ ନ ଥିବା ସ୍ପଷ୍ଟ କରିଥିଲେ। ୨୦୧୬-୧୭ ମସିହାରେ ଜଳେଶ୍ୱରର ଚାଲନ୍ତୀଠାରେ ୫୨ନଂ ଉଡନ୍ତା ରେଳପୋଲ ଏବଂ ଜଳେଶ୍ୱର ନୂଆବଜାରଠାରେ ୪୫ନଂ ରେଳ ଉଡନ୍ତା ପୋଲର କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ରେଳ ବିଭାଗର ୧ ଭାଗ ଓ ଓଡିଶା ରାଜ୍ୟ ପୂର୍ତ୍ତବିଭାଗର ୨ ଭାଗ ଅର୍ଥ ସହଭାଗିତାରେ ଉକ୍ତ ଉଡନ୍ତା ରେଳ ପୋଲ ନିର୍ମାଣ ଶେଷ ପର୍ଯ୍ୟାୟରେ



ପହଞ୍ଚିଛି। ଗତ ୩୦-୬-୨୧ ସୁଦ୍ଧା ରେଳ ବିଭାଗ ତାର ଅଂଶ କାର୍ଯ୍ୟ ଶେଷ କରିଥିବା ବେଳେ ରାଜ୍ୟ ସରକାରଙ୍କ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇନାହିଁ। ଆଜି ଚାଲନ୍ତିଠାରେ ଉଡନ୍ତା ରେଳ ପୋଲରର ଲୋକାର୍ପଣ ଉତ୍ସବରେ ରାଜ୍ୟ ସରକାରଙ୍କ କୌଣସି ପଦାଧିକାରୀ ଓ ମନ୍ତ୍ରୀଙ୍କର ନାମ ଫଳକରେ ନ ଥିବାରୁ ବିଜେଡି ପକ୍ଷରୁ କ୍ଷୋଭ ପ୍ରକାଶ ପାଇଥିଲା। ବ୍ଲକ ସଭାପତି ଦିଲ୍ଲିପ ସାମଲଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି ପ୍ରମୁଖଙ୍କ ସହିତ ବହୁ ନେତୃମଣ୍ଡଳୀ ବକ୍ତବ୍ୟ ରଖିଥିଲେ। ଦ୍ୱି ପ୍ରହରରେ ପ୍ରତିବାଦ ସଭା ଶେଷ ହେବାପରେ ସାଂସଦ ପ୍ରତାପ ସଡଙ୍ଗୀ ସଦଳବଳେ ଆସି ଲୋକାର୍ପଣ କରିଥିଲେ। ଜଳେଶ୍ୱର ବିଶ୍ୱସ୍ତରୀୟ ଏକ ଷ୍ଟେସନ ହେବାକୁ ଯାଉଥିବା ସେ ପ୍ରକାଶ କରିଥିଲେ। ଆସନ୍ତା ଦିନରେ ଅନ୍ୟବହୁ ବିକାଶମୂଳକ କାର୍ଯ୍ୟ ହେବାକୁ ଯାଉଥିବା ସେ କହିଥିଲେ। ତାନିଆ ମୁଖାର୍ଜୀଙ୍କ ସଂଯୋଜନାରେ ଡିଆରଏମ୍ ଏମ୍ଏସ୍ ହାସମି, ସିନିୟର ଡିସିଏମ୍ ରାଜେଶ କୁମାର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ଗଣ୍ଡଗୋଳକୁ ନଜରରେ ରଖି ରେଳବାଇ ଏସ୍‌ପି ଆଲୋକ କୁମାର ସଦଳବଳେ ଡେରା ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ଅରୁଣ ବେଜ, ସମୀର ପାତ୍ର, ପ୍ରବିର ପ୍ରଧାନ, ଫାଲଗୁନୀ ପାଣିଗ୍ରାହୀ, ସାନ୍ତନୁ ପଟ୍ଟନାୟକ, ସାବିତ୍ରୀ ଜେନା, ଚନ୍ଦନ ଦାସ, ସୁମତୀ ଦେ, ସିଦ୍ଧାର୍ଥ ପାଳ, ପରମାନନ୍ଦ ମହାପାତ୍ର, ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପର୍ଶୁରାମ ପରିଡା, ଜିଲା ଯୁବସଭାପତି ରାଜେଶ ମହାପାତ୍ର ପ୍ରମୁଖ ବହୁ କର୍ମୀର ଉପସ୍ଥିତ ଥିଲେ।

# ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଶିକ୍ଷା, ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କଲା ନୀଳଗିରି ଏ.ବି.ଭି.ପି.

ନୀଳଗିରି ,୨୭/୪(ନିପ୍ର) : ଓଡ଼ିଶାର ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଶିକ୍ଷା, ସୁରକ୍ଷା ଓ ଆଇନଶୃଙ୍ଖଳାକୁ ବିରୋଧ କରି ନୀଳଗିରି ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ଦୁର୍ଗାମଣ୍ଡପ ଛକ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରାଯାଇଛି। ଓଡ଼ିଶାରେ ଆଇନଶୃଙ୍ଖଳା ସଂପୂର୍ଣ୍ଣ ଭାବେ ଭୁଷୁଡ଼ିବା ଭଳି ସ୍ଥିତିରେ ଥିବା ବେଳେ ଶିକ୍ଷା ବ୍ୟବସ୍ଥାରେ ମଧ ସଂପୂର୍ଣ୍ଣ ଭାବେ ବ୍ୟତିକ୍ରମ ଦେଖାଦେଇଛି। ଓ.ଏସ.ଏସ. ସି. ପରୀକ୍ଷାରେ ପ୍ରଶ୍ନପତ୍ର ମୁଦ୍ରଣ ତୃଟି, ପରୀକ୍ଷା ବାତିଲ, ମ୍ୟାଟ୍ରିକ ପରୀକ୍ଷାରେ ୧୫ହଜାରରୁ ଉର୍ଦ୍ଧ୍ୱ ପିଲା ପରୀକ୍ଷଣ ଦେଇ ନ ପାରିବା, ମାଳ ମାଳ ଅଧାପକ ପଦବୀ ଖାଲି, ରାଜ୍ୟର ଅଧିକାଂଶ କଲେଜ, ବିଶ୍ୱ ବିଦ୍ୟାଳୟରେ ଅଣଛାତ୍ରଙ୍କ ପ୍ରବେଶ ସହ ଶିକ୍ଷା ପରିସରକୁ



ଅଶାନ୍ତ କରିବା ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ମହିଳା ଅସଦାଚରଣ ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଇଛି। ହକି ବିଶ୍ୱକପ ସମୟରେ ଜଣେ ଦିବ୍ୟାଙ୍ଗ ଛାତ୍ରୀକୁ ରେଳ ଷ୍ଟେସନରେ ଗଣଦୁର୍ଷ୍କର୍ମ ହେଉ କିମ୍ବା ବିଜେବି କଲେଜ ଛାତ୍ରୀ ରୁଚିକାକୁ ଆଜି ପର୍ଯ୍ୟନ୍ତ ନ୍ୟାୟ ନ ମିଳିବା ଭଳି ବହୁ ମହିଳା ଅପରାଧିକ ମାମଲାରେ ସରକାର ଫେଲ ମାରିଛନ୍ତି। ଏଣୁ ସବୁ ପ୍ରକାର ତୃଟିର ସମାଧାନ ଏବଂ ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ଆଇନଶୃଙ୍ଖଳା, ଖାଲି ପଡ଼ିଥିବା ୨.୨୬ ଲକ୍ଷ ସରକାରୀ ପଦବୀରେ ତୁରନ୍ତ ନିଯୁକ୍ତି ଆଦି ବିଭିନ୍ନ ଘଟଣାକୁ ମୁଖ୍ୟମନ୍ତ୍ରୀ ନିଜେ ଧ୍ୟାନ ଦେବା ସହ ସମାଧାନ କରନ୍ତୁ। ନଚେତ ଗାଦି ଛାଡ଼ନ୍ତୁ ବୋଲି ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଂପାଦକ ଅରିଜିତ ପଟ୍ଟନାୟକ କହିଛନ୍ତି। ଏହି ବିକ୍ଷୋଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ମାଝୀ, ନଗର ସମ୍ପାଦକ ସାଇ ସତ୍ୟପ୍ରକାଶ ପ୍ରଧାନ, ସହ ସମ୍ପାଦକ ସଂଜୀବ କୁମାର ମହାରଣା, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲଭ ରାଉତ, ଉମାକାନ୍ତ ଜେନା, ପ୍ରଦୀପ ଜେନା, ଦେବୀ ପ୍ରସାଦ ସିଂହ, ଗଣେଶ ଟୁଡ୍ଡୁ, ମହେଶ୍ୱର ଟୁଡ୍ଡୁ, ବିକାଶ ସିଂହ, ଗଣେଶ ମାଝୀ, ଦିବାକର ମଲ୍ଲିକ ଆଦି ଉପସ୍ଥିତ ଥିଲେ।

# ଯୁବ ସମାଜସେବୀ ଶିବାନୀ ଶଙ୍କରଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୨୭/୪(ନିପ୍ର) : ୩୫ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିବା ଯୁବ ବ୍ୟବସାୟୀ ତଥା ସମାଜସେବୀ ଶିବାନୀ ଶଙ୍କର ମିଶ୍ରଙ୍କର ଏକାଦଶାହ ଉପଲକ୍ଷେ ତାଙ୍କ ଗରଦପୁରସ୍ଥ ବାସ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅଧିବକ୍ତା ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ



ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, କବି କୈଳାସ ଦାସ,ଶ୍ରୀଯୁକ୍ତ ରାମଚନ୍ଦ୍ର କର, ରବିନାରାୟଣ ଜେନା, ସ୍ନେହ ରଞ୍ଜନ ମାଝୀ, ରଞ୍ଜନ ମହାନ୍ତି, ସୁଧାଂଶୁ ମହାନ୍ତି, ରମେଶ ମାଝୀ, ଟୁଟୁଲା ମାଝୀ, ହରିହର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ୰ ଶିବାନୀ ଶଙ୍କର 'ଭଦ୍ରକ ସୋସୋସିଆଲ ସର୍ଭିସ' ଅନୁଷ୍ଠାନର ଜଣେ ସଦସ୍ୟ ଭାବେ କରୋନା ସମୟରେ କୋଭିଡ ଯୋଦ୍ଧା ଭାବରେ ସକ୍ରିୟ ଭୂମିକା ନିର୍ବାହ କରି କିପରି ନିଜ ଜୀବନକୁ ବାଜି ଲଗାଇ ସମାଜ ପାଇଁ ନିଜକୁ ସମର୍ପି ଦେଇଥିଲା ସେ ସଂପର୍କରେ ସମସ୍ତେ ବକ୍ତବ୍ୟ ଛଳରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# 'ସହାୟକ' ପକ୍ଷରୁ ଆର୍ଥିକ ଅନଗ୍ରସର ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହାୟତା

ବାଲେଶ୍ୱର,୨୭/୪(ନିପ୍ର) : ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ପକ୍ଷରୁ ଜଣେ ଭୂମିହୀନ ଆର୍ଥିକ ଅନଗ୍ରସର ଅନୁସୂଚିତ ପରିବାରକୁ ଗୁରୁବାରଦିନ ସହାୟତା ରାଶିପ୍ରଦାନ କରାଯାଇଛି। ବାଲେଶ୍ୱର ପୌରାଞ୍ଚଳ ଅଧିନସ୍ଥ ୨୮ ନମ୍ବର ୱାର୍ଡ଼ ବାସିନ୍ଦା ଶ୍ରୀ ସୁରେନ୍ଦ୍ର ଜେନାଙ୍କ ପତ୍ନୀ ବାସନ୍ତୀ ଜେନା କିଡ୍‌ନୀ ରୋଗରେ ଦୀର୍ଘଦିନ ପିଡ଼ିତ ହୋଇ ଗତ ୧୯ ତାରିଖ ଦିନ କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ। ପରିବାରର ସମସ୍ତ ଆର୍ଥିକ ସମ୍ବଳ ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇସାରିଥିବାରୁ ପରିବାର ସଦସ୍ୟମାନେ ଶୁଦ୍ଧିକ୍ରିୟା ପାଇଁ ଅସମର୍ଥ ଥିଲେ। ବାସନ୍ତୀଙ୍କ ମୃତ୍ୟୁର ନବମ ଦିନରେ 'ସହାୟକ'ର ସଭ୍ୟସଭ୍ୟାମାନେ



ତାଙ୍କ ଘରେ ପହଞ୍ଚି ନିଜ ମଧ୍ୟରୁ ସଂଗ୍ରହ କରିଥିବା ଅର୍ଥ ଶ୍ରୀ ଜେନାଙ୍କୁ ପ୍ରଦାନ କରି ତାଙ୍କ ପତ୍ନୀଙ୍କ ଏକାଦଶାହ ଓ ଶୁଦ୍ଧିକ୍ରିୟା କାର୍ଯ୍ୟରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ୨୮ ନମ୍ବର ୱାର୍ଡ଼ ତଥା ଗୋପାଳଗାଁର ତଳିଆ ଅଞ୍ଚଳରେ ଏକ ସରକାରୀ ଜମିରେ ଶ୍ରୀ ଜେନା ଦୀର୍ଘବର୍ଷ ଧରି ଏକ କୁଡ଼ିଆଘରେ ବସବାସ କରିଆସୁଥିଲେ ମଧ ନିଜ ନାମରେ ଜମିର ପଟ୍ଟା ନଥିବାରୁ ସେ ସରକାରଙ୍କ ପକ୍ଷରୁ ବାସଗୃହ ନିର୍ମାଣ ପାଇଁ ସହାୟତା ଅର୍ଥ ପାଇପାରୁନାହାନ୍ତି। ପୁଅମାନେ ଦିନ ମଜୁରିଆଭାବେ ଅତ୍ୟନ୍ତ ଦୈନ୍ୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଏପରି ଦୁଃସମୟରେ 'ସହାୟକ'ର ଆର୍ଥିକ ସହାୟତାକୁ ସାଧାରଣରେ ପ୍ରଶଂସା କରାଯାଉଛି। 'ସହାୟକ'ର ସଭାପତି ଇଂ. ସୁରେନ୍ଦ୍ରନାଥ ଦାସ, ସଂପାଦକ ବିଜୟ ଦାସଅଧିକାରୀଙ୍କ ସମେତ ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଗୁଣାକର ଦେ, ଦିବାକର ମହାପାତ୍ର, ସଚୀନ୍ଦ୍ର ଦାସ, ହରିଶ୍ଚନ୍ଦ୍ର ସାହୁ, ପ୍ରତିମା ପଣ୍ଡା, ପ୍ରଣିତା ମିଶ୍ର, ସାବିତ୍ରୀ ଦାସ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ସଦସ୍ୟ, ସଦସ୍ୟା, ସୁରେନ୍ଦ୍ର ଜେନା ଓ ତାଙ୍କ ପରିବାରବର୍ଗଙ୍କୁ ସାକ୍ଷାତ କରି ସହାୟତା ଅର୍ଥ ପ୍ରଦାନ କରିଥିଲେ।

# ସମଲିଙ୍ଗୀ ବିବାହ ବିରୋଧରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଭଦ୍ରକ,୨୭/୪(ନିପ୍ର) : ନାରୀ ସମାଜ ତରଫରୁ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ସମଲିଙ୍ଗୀ ବିବାହ ବିଷୟକୁ ନେଇ ତତ୍ପରତା ବିରୋଧରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଏକ ସ୍ମାରକପତ୍ର ଭଦ୍ରକ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରେରିତ କରାଯାଇଛି। ସମଗ୍ର ରାଷ୍ଟ୍ରରେ ଆଜି ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଥିବାବେଳେ ସୁପ୍ରିମକୋର୍ଟରେ ଅନେକ ଜଟିଳ ବିଷୟ ବିଚାରଧିନ ଅଛି ମାନ୍ୟବର ସୁପ୍ରିମକୋର୍ଟ ତାହାର ଶୁଣାଣି ଓ ନିଷ୍ପତ୍ତି ନେବାରେ ଗୁରୁତ୍ୱ ଦେଉନଥିବା ବେଳେ ସୁପ୍ରିମକୋର୍ଟରେ ସମଲିଙ୍ଗୀ ବିବାହ ବ୍ୟବସ୍ଥା ପାଇଁ ତତ୍ପରତା ଦେଖାଇବା ଆଶ୍ଚର୍ଯ୍ୟଜନକ। ଭାରତ ବିଭିନ୍ନ ଧର୍ମ, ଜାତି, ଉପଜାତିର ସମାହାର। ପ୍ରାକ୍



ବୈଦିକ କାଳରୁ ପୁରୁଷ ମହିଳାଙ୍କ ମଧ୍ୟରେ ବିବାହକୁ ସ୍ୱୀକୃତି ଦିଆଯାଇଛି। ଏହି ବିବାହ କେବଳ ବ୍ୟକ୍ତିଗତ ବ୍ୟବସ୍ଥା ନୁହେଁ ବରଂ ଏହା ମାନବ ଜାତିର ଅଗ୍ରଗତି। ବିବାହ ବ୍ୟବସ୍ଥାକୁ ଏକ ପବିତ୍ର ମିଳନ ଭାବରେ ଭାରତୀୟ ସଂସ୍କୃତି ସ୍ୱୀକୃତି ଦେଇଛି। ବିଦେଶି ପରମ୍ପରା ପରି ଏହା କେବଳ ଏକ ଚୁକ୍ତିନାମା ନୁହେଁ, ଏହା ସମୟ ପରୀକ୍ଷିତ ଅନୁଷ୍ଠାନ ଏବଂ ଏହାକୁ ଦୁର୍ବଳ କରିବା ଦ୍ୱାରା ଭାରତର ସାମାଜିକ ସ୍ଥିତି ଭୁଷୁଡି ପଡିବ। ସମଲିଙ୍ଗୀ ହେଉଛି ସଂସ୍କୃତି ବିରୋଧି ଏବଂ ପ୍ରକୃତି ବିରୋଧି। ପ୍ରକୃତି ପୁରୁଷ, ନାରୀ ସୃଷ୍ଟି କରିଛି, ସେମାନେ ପରସ୍ପର ପରିପୂରକ। ଭାରତୀୟ ସଂସ୍କୃତିରେ ବିବାହ ଏକ ବନ୍ଧନ, ଦୁଇଟି ପରିବାରର ସମ୍ପର୍କର ସେତୁ ସୃଷ୍ଟି କରେ। ଏହା ଏକ ସାମାଜିକ ବ୍ୟବସ୍ଥା। ସମସ୍ତେ ପରସ୍ପରକୁ ଭଲ ପାଇବାରେ କୌଣସି ସମସ୍ୟା ନୁହେଁ କିନ୍ତୁ ବିବାହର ସ୍ୱୀକୃତି ହେବା ଆଦୌ ସମୀଚୀନ ନୁହେଁ। ପଶୁପକ୍ଷୀ ମଧ ଏହି ପ୍ରକୃତିର ନିୟମରେ ବନ୍ଧା। ମଣିଷ ସମଲିଙ୍ଗୀ ହୋଇ ପଶୁ ପକ୍ଷୀ ଠାରୁ ହୀନ ହୋଇଯିବକି ବୋଲି ପ୍ରଶ୍ନ ସୃଷ୍ଟି ହେଉଛି। ଏଥିପାଇଁ ଆଜି ଭଦ୍ରକର ମହିଳା ସମାଜର ପ୍ରତିନିଧିମାନେ ଶ୍ରୀମତୀ ସରୋଜିନୀ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରାମଚନ୍ଦ୍ର ଟୁଡୁଙ୍କୁ ଭେଟି ଜ୍ଞାପନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଳୀନୀବାଳା ଦାଶ, ମଧୁସ୍ମିତା ମହାପାତ୍ର, କବିତା ସାହୁ, ରୁଲତା ସ୍ୱାଇଁ, ସିପ୍ରା ରାଉତ, ମୋନାଲିସା ରାଉତ, ପ୍ରିୟଙ୍କ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରିରେ ନୂତନ ହନୁମାନ ମନ୍ଦିରର ଭୂମିପୂଜନ



ନୀଳଗିରି,୨୭/୪(ନିପ୍ର) : ନୀଳଗିରି ସହର ଉପକଣ୍ଠ ତଥା ୭ନଂ. ୱାର୍ଡ ବାଲିଗୋହିରୀ ଗ୍ରାମ ଦାସସାହିରେ ଥିବା ପୁରାତନ ହନୁମାନ ମନ୍ଦିରର ସ୍ଥିତି ସଂକଟାପନ୍ନ ଥିବାରୁ ଏହାକୁ ନୂତନ ଭାବରେ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଗୁରୁବାର ଭୂମିପୂଜନ ହୋଇଯାଇଛି। ନୀଳଗିରି ଏନ.ଏ.ସି. ଅଧକ୍ଷାଙ୍କ ଦ୍ୱାରା ଏହି ଭୂମି ପୂଜନ ସଂପନ୍ନ ହୋଇଥିଲା। ପୁରାତନ ମନ୍ଦିରଟି ଏକ ଛୋଟ ମନ୍ଦିର ଥିବା ବେଳେ ରାସ୍ତାର ପ୍ରଶସ୍ତିକରଣ ଏବଂ ରାସ୍ତାଟି ଉଚ୍ଚ ହୋଇଯିବା ଫଳରେ ମନ୍ଦରଟି ପୋତି ହୋଇଯାଇଛି। ତେଣୁ ୧୯୭୫ ମସିହାରେ ନିର୍ମିତ ମନ୍ଦରର ପୁନରୁଦ୍ଧାର ହୋଇ ନ ପାରିବାରୁ ମନ୍ଦିର ନିକଟରେ ଏକ ନୂତନ ମନ୍ଦିର ନିର୍ମାଣ ପାଇଁ ଅଂଚଳର କିଛି ସହୃଦୟ ଲୋକ ନୂତନ ମନ୍ଦିର ନିର୍ମାଣ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ତେଣୁ ଏହି ଉପଲକ୍ଷେ ଆଜି ଏହି ଭୂମିପୂଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳଗିରିର ବିଶିଷ୍ଟ ଉଦ୍ୟୋଗପତି ତଥା ସମାଜସେବୀ ଦୀପ୍ତିକାନ୍ତ ମହାପାତ୍ର, ନଗର ଏସି.ସି ସେଲର ଅଧକ୍ଷ ଶରତ ଦାସ, ସମାଜସେମୀ ଶ୍ରୀଧର ଦାସ, ରମାକାନ୍ତ ଦାସ, ଆଦିକନ୍ଦ ଦାସ, ଦୀପକ ଦାସ,ପ୍ରଭାତ ଦାସ, ଶଶିଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ବର୍ଷେ ମଧରେ ଏହି ଭବ୍ୟମନ୍ଦିର ନିର୍ମାଣ ସାରି ପୁରାତନ ମନ୍ଦିରର ହନୁମାନ ବିଗ୍ରହ ପୁନଃସ୍ଥାପନ କରାଯିବ ବୋଲି କର୍ମକର୍ତାମାନେ ଜଣାଇଛନ୍ତି।

# ବସ୍ତା ଓ ଆଖପାଖରେ ମନ୍ଦିରଚୋରୀ ରାକେଟର ପର୍ଦ୍ଦାଫାଶ କଲେ ବସ୍ତା ପୋଲିସ

ବସ୍ତା୨୭।୪(ନିପ୍ର) ଗୁରୁବାର ବସ୍ତା ଏସଡିପିଓ ଅଫିସ ସମ୍ମିଳନି କକ୍ଷରେ ସାମ୍ବାଦିକ ମାନଙ୍କୁନେଇ ଏକ ପ୍ରେସମିଟ ହୋଇଯାଇ ଅଛି। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧିନ ଅଞ୍ଚଳଗୁଡିକରେଥିବା ୩ ଟି ମନ୍ଦିର ଚୋରି ରାକେଟର ପର୍ଦ୍ଦାଫାଶ, ଗ୍ରାମବାସୀ ଙ୍କ ସହଯୋଗ କ୍ରମେ ପୋଲିସ ବନଜାରା (କୁଆଖିଆ)ମାନଙ୍କ ଠାରୁ ଅଢେଇ କେଜିରୁ ଉର୍ଦ୍ଧ୍ୱ ସୁନା ରୂପା ଉଦ୍ଧାରକରିଛି। ଘଟଣା ରେ ୬ ମହିଳା, ଦୁଇ ପୁରୁଷ ସମେତ ଏକାଧିକ ପିଲା ଅଟକ ଅଛନ୍ତି। ସୂଚନା ଅନୁସାରେ ଗତ ଦୁଇ ଦିନ ତଳ ବସ୍ତା ଥାନା ବ୍ରାହ୍ମଣଦା ପଞ୍ଚାୟତ ର ଗ୍ରାମର ଭଗବତୀ ମନ୍ଦିର, ରଣାମୁଣ୍ଡଳୀ ଗ୍ରାମ ର କାଳିକା ମନ୍ଦିର, ବସ୍ତା ବଜାର ସ୍ଥିତ ସିଦ୍ଧି ବିନାୟକ ମନ୍ଦିରରୁ ଚୋରି କରି ଦୁର୍ବୃର୍ତ୍ତ ମାନେ ଫେରାର ହୋଇଯାଇଥିଲେ। ତେବେ ବ୍ରାହ୍ମଣଦା ଗ୍ରାମର କିଛି ଲୋକ ପାଞ୍ଚଟି ଗୃପ ହୋଇ ବିଭିନ୍ନ ସ୍ଥାନରେ ରେଳଷ୍ଟେନ ବସ ରହିବାସ୍ଥଳୀ ଖୋଜାଖୋଜି କରୁଥିବା ସମୟରେ ରାଜଘାଟ ରେଳଷ୍ଟେସନ ରେ କିଛି ବନଜାରା ମାନେ ଟ୍ରେନ ଛିଡ଼ା ହୋଇଥିବା ଦେଖି ଇତସ୍ତତଃ ହୋଇ ଗାଡ଼ିରେ ଉଠିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ମାନେ ସେମାନଙ୍କୁ ଅଟକ ରଖି ସେମାନଙ୍କ ର ବ୍ୟାଗ ସବୁ ଯାଞ୍ଚ କରିବା ସମୟରେ ଠାକୁରାଣୀଙ୍କ ଗହଣାମିଳିବା ପରେ



ବସ୍ତା ଥାନାକୁ ଖବର ଦିଆଯାଇଥିଲା। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୬ ଜଣ ମହିଳା, ଏକାଧିକ ଜଣ ପିଲା ସମେତ ୨ ଜଣ ପୁରୁଷ ଙ୍କୁ ଗିରଫ କରିଥିବା ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ଏସଡିପିଓ ଜଳନ୍ଧର ଜାଲି। ବସ୍ତା ଥାନା ଅଧିକାରୀ ବାରୁଣିଦାସ ଓ ସମସ୍ତ ପୁଲିସକର୍ମଚାରୀ ଉପସ୍ଥିତଥିଲେ। ତେବେ ସମସ୍ତ ବନଜାରା ମାନେ ପଶ୍ଚିମବଙ୍ଗ ର ମେଦେନାପୁର ଅଞ୍ଚଳ ର ହୋଇଥିବା ବେଳେ ସେମାନଙ୍କ ନିକଟରୁ ତିନି କେଜିରୁ ଉର୍ଦ୍ଧ୍ୱ ସୁନା ରୂପା ଉଦ୍ଧାର କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo